R.N.I. REGN. No. 65000/96 POSTAL REGN. No. OR/BN-32/12-14

समय SAMAYA

# ସମୟ

(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 203, 28 April 2024, Sunday, Balasore, Price: 5.00 Online Portal-www.odishasamaya.com, samayaepaper.com, odishasamaya, thesamayanews@gmail.com, www.samayalive.in

Bhubaneswar | Balasore | Angul | Berhampur | Sambalpur




# ଟକମକ ଫୁଟୁଛି ଓଡ଼ିଶା

ଭୁବନେଶ୍ୱର, ୨୭।୪ (ସବ୍ୟୁ) : ଓଃ କି ତାତି । ସାରା ରାଜ୍ୟ ଟକମକ ଫୁଟୁଛି । ଉପକୂଳଠୁ ଆଭ୍ୟନ୍ତର ସବୁଠି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । କାନ୍ଥ ବାଡ଼ ସବୁ ତତେଇ ଦେଉଛି । ଘରେ ରହି ହେଉଛି କି ବାହାରେ ବସି ହେଉଛି । ରାତିରେ ବି ଗରମ ହୁଳା ବାହାରୁଛି । ବିଶ୍ୱର ୧୫ଟି ଉତ୍ତପ୍ତ ସହର ଭିତରେ ରହିଛି ଅନୁଗୁଳ ଓ ଭୁବନେଶ୍ୱର । ଅନୁଗୁଳରେ ସର୍ବାଧିକ ୪୪.୭ ଡିଗ୍ରୀ ଓ ଭୁବନେଶ୍ୱରରେ ୪୪.୬ ଡିଗ୍ରୀ ରେକର୍ଡ ହୋଇଛି । ଆହୁରି ୪ଦିନ ଭୀଷଣ ଗ୍ରୀଷ୍ମ ପ୍ରବାହ ହେବ । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ ବିଭାଗର କହିବାନୁସାରେ, ରେକର୍ଡ କରିଛି ରାଜଧାନୀ ଭୁବନେଶ୍ୱରର ତାପମାତ୍ରା । ଚଳିତ ସିଜିନରେ



ପ୍ରଥମଥର ପାଇଁ ଦିନର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଅତିକ୍ରମ କରିଛି । ଭୁବନେଶ୍ୱରରେ ଏପ୍ରିଲ ମାସରେ ୪ର୍ଥ ସର୍ବୋଚ୍ଚ ତାପମାତ୍ରା ଶନିବାର ରେକର୍ଡ କରାଯାଇଛି । ଶେଷଥର ପାଇଁ ଏପ୍ରିଲ ୧ ତାରିଖ ୨୦୨୧ରେ ରାଜଧାନୀର ସର୍ବୋଚ୍ଚ ତାପମାତ୍ରା ୪୪.୨ (୯ ପୃଷ୍ଠାରେ)

**ବିଶ୍ୱର ୧୫ ଉତ୍ତପ୍ତ ସହର ଭିତରେ ଅନୁଗୁଳ, ଭୁବନେଶ୍ୱର**

**ଅନୁଗୁଳରେ ତାପମାତ୍ରା ୪୪.୭°, ଭୁବନେଶ୍ୱରରେ ୪୪.୬°**

**୧୪ ସହରରେ ୪୩° ଉପରେ ପାରଦ**

**ଆଜି ପାରଦ ୪୬° ଟପିପାରେ**

## ୩ ବିଧାୟକ ପ୍ରାର୍ଥୀ ଘୋଷଣା କଲା ବିଜେଡି

ଭୁବନେଶ୍ୱର, ୨୭।୪ (ସବ୍ୟୁ) : ବିଜେଡି ପକ୍ଷରୁ ଅଷ୍ଟମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଉ ୩ ବିଧାନସଭା ଆସନ ଲାଗି ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି । ଘୋଷିତ ପ୍ରାର୍ଥୀଙ୍କ ମଧ୍ୟରୁ ଗତ ବିଧାନସଭାକୁ ନିର୍ବାଚିତ ହୋଇଥିବା ୨ ବିଧାୟକଙ୍କ ଟିକଟ କଟିଛି । ଖୋର୍ଦ୍ଧା ବିଧାୟକ ଜ୍ୟୋତିନ୍ଦ୍ରନାଥ ମିତ୍ରଙ୍କୁ ଦଳ ଟିକଟ ଦେଇନଥିଲାବେଳେ ଭୋଗରାଇ ଆସନରେ ବିଧାୟକ ଅନନ୍ତ ଦାସଙ୍କ ଟିକଟ କଟିଛି । ତେବେ ଶ୍ରୀ ଦାସ ତାଙ୍କ ପୁଅ ପାଇଁ ଲବି କରୁଥିଲାବେଳେ ଦଳ ସେଠାରେ ନୂଆ ମୁହଁ ଦେଇଛି ।

ବିଧାୟକ ପ୍ରାର୍ଥୀ ଘୋଷଣାରେ ବିଜେଡି ସବୁଠୁ ଆଗରେ ରହିଛି । ୧୪୭ ବିଧାନସଭା ଆସନ ମଧ୍ୟରୁ ୧୪୪ରେ ଦଳ ପ୍ରାର୍ଥୀ ଦେଇସାରିଲାଣି । ଖଣ୍ଡପଡ଼ା, ନୀଳଗିରି ଓ କୋରେଇ ବିଧାନସଭା ଆସନ ପ୍ରାର୍ଥୀ ଘୋଷଣା ବାକି ରହିଛି । ପ୍ରାର୍ଥୀ ଘୋଷଣା କରି ମୁଖ୍ୟମନ୍ତ୍ରୀ ତଥା ଦଳର ସଭାପତି ନବୀନ ପଟ୍ଟନାୟକ ଜନସାଧାରଣଙ୍କ ଆଶୀର୍ବାଦ ଲୋଡ଼ିଛନ୍ତି । ଭୋଗରାଇ ପାଇଁ ଗୌତମବୁଦ୍ଧ ଦାସଙ୍କୁ ପ୍ରାର୍ଥୀ କରାଯାଇଥିଲାବେଳେ ଖୋର୍ଦ୍ଧା ଲାଗି ପୂର୍ବତନ ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ପ୍ରାର୍ଥୀ କରାଯାଇଛି । ସେହିଭଳି ବେଗୁନିଆ ଲାଗି ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରାଯାଇଛି । ଆଉ ୩ ଆସନ ଘୋଷଣା ବାକି ରହିଛି ।

## ବିଜେପିର ଆଉ ୮ ବିଧାୟକ ପ୍ରାର୍ଥୀ ଚୟନ

ଭୁବନେଶ୍ୱର, ୨୭।୪ (ସବ୍ୟୁ) : ବିଜେପି ପକ୍ଷରୁ ୮ ବିଧାନସଭା ଆସନ ଲାଗି ପ୍ରାର୍ଥୀ ଘୋଷଣା କରାଯାଇଛି । ବିଜେଡି ଛାଡ଼ି ଆସିଥିବା ବିଜେପିରେ ଯୋଗ ଦେଇଥିବା ନେତାଙ୍କୁ ପ୍ରାର୍ଥୀ ଚୟନରେ ଅଗ୍ରାଧିକାର ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ବିଜେପି ୧୪୦ ଆସନରେ ପ୍ରାର୍ଥୀ ଦେଇସାରିଲାଣି । ଆଉ ୭ ଆସନ ଲାଗି ପ୍ରାର୍ଥୀ ଦେବା ବାକି ରହିଛି ।

ଖୋର୍ଦ୍ଧାରେ ବିଜେପି ପ୍ରଶାନ୍ତ କୁମାର ଜଗଦେବଙ୍କୁ ପ୍ରାର୍ଥୀ କରିଛି । ପ୍ରଶାନ୍ତ ବିଜେଡି ପ୍ରାର୍ଥୀ ଭାବେ ୨୦୧୪ରେ ପ୍ରଥମେ ବେଗୁନିଆ ଓ ୨୦୧୯ରେ ଚିଲିକା ବିଧାନସଭା ଆସନରୁ ଜିତିଥିଲେ । ପରେ ଏକ ବିବାଦୀୟ ଘଟଣାରେ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା । ସେ ନିକଟରେ ବିଜେପିରେ ଯୋଗ ଦେଇଥିଲେ । ଦଳ ତାଙ୍କୁ ଖୋର୍ଦ୍ଧାରୁ ପ୍ରାର୍ଥୀ କରିଛି । ସେହିଭଳି ଅଭିନେତାରୁ ନେତା ବନିବାକୁ ପ୍ରୟାସରେ ଥିବା ଅରିନ୍ଦମ ରାୟଙ୍କୁ ଦଳ ସାଲେପୁର ବିଧାନସଭା ଆସନରୁ ପ୍ରାର୍ଥୀ କରିଛି । ଅରିନ୍ଦମ ବିଜେଡି ଛାଡ଼ି ନିକଟରେ ବିଜେପିରେ ଯୋଗ ଦେଇଥିଲେ । ସେହିଭଳି ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ବିଜେଡି ଟିକଟ ନପାଇବାରୁ ଦଳରୁ ଇସ୍ତଫା ଦେଇ କିଛିଦିନ ତଳେ ବିଜେପିରେ ମିଶିଥିଲେ । ଏବେ ଦଳ ତାଙ୍କୁ ହିନ୍ଦୋଳ ବିଧାନସଭା ଆସନ ପୁନର୍ବାର ପ୍ରାର୍ଥୀ କରିଛି । କେନ୍ଦ୍ରାପଡ଼ା ବିଧାନସଭା ଆସନରେ ବିଜେପି ଗୀତାଞ୍ଜଳୀ ସେଠୀଙ୍କୁ ପ୍ରାର୍ଥୀ କରିଛି । (୯ ପୃଷ୍ଠାରେ)

### ନୂଆପଡା, ଧର୍ମଗଡ ଓ ଜୁନାଗଡରେ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର

## ଓଡ଼ିଶାରେ ନବୀନ ଇଞ୍ଜିନ୍ ସବୁଠୁ ମଜଭୁତ : କାର୍ତ୍ତିକ

ଭବାନୀପାଟଣା, ୨୭।୪ (ସବ୍ୟୁ) : ଖରା ଗରମ ଯେମିତି ବଢ଼ି ବଢ଼ି ଚାଲିଛି, ନିର୍ବାଚନ ପ୍ରଚାରର ଉତ୍ତାପ ମଧ୍ୟ ସେହିପରି ବଢ଼ି ବଢ଼ି ଚାଲିଛି । ଆଜି ତୃତୀୟ ଦିନରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଚାର ମଇଦାନରେ ଓହ୍ଲାଇ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ ଓ ନୂଆପଡାରେ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ, ଧର୍ମଗଡରେ ପୁଷ୍ପେନ୍ଦ୍ର ସିଂହଦେଓ ଓ ଜୁନାଗଡରେ ଦିବ୍ୟଶଙ୍କର ମିଶ୍ରଙ୍କ ପାଇଁ ପ୍ରଚାର ଆରମ୍ଭ କରିଛନ୍ତି ।

ଖଡିଆଳ ରୋଡରୁ ନୂଆପଡା ପର୍ଯ୍ୟନ୍ତ ୧୨ କିଲୋମିଟର ଦୀର୍ଘ ଏକ ବିଶାଳ ରୋଡ ସୋରେ ଆସି ଶ୍ରୀ ପାଣ୍ଡିଆନ ନୂଆପଡା ରାଲିରେ ଯୋଗ ଦେଇଥିଲେ । ରାସ୍ତାରେ ହଜାର ହଜାର ଲୋକ ତାଙ୍କୁ ଉଚ୍ଛସିତ ସମ୍ମାନ ଦେଇଥିଲେ ।



ସଭାରେ ପାଣ୍ଡିଆନ କହିଥିଲେ ଯେ ଆପଣଙ୍କ ଏପରି ଜୋସ୍ ଏହି ବିଶାଳ ଉପସ୍ଥିତି ଦେଖି ବିରୋଧୀଙ୍କ ନିଦ ହଜୁଛି । ସେମାନେ ଆତ୍ମବିଶ୍ୱାସ ହରାଉଛନ୍ତି । ସେମାନେ ବାରମ୍ବାର ଡବଲ ଇଞ୍ଜିନ କଥା କହୁଛନ୍ତି । କିନ୍ତୁ ଡବଲ ଇଞ୍ଜିନ ଯଦି ଏତେ ଭଲ, ପଡୋଶୀ ରାଜ୍ୟ ଛତିଶଗଡରେ ତାଙ୍କ ଇଞ୍ଜିନ ବାରମ୍ବାର ବଦଳୁଛି କାହିଁକି ? ତେଣୁ ନା ଡବଲ, ନା ସିଙ୍ଗଲ ଓଡିଶାରେ ସବୁବେଳେ ନବୀନ ବାବୁଙ୍କ ଇଞ୍ଜିନ ହିଁ ଚାଲିବ । ନବୀନ ବାବୁଙ୍କ ଇଞ୍ଜିନ ସବୁଠାରୁ ମଜବୁତ ।

ବିରୋଧୀଙ୍କୁ ଟାର୍ଗେଟ କରି ପାଣ୍ଡିଆନ କହିଲେ ଆପଣଙ୍କ ଏମ୍‌ପି ୫ ବର୍ଷରେ କଣ କରିଛନ୍ତି ? ନୂଆପଡା-ଭବାନୀପାଟଣା ଏନ୍‌ଏଚ୍ ଦେଖିଲେ ଜଣାପଡୁଛି ତାଙ୍କ ଦକ୍ଷତା । ଆଜି ପର୍ଯ୍ୟନ୍ତ ସେହି ଦୁଇ ଲେନ୍ ଅଛି । ରାସ୍ତା ଅବସ୍ଥା ବି ବହୁତ ଖରାପ । ଆପଣଙ୍କ ନୂଆପଡାର ଅନେକ ପଞ୍ଚାୟତରେ ମୋବାଇଲ ନେଟ୍‌ୱାର୍କ ନାହିଁ ଏହା ହେଉଛି ଆପଣଙ୍କ ଙ୍କଙ୍କ କାମଛ ଆପଣ ନବୀନ ବାବୁଙ୍କ ବିଜୁ ଏକ୍ସପ୍ରେସ ୱେ ଦେଖନ୍ତୁ, କେନ୍ଦ୍ର ସରକାରଙ୍କ ଦେଖନ୍ତୁ, ଫରକ ନିଜେ ଜାଣି ପାରିବେ । ଧର୍ମଗଡରେ ଯେଉଁଠି ବିଲପଡିଆ ଥିଲା, ଆଜି ତାହା ବିଜୁ ଏକ୍ସପ୍ରେସ ୱେ ହୋଇ ଆପଣଙ୍କ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିଛି ।

ମୁଖ୍ୟମନ୍ତ୍ରୀ ଆମକୁ ଆପଣଙ୍କ ଦରଖାସ୍ତ ଉପରେ କଣ କାମ ହୋଇଛି, ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆମେ ହିସାବ ଦେବାକୁ ବାଧ୍ୟ । ଆପଣଙ୍କ ଦରଖାସ୍ତ ଉପରେ ୭ ଦିନ, ୧୦ ଦିନ, ୧୫ ଦିନ ଭିତରେ ନିଷ୍ପତ୍ତି ହୋଇଛି । ଜନତାଙ୍କ ପାଇଁ କଣ କରିଛୁ, ତାକୁ ଜଣାଇବା ଦରକାରଛ ଆଉ ଆମେ ନିଶ୍ଚୟ ଜଣାଇବୁ । କୋଭିଡ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ମୁଁ ନୂଆପଡା ଆସିଥିଲି, ହସ୍ପିଟାଲର ଉନ୍ନତି କଥା ବୁଝିକରି ଯାଇଥିଲି ।

ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟରେ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଛି । ଆପଣଙ୍କ ଖୁସିରେ ସେ ଖୁସି । ୫୦ ହଜାର ପୋଲିସ କେସ୍ ରଦ୍ଦ୍ କରିବାକୁ ସେ ନିର୍ଦ୍ଦେଶ ଦେଇ ଆପଣଙ୍କ ଅସୁବିଧା ଦୂର (୯ ପୃଷ୍ଠାରେ)

## ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତାରେ କୋରାପୁଟ ସଂସଦୀୟ କ୍ଷେତ୍ର

-ସତ୍ୟ ସୁନ୍ଦର ଭଞ୍ଜ-

କୋରାପୁଟ, ୨୭।୪ (ସବ୍ୟୁ) : ମେ' ୧୩ରେ କୋରାପୁଟ ଲୋକସଭା ଆସନ ସମେତ ଏହାର ଅନ୍ତର୍ଗତ ୭ ବିଧାନସଭା ଲାଗି ଭୋଟ ଗ୍ରହଣ କରାଯିବ । କୋରାପୁଟ ଜିଲ୍ଲାର ୪ ବିଧାନସଭା ଓ ରାୟଗଡ଼ା ଜିଲ୍ଲାର ୩ ବିଧାନସଭା ଆସନକୁ ନେଇ କୋରାପୁଟ ସଂସଦୀୟ କ୍ଷେତ୍ର । କୋରାପୁଟ ସଂସଦୀୟ ପ୍ରାୟ ଆସନରେ ଚଳିତଥର ତ୍ରିମୁଖୀ ଲଢ଼େଇ ଦେଖିବାକୁ ମିଳିବ। ତେବେ ଗତ ଥର ଏଠାରୁ ନିର୍ବାଚିତ ହୋଇଥିବା କଂଗ୍ରେସ ପ୍ରାର୍ଥି ସପ୍ତଗିରି ଶଙ୍କର ଉଲ୍ଲାକା ଚଳିତ ନିର୍ବାଚନ ସମ୍ମାନର ପ୍ରଶ୍ନ ହୋଇଛି । ସପ୍ତଗିରି ତାଙ୍କ ଗଡ଼ ରକ୍ଷା କରିପାରିବେ କି ନାହିଁ ଏହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ୨୦୧୯ରେ କଂଗ୍ରେସ ଓଡ଼ିଶାରେ ମାତ୍ର ଗୋଟିଏ ଆସନ ଯାହାକି କୋରାପୁଟ ଜିତିଥିଲା ।







୨୦୧୯ରେ କୋରାପୁଟ ସଂସଦୀୟ କ୍ଷେତ୍ରରୁ ବିଜୟୀ ହୋଇଥିବା କଂଗ୍ରେସ ପ୍ରାର୍ଥି ସପ୍ତଗିରୀ ଶଙ୍କର ଉଲ୍ଲାକାଙ୍କୁ ଦଳ ପୁଣି ଥରେ ୨୦୨୪ ପାଇଁ ପ୍ରାର୍ଥି କରିଛି । ସେହିପରି ବିଜେପି ଦଳରୁ ପୂର୍ବତନ ସାଂସଦ ଝିନ ହିକ୍କାଙ୍କ ଧର୍ମପତ୍ନୀ କୌଶଲ୍ୟା ହିକ୍କାକୁ ପ୍ରାର୍ଥି କରିଛି । ବିଜେପି ଦଳରୁ ପ୍ରାର୍ଥି ହୋଇଛନ୍ତି କାଳିରାମ ମାଝୀ । ଗତ ୨୦୧୯ ନିର୍ବାଚନରେ କଂଗ୍ରେସର ସପ୍ତଗିରୀ ଶଙ୍କର ଉଲ୍ଲାକା ବିଜେଡ଼ି ପ୍ରାର୍ଥିନୀ କୌଶଲ୍ୟା ହିକ୍କାକୁ ୩,୬୨୨ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ । ଶପ୍ତଗିରୀ ଶଙ୍କର ୩,୭୦,୪୩୪ ଖଣ୍ଡ ଭୋଟ ପାଇଥିବା ବେଳେ କୌଶଲ୍ୟା ହିକ୍କା ୩,୬୮,୮୧୨ ଖଣ୍ଡ ଭୋଟ ପାଇଥିଲେ । ପୁଣି ଥରେ ଚଳିତ ନିର୍ବାଚନରେ ଉଭୟେ ପ୍ରାର୍ଥି ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଥିବାରୁ କଡ଼ା ମୁକାବିଲା ହେବ ବୋଲି ଅନୁମାନ କରାଯାଉଛି । କିନ୍ତୁ ଚଳିତ ନିର୍ବାଚନରେ ଗ୍ରାମାଞ୍ଚଳରେ କିଛି ବିଜେପିର ହାୱା ରହିଥିଲେ ହେଁ ତାହା ଦଳର ପ୍ରାର୍ଥିକୁ ବିଜୟୀ କରିବାକୁ ସେତେଟା ସମ୍ଭବ ହୋଇନପାରେ ବୋଲି ମତ ପ୍ରକାଶ ପାଉଛି। ବିଜେପି ସାଂସଦ ପ୍ରାର୍ଥି କାଳିରାମ ମାଝୀ କେବଳ ରାୟଗଡ଼ା ଜିଲ୍ଲାର କିଛି ଅଞ୍ଚଳରେ ପ୍ରଭାବ ରଖିଥିବାରୁ ସମଗ୍ର ସଂସଦୀୟ କ୍ଷେତ୍ରରେ କେତେ ଯେ ପ୍ରଭାବ ପଡ଼ିବ ତାହା ସମୟ କହିବ ।

ସ୍ୱାଧୀନତା ପରେ ଆଜି ପର୍ଯ୍ୟନ୍ତ ୧୮ ଥର ନିର୍ବାଚନ ହୋଇଥିବା ବେଳେ ୧୫ରୁ ଉର୍ଦ୍ଧ ଥର କଂଗ୍ରେସ ବିଜୟ ଲାଭ କରିଛି । ଅବିଭକ୍ତ କୋରାପୁଟ ଜିଲ୍ଲା କଂଗ୍ରେସର ଗଡ଼

ରାୟଗଡ଼ା ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି ତାଙ୍କ ୫ ବର୍ଷର ରିପୋଟ କାର୍ଡ଼ ଉପସ୍ଥାପନ କରିଛନ୍ତି । ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ଥ ରେଡ୍‌ଡ଼ି ପ୍ରଚାରକୁ ଆସିବାର କାର୍ଯ୍ୟକ୍ରମ ରହିଛି । ଅନ୍ୟ ପକ୍ଷରେ ବିଜେଡ଼ି ପ୍ରାର୍ଥିଙ୍କ ପାଇଁ ଦଳର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ପ୍ରଥମ ପର୍ଯ୍ୟାୟ ଭୋଟ ପ୍ରଚାର କରି ପ୍ରାର୍ଥିନୀ କୌଶଲ୍ୟା ହିକ୍କାଙ୍କ ପାଇଁ ଭୋଟ ଭିକ୍ଷା

### କଂଗ୍ରେସ ପାଇଁ ମର୍ଯ୍ୟାଦାର ପ୍ରଶ୍ନ

ଭାବେ ବେଶ ପରିଚିତ । ଏପରିକି ନେହେରୁ ଗାନ୍ଧୀ ପରିବାରକୁ ଜିଲ୍ଲାର ଅଧିବାସୀ ମାନେ ନିଜ ପରିବାର ଲୋକ ଭାବେ ଗ୍ରହଣ କରନ୍ତି । ଫଳରେ ଅଞ୍ଚଳକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରଚାର ପାଇଁ ଆସୁଥିବା ବେଳେ ପ୍ରିୟଙ୍କା ଗାନ୍ଧୀ ମଧ୍ୟ ଭୋଟ ପ୍ରଚାରରେ ଆସିବାର ଅଛି । ଏହା ସହିତ ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନାର ପ୍ରଭାବ ରହିଥିବାରୁ ତେଲଗୁ ଭାଷାଭାଷୀ ଭୋଟରଙ୍କ ଉପରେ କଂଗ୍ରେସର ଆଶା ଓ ଭରଷା ରହିଛି । ଶନିବାର ସାଂସଦ ଶପ୍ତଗିରୀ କରିଛନ୍ତି । ସେହିପରି ବିଜେପି ମଧ୍ୟ କେନ୍ଦ୍ରୀୟ ନେତାଙ୍କ ଉପରେ ପ୍ରଚାର ପାଇଁ ଭରଷା ରଖିଛି ।

କୋରାପୁଟ ସଂସଦୀୟ କ୍ଷେତ୍ରରେ ଥିବା ରାୟଗଡ଼ା ଜିଲ୍ଲାର ୩ ବିଧାନସଭା ଆସନରେ ବିଜେଡ଼ିର ଗୋଷ୍ଠୀ କନ୍ଦଳ ପ୍ରାର୍ଥିଙ୍କ ମୁଣ୍ଡବ୍ୟଥା ହୋଇଛି । ତିନି ପ୍ରମୁଖ ଦଳରେ ଅସନ୍ତୋଷ ରହିଛି ତେବେ ତିନି ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପାଇଁ ମୁଣ୍ଡବ୍ୟଥା ସାଜିବେ ସ୍ୱାଧୀନ ଓ ବିଦ୍ରୋହୀ ପ୍ରାର୍ଥୀ । ବିଭିନ୍ନ ଦଳରୁ ଆଶାୟୀ ରହି (୯ ପୃଷ୍ଠାରେ)

### ଆଜି ହାଇ ଭୋଲ୍‌ଟେଜ୍ ପ୍ରଚାର

## ସାଲେପୁରରେ ରାହୁଲ, ଆମ୍ବପୁଆରେ ନଡ୍ଡା

ଭୁବନେଶ୍ୱର, ୨୭।୪ (ସବ୍ୟୁ) : ନିର୍ବାଚନ ସମୟ ପାଖେଇ ଆସୁଥିବାରୁ ପ୍ରଚାର ଜମିବାରେ ଲାଗିଛି । ମେ' ୧୩ରେ ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ କରାଯିବ । ୪ ଲୋକସଭା ଓ ୨୮ ବିଧାନସଭା ଆସନ ଲାଗି ଭୋଟ୍ ପଡିବ । ତେବେ ଆସନ୍ତାକାଲି ରାଜ୍ୟରେ ହାଇଭୋଲ୍‌ଟେଜ୍ ପ୍ରଚାର ଦେଖିବାକୁ ମିଳିବ । ବ୍ରହ୍ମପୁରରେ ବିଜେଡି ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡା ସାଧାରଣ ସଭା କରିବାକୁ ଥିବାବେଳେ ସାଲେପୁରରେ ଏଆଇସିସିର ପୂର୍ବତନ ସଭାପତି ତଥା କଂଗ୍ରେସ ନେତା ରାହୁଲ ଗାନ୍ଧି ଜନସଭାକୁ ଉଦ୍‌ବୋଧନ ଦେବେ । ଉଭୟ ରାଷ୍ଟ୍ରୀୟ ନେତାଙ୍କ ଗସ୍ତ ପାଇଁ ଏବେ ରାଜ୍ୟର ରାଜନୈତିକ ବାତାବରଣ ବେଶ୍ ସରଗରମ ହେବାରେ ଲାଗିଛି । କିଛିଦିନ ତଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ସୋନପୁର ଆସି ଜନସଭାକୁ ଉଦ୍‌ବୋଧନ କରିଥିଲେ ।





ସୂଚନା ଅନୁଯାୟୀ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆସନ୍ତାକାଲି ଅପରାହ୍ନ ୪.୩୦ରେ ଆସି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ । ସେଠାରୁ ଏକ ସ୍ୱତନ୍ତ୍ର ବିମାନରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍ ଯିବେ, ୫.୩୦ରେ ଆମ୍ବପୁଆ ଠାରେ ସାଧାରଣ ସଭାରେ ଯୋଗଦେବେ । ପରେ ସନ୍ଧ୍ୟା ୬.୪୫ରେ କାର୍ଯ୍ୟକର୍ତ୍ତାଙ୍କ ବୈଠକ କରିବେ । ବୈଠକରେ ବ୍ରହ୍ମପୁର, ଆସିକା, ନବରଙ୍ଗପୁର ଓ କୋରାପୁଟର କାର୍ଯ୍ୟକର୍ତ୍ତାମାନେ ଯୋଗଦେବେ । ବ୍ରହ୍ମପୁରରେ ସେଦିନ ରାତ୍ରୀ ଯାପନ କରିବେ । ସେହିଭଳି କଂଗ୍ରେସ ନେତା ରାହୁଲ ଗାନ୍ଧି ଦିନ ୧୧.୩୦ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ଏକ ସ୍ୱତନ୍ତ୍ର ହେଲିକେପ୍ଟରରେ କଟକର ସତ୍ୟଭାମାପୁର ଯିବେ । ସେଠାରେ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସାଲେପୁର ଯିବେ । ସାଲେପୁରରେ ଦିନ ୧୨.୨୫ରୁ ୧.୪୫ ଯାଏ ଏକ ସାଧାରଣ ସଭାରେ ଯୋଗଦେବେ । ଏହାପରେ ଭୁବନେଶ୍ୱର ଆସି ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି । ତେବେ ଆସନ୍ତାକାଲି ଉଭୟ ନେତାଙ୍କର ଭାଷଣ ଉପରେ ସମସ୍ତଙ୍କ ନଜର ରହିଛି ।



## ସୋସିଆଲ କୋଟ୍ସ



ଲୋକ ଭାବନ୍ତି ମୁଁ ସୁଟିଂ ପୂର୍ବରୁ ମଦ ପିଇଥାଏ । ହେଲେ ଏଭଳି କେବେ ବି ହୋଇନି । ମୁଁ ମୋ କାମକୁ ଖୁବ ଭଲପାଇଥାଏ, ମୋତେ ଅଭିନୟ ପାଇଁ ଆଉ କାହାର ସାହାର ନେବାର ଆବଶ୍ୟକତା ନାହିଁ ।

ମନୋଜ ବାଜପେୟୀ, ଅଭିନେତା



ସବୁବେଳେ ଫିଲ୍ମ ପ୍ୟାଶନ ପାଇଁ ପ୍ରସ୍ତୁତ କରାଯାଇଥାଏ, ହେଲେ ବର୍ତ୍ତମାନ ଇଣ୍ଡଷ୍ଟ୍ରୀରେ ଫିଲ୍ମ ନୁହେଁ ବରଂ ପ୍ରୋଜେକ୍ଟ ପ୍ରସ୍ତୁତ ହେଉଛି । ସବୁବେଳେ ଫିଲ୍ମରେ କାହାଣୀକୁ ଦେଖି ଷ୍ଟାରକାଷ୍ଟ କରିବା ଆବଶ୍ୟକତା ରହିଛି ।

କୁନାଲ ଖେମୁ, ଅଭିନେତା



ମିଷ୍ଟର ପରଫେକ୍ସନିଷ୍ଟ ଟ୍ୟାଗ୍ ମୋତେ ଶବାନା ଆଜମୀ ଦେଇଥିଲେ । ସେ ଏହି ଟ୍ୟାଗ ଦିଲ ଫିଲ୍ମ ସୁଟିଂ ସମୟରେ ଦେଇଥିଲେ ।

ଅମୀର ଖାନ୍, ଅଭିନେତା

## ଇତିହାସ

୧୭୪୦ – ମରାଠା ଶାସକ ପେଶୱା ବାଜିରାଓ୍ୱ ପ୍ରଥମଙ୍କ ନିଧନ ।

୧୮୪୭ – ପ୍ରଥମ ଅଶ୍ୱେତ ନାଗରିକ ଭାବେ ଜର୍ଜ ବି ୱେଶନ ନ୍ୟୁୟର୍କ ନ୍ୟାୟାଳୟକୁ ଯାଇଥିଲେ ।

୧୯୧୦ – ଇଂଲଣ୍ଡରେ କ୍ଲୋଡ ଗ୍ରାହମ ୱାଇଟ୍ ନାମକ ଜଣେ ପାଇଲଟ ପ୍ରଥମ ଥର ପାଇଁ ରାତିରେ ବିମାନ ଉଡାଇଥିଲେ ।

୧୯୨୯ – ପ୍ରସିଦ୍ଧ ଡିଜାଇନର ଭାନୁ ଅଥେୟାଙ୍କ ଜନ୍ମ ।

୧୯୩୫ – ମସ୍କୋରେ ଅଣ୍ଡରଗ୍ରାଉଣ୍ଡ ମେଟ୍ରୋ ଟ୍ରେନର ଚଳାଚଳ ଆରମ୍ଭ ।

୧୯୩୭ – ଇରାକରେ ସଦାମ ହୁସେନଙ୍କର ଜନ୍ମ ।

୧୯୯୩ – ଜାମ୍ବିଆର ବିମାନ ଦୁର୍ଘଟଣାରେ ୩୦ ଫୁଟବଲ ଖେଳାଳିଙ୍କ ମୃତ୍ୟୁ ।

# ଉତ୍କଳ ଗୌରବ ମଧୁସୂଦନ

ଉତ୍କଳମାଟିକୁ ସ୍ୱାଧୀନତା ଦେବାରେ ଅନେକ ବିପ୍ଳବୀଙ୍କ ଅବଦାନ ରହିଛି, ଯେଉଁଥିରେ ମଧୁସୂଦନ ଦାସଙ୍କର ଅବଦାନ ବେଶ ସ୍ୱତନ୍ତ୍ର । ଉତ୍କଳ ଗୌରବ ଭାବେ ସମସ୍ତେ ତାଙ୍କୁ ଜାଣନ୍ତି । କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହେଁ ଜଣେ କବି ଭାବେ ମଧ ତାଙ୍କର ରହିଛି ସ୍ୱତନ୍ତର ପରିଚୟ । ସେ ଥିଲେ ଓଡ଼ିଶାର ପ୍ରଥମ ସ୍ନାତକ ଓ ପ୍ରଥମ ଓକିଲ । କଟକ ଠାରୁ ୨୦ କିମି ଦୂର ସତ୍ୟଭାମା ପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ରେ ତାଙ୍କର ଜନ୍ମ । ଏକ ଜମିଦାର ପରିବାରରେ ଜନ୍ମ ହୋଇ ମଧ ଗରିବଙ୍କ ପେଟ କଥା ଖୁବ ଭଲ ଭାବେ ସେ ବୁଝିପାରିଥିଲେ । ଗାଁ ସ୍କୁଲରେ ପାଠ ପଢିଥିବା ମଧୁସୂଦନଙ୍କ ଭାଷା ପ୍ରତି ଥିବା ଅହେତୁକ ଦୁର୍ବଳତା । ପ୍ରାଥମିକ ଶିକ୍ଷା ପରେ ସେ କଟକ ହାଇସ୍କୁଲରେ ଶିକ୍ଷା ଗ୍ରହଣ କରିଥିଲେ । ସେ କଲିକତା ଓ ଓଡ଼ିଶା ଉଭୟ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଛନ୍ତି । ସେ ଏମ୍‌ଏ ଓ ବିଏଲ୍ ଡିଗ୍ରୀ ହାସଲ କରିବା ପରେ କଲିକତାର ଫେରି ଓଡ଼ିଶାରେ ଆଇନ ଅଭ୍ୟାସ କରିଥିଲେ । ଜଣେ ଓକିଲ ଭାବେ ମାଟି ମାଆର ସେବା ପାଇଁ ସେ ସବୁବେଳେ ଉତ୍ସର୍ଗୀକୃତ ଥିଲେ । ସେ ସବୁବେଳେ ଲୋକଙ୍କୁ ରାଜନୈତିକ, ଆର୍ଥିକ ଓ ସାମାଜିକ ସ୍ତରରେ ସାହାଯ୍ୟ କରିବା ପାଇଁ କାର୍ଯ୍ୟ କରୁଥିଲେ । ଓଡ଼ିଶା ପାଇଁ ସେ କରିଥିବା ଉତ୍ସର୍ଗ ଆଜି ବି ତାଙ୍କୁ ଅମର କରି ରଖିଛି । ୧୯୩୪ ମସିହା ଫେବ୍ରୁଆରୀ ୪ରେ ସେ ଇହଲୀଳା ସମ୍ବରଣ କରିଥିଲେ ।



# ଚାଇଲ୍ଡ ଓବେସିଟି



ଆଜିକାଲି କେବଳ ଯେ ବଡ ଲୋକ ଓବେସିଟିର ଶିକାର ହେଉଛନ୍ତି ତାହା ନୁହେଁ, ଛୋଟ ପିଲା ମଧ ଏହାର ଶିକାର ହେବାରେ ଲାଗିଛନ୍ତି । କାରଣ ବର୍ତ୍ତମାନ ସେମାନଙ୍କ ଡାଏଟ୍‌ରେ ଜଙ୍କ ଫୁଡ୍ ସାମିଲ ହେବାରେ ଲାଗିଛି । ଏହି ଅଭ୍ୟାସ ଚାଇଲ୍ଡ ଓବେସିଟିର ପ୍ରଥମ କାରଣ ସାଜିଛି । ଯାହା ପିଲାଙ୍କ ଶରୀରରେ ଅନେକ ସମସ୍ୟା ଯେପରି ମଧୁମେହ, ହାର୍ଟ ଡିଜିଜ୍, ଉଚ୍ଚ ରକ୍ତଚାପ ଆଦିର କାରଣ ସାଜିଛି । ତେଣୁ ପିଲାଙ୍କୁ ଯେତେ ପାରୁଛନ୍ତି କମ ଜଙ୍କ ଫୁଡ୍ ଖାଇବାକୁ ଦିଅନ୍ତୁ । ସେଥିପାଇଁ କିଛି ଟ୍ରିକ୍ ଆପଣ ଆପଣାଇ ପାରିବେ, ଯାହାକୁ ବ୍ୟବହାର କରି ଜଙ୍କ୍‌ଫୁଡ୍ ଅଭ୍ୟାସକୁ ଆପଣ ଦୂରେଇ ପାରିବେ । ପିଲାମାନେ ନିଜ ବାପା ମା'ଙ୍କ ଠାରୁ ଖାଦ୍ୟ ଅଭ୍ୟାସ ବିଷୟରେ ଶିଖିଥାଆନ୍ତି । ତେଣୁ ସେମାନଙ୍କ ଆଗରେ କେବେ ହେଲେ ବି ଜଙ୍କ ଫୁଡ୍‌କୁ ପ୍ରୋତ୍ସାହନ ଦିଅନ୍ତୁ ନାହିଁ । ସବୁବେଳେ ନିଜେ ହେଲ୍‌ଦି ଖାଦ୍ୟ ଖାଇବା ସହିତ ତାଙ୍କୁ ମଧ ହେଲଦି ଖାଇବା ଦିଅନ୍ତୁ । ସବୁବେଳେ ପିଲାମାନେ ଖାଦ୍ୟ ପାଇଁ କିଭଳି ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି ଧ୍ୟାନ ଦିଅନ୍ତୁ । ସେମାନଙ୍କୁ ଗ୍ରୋସରି ଓ ପରିବା ଆଣିବାବେଳେ ମାସକୁ ଥରେ ସାଙ୍ଗରେ ନେଇ ପାରିବେ । ଆପଣ ରୋଷେଇ କରିବା ବେଳେ ତାଙ୍କୁ ସାଙ୍ଗରେ ରଖିପାରିବେ । ଏହାଦ୍ୱାରା ସେମାନଙ୍କର ଖାଦ୍ୟ ପ୍ରତି ଆଗ୍ରହ ବଢିବ । ସବୁଠାରୁ ବଡକଥା ସେମାନଙ୍କ ଶାରୀରିକ ପରିଶ୍ରମ ବଢାନ୍ତୁ । ସେମାନେ ଫିଜିକାଲି ଯେତେ ପରିମାଣରେ ଆକ୍ଟିଭ ରହିବେ ସେମାନଙ୍କ ଭୋକ ବଢିବ ଯାହାଫଳରେ ସେମାନଙ୍କର ଖାଦ୍ୟ ପ୍ରତି ମଧ ଆଗ୍ରହ ବଢିବ । ତେବେ ଯଦି ଆପଣଙ୍କ ପିଲା ଓବେସିଟିର ଶିକାର ହୋଇଛିବୋଲି ସନ୍ଦେହ କରୁଛନ୍ତି, ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

# ୨କୋଟିର ଗହଣା ପିନ୍ଧି ପାନ ଭଙ୍ଗା



ଅନେକ ଲୋକ ପାନ ଦୋକାନ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇଥାଆନ୍ତି । ତେବେ ସେମାନଙ୍କୁ ଏଥିପାଇଁ ଅନେକ ପରିଶ୍ରମ କରିବାକୁ ପଡିଥାଏ, କାରଣ ପାନର ଦାମ ଖୁବ କମ ହୋଇଥାଏ ତେଣୁ ରୋଜଗାର କମ ହୁଏ । ହେଲେ ରାଜସ୍ଥାନର ଜଣେ ପାନ ଦୋକାନୀ ବର୍ତ୍ତମାନ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି । ତାଙ୍କ ନାଁ ଫୁଲ୍‌ଚାନ୍ଦ ହୋଇଥିବାବେଳେ ତାଙ୍କ ପାନ ଦୋକାନର ନାଁ ରହିଛି ମୁଲସା ଫୁଲସା ପାନ ଦୋକାନ । ଏଠାକୁ ଲୋକମାନେ କେବଳ ପାନ ଖାଇବାକୁ ନୁହେଁ ବରଂ ପାନ ଦୋକାନୀଙ୍କୁ ଦେଖିବାକୁ ଆସିଥାଆନ୍ତି । ଏଠାରେ ପାନ ଭାଙ୍ଗୁଥିବା ଫୁଲଚାନ୍ଦ ଏକ କୋଟିର ସୁନା ଗହଣା ପିନ୍ଧି ବସିଥିବାର ଦେଖିବାକୁ ମିଳିଥାଏ, ଯାହା ସମସ୍ତ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଥାଆନ୍ତି । ଦୋକାନୀ ଜଣଙ୍କ ପିନ୍ଧିଥିବା ସୁନାର ମୂଲ୍ୟ ୨ କୋଟି ବୋଲି ଜଣା ପଡିଛି । ସେ ସୁନାର ହାର, ମୁଦି, ବ୍ରେସଲେଟ୍ ଓ କାନଫୁଲ ପିନ୍ଧି ପାନ ଭାଙ୍ଗୁଥିବାର ଦେଖିବାକୁ ମିଳୁଛି । ସେ ପିନ୍ଧିଥିବା ସୁନା ଗହଣାର ଓଜନ ପାଖାପାଖି ୨ କିଲୋରୁ ଅଧିକ ବୋଲି ଜଣାପଡିଛି । ବ୍ୟକ୍ତିଙ୍କର ପାନ ଦୋକାନଟି ପାଖାପାଖି ୯୩ ବର୍ଷ ପୁରୁଣା, ଯାହା ତାଙ୍କୁ ବାପଅଜା ଅମଳରୁ ମିଳିଛି । ସେ ଦୋକାନରେ ବିକୁଥିବା ପାନର ମୂଲ୍ୟ ୧୫ରୁ ୨୦ ଟଙ୍କା ଭିତରେ ରହିଛି, ହେଲେ ତାଙ୍କର ଗହଣା ପ୍ରତିଥିବା ଭଲପାଇବା ତାଙ୍କୁ ଭିଡ ଭିତରେ ଅଲଗା କରିଛି ।

# ଭୋଟିଂ ଆଗ ବିବାହ ପଛ



ଦେଶରେ ବର୍ତ୍ତମାନ ନିର୍ବାଚନ ଋତୁ ଆରମ୍ଭ ହୋଇଛି । ସାରା ଦେଶରେ ଲୋକମାନେ ଭୋଟ ଦେଉଛନ୍ତି, ଯେଉଁ ବିଷୟରେ ବିଭିନ୍ନ ଖବର ଭିନ୍ନଭିନ୍ନ ସମୟରେ ଦେଖିବାକୁ ମିଳୁଛି । ସେହିଭଳି ଏକ ଘଟଣା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଜଣେ ବ୍ୟକ୍ତି ନିଜ ବିବାହକୁ ଅଧାରେ ଅଟକାଇ ଆଗ ଭୋଟ ଦେବାକୁ ଆସିଛନ୍ତି । ବ୍ୟକ୍ତି ଜଣଙ୍କ ବର ବେଶରେ ହିଁ ଭୋଟ ବୁଥ୍‌କୁ ଆସିବା ସହିତ ନିଜର ଭୋଟ ଦେଇଛନ୍ତି । କେବଳ ସେ ନିଜେ ନୁହେଁ ତାଙ୍କ ସହିତ ପରିବାର ଲୋକମାନେ ମଧ ଭୋଟ ଦେବାପାଇଁ ବୁଥକୁ ଆସିଥିଲେ । ଘଟଣାଟି ମହାରାଷ୍ଟ୍ରରେ ଘଟିଥିବା ଜଣା ପଡିଛି । ଭିଡିଓଟି ବର୍ତ୍ତମାନ ବହୁଳମାତ୍ରାରେ ଭାଇରାଲ ହେବାରେ ଲାଗିଛି । ଲୋକମାନେ ବ୍ୟକ୍ତିଙ୍କର କର୍ତ୍ତବ୍ୟପରାୟଣତାର ଖୁବ ପ୍ରଶଂସା କରିଛନ୍ତି । ବାହାଘର ପ୍ରତିକ୍ଷା କରିପାରିବ ହେଲେ ଭୋଟ କାହା ପାଇଁ ପ୍ରତିକ୍ଷା କରିନଥାଏ, ତେଣୁ ଭୋଟ ଦେବା ବେଶି ଜରୁରୀ ବୋଲି ଭିଡିଓରେ ବ୍ୟକ୍ତିଜଣଙ୍କ ମତ ଦେଇଛନ୍ତି । ଦେଶ ପାଇଁ ଏଭଳି ନାଗରିକ ଆବଶ୍ୟକ ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି ।

# ଖୁବଶୀଘ୍ର ହଲିଉଡ୍ !



କ୍ୟାଟ୍ରିନା କୈଫଙ୍କର ବଲିଉଡ କ୍ୟାରିୟର ଖୁବ ଭଲ । ତେବେ ନିକଟରେ ନିଜର ହଲିଉଡ ଡେବ୍ୟୁ ନେଇ କ୍ୟାଟ୍ରିନା ଖୋଲାଖୋଲି କଥା ହୋଇଛନ୍ତି । ଏନେଇ ଅନେକ ସମୟରେ ସୋସିଆଲ ମିଡିଆରେ ଆଲୋଚନା ମଧ ହେଉଥିବାର ଦେଖିବାକୁ ମିଳୁଛି । ତେବେ ଏନେଇ ମୁହଁ ଖୋଲିଛନ୍ତି ନିଜେ କ୍ୟାଟ୍ । ଆକ୍ଟ୍ରେସଙ୍କ ସୂଚନା ଅନୁଯାୟୀ ତାଙ୍କୁ ନିକଟରେ ଏକ ହଲିଉଡ୍ ପ୍ରୋଜେକ୍ଟ ଅଫର ହୋଇଥିଲା, ହେଲେ କିଛି କାରଣ ପାଇଁ ତାଙ୍କୁ ଏହି ଅଫରକୁ ରିଜେକ୍ଟ କରିବାକୁ ପଡିଥିଲା । ତେବେ ସେ ନିଜ ଉପରେ ଭରସା ରଖିଛନ୍ତି ଆଗକୁ ଖୁବ ଜଲଦି ଏହା ସଫଳ ହେବ । ସେ ଖୁବ ଜଲଦି ହଲିଉଡ ଡେବ୍ୟୁ କରିବେ । କ୍ୟାଟ୍ରିନାଙ୍କର ଏହି ସାକ୍ଷାତକାର ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆଗକୁ କ୍ୟାଟ୍ରିନା ହଲିଉଡ ଡେବ୍ୟୁ କରିବାନେଇ ଫ୍ୟାନମାନେ ଆକଳନ କରିବା ଆରମ୍ଭ କରିଛନ୍ତି । କ୍ୟାଟ୍‌ଙ୍କର ଷ୍ଟେଟମେଣ୍ଟ୍ ତାଙ୍କର ହଲିଉଡ ଡେବ୍ୟୁ ନେଇ ହିଣ୍ଟ ଦେଉଛି ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଉଛି ।

# ବଢୁଛି ମସ୍ତିଷ୍କ

ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ମଣିଷଙ୍କ ମସ୍ତିଷ୍କ ବଢିବାରେ ଲାଗିଛି । ଏହା ଗବେଷଣାରେ ମିଳିଥିବା ତଥ୍ୟା ଅନୁସାରେ ୧୯୩୦ରେ ଜନ୍ମ ନେଇଥିବା ବ୍ୟକ୍ତି ଓ ୧୯୭୦ରେ ଜନ୍ମନେଇଥିବା ବ୍ୟକ୍ତିଙ୍କ ମସ୍ତିଷ୍କର ଆକାର ଭିତରେ ଫରକ ଦେଖିବାକୁ ମିଳୁଛି । ମସ୍ତିଷ୍କର ଭଲ୍ୟୁମ, ସରଫେସ୍ ଏରିଆ (ଭୂପୃଷ୍ଠ କ୍ଷେତ୍ର). ଆକାର ଆଦିରେ ପରିବର୍ତ୍ତନ ଦେଖିବାକୁ ମିଳୁଛି । ହେଲ୍‌ଥ ରିସର୍ଚ୍ଚର ୟୁସି ଡାଭିସଙ୍କ ଅନୁସାରେ ଏହି ପରିବର୍ତ୍ତନ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଓ ଶିକ୍ଷା କ୍ଷେତ୍ରରେ ଉନ୍ନତି ଆଣିଛି । ତେବେ ପୂର୍ବରୁ ମସ୍ତିଷ୍କ କମୁଥିବାର ତଥ୍ୟ ମିଳିଥିଲା, ହେଲେ ବର୍ତ୍ତମାନର ତଥ୍ୟ ଅନୁସାରେ ମସ୍ତିଷ୍କ ବଢୁଛି । ଏହା ଡିମ୍‌ନେସିଆ ରୋଗୀଙ୍କ ପାଇଁ ବେଶ ଉପକାରୀ ସାବସ୍ତ୍ୟ ହେଉଥିବା ଜଣା ପଡିଛି । ୧୯୭୦ ପରେ କମ ଡିମନେସିଆ ରୋଗୀ ଦେଖିବାକୁ ମିଳୁଥିବା ଜଣା ପଡିଛି । ଏହି ପରୀକ୍ଷଣ କରିବା ସମୟରେ ବୈଜ୍ଞାନିକଙ୍କୁ ଖୁବ ସମସ୍ୟା ମଧ ହୋଇଛି । ସେମାନେ ଯେଉଁମାନେ ୧୯୩୦–୧୯୭୦ ଭିତରେ ଜନ୍ମ ହୋଇଥିବା ଲୋକଙ୍କ ମଧରେ ଏକ ସବ୍‌ଗ୍ରୁପ ବାହାର କରିବାକୁ ପଡିଥିଲା ଯେଉଁମାନଙ୍କର ବ୍ରେନ୍ ମ୍ୟାପିଂ ୪୫ ରୁ ୭୪ ବର୍ଷ ଭିତରେ ହୋଇଥିବ । ଏହାପରେ ସେମାନେ ନିଜର ଗବେଷଣା ଆରମ୍ଭ କରିଥିବା ଜଣା ପଡିଛି ।



# ଗାର୍ଲିକ ଚିକେନ୍

**ସାମଗ୍ରୀ–** ଚିକେନ୍ ବ୍ରେଷ୍ଟ, ଶୁଖିଲା ଲଙ୍କା, ରସୁଣ ଗୋଟିଏ ବୁଦା ଚୋପା ଛଡା, ବଟର, ସୋୟା ସସ୍, ଚିକେନ୍ ମସଲା, ୱାଇନ୍, କଟା ପିଆଜ, ଲାଲ କ୍ୟାପସିକମ୍, ଅଣ୍ଡା, କର୍ଣ୍ଣଫ୍ଲୋର୍, ସୋୟା, ଧଳା ମରିଚ ଗୁଣ୍ଡ ।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚିକେନ୍ ବ୍ରେଷ୍ଟକୁ ଅଣ୍ଡା,ଲୁଣ ଓ କର୍ଣ୍ଣଫ୍ଲୋର ଦେଇ ଗୋଳାଇ ରଖିଦିଅନ୍ତୁ । ଏହାପରେ ଏହି ଖଣ୍ଡ ଗୁଡିକୁ ତେଲରେ ଛାଣି ନିଅନ୍ତୁ । ଆଉ ଏକ ପ୍ୟାନରେ ତେଲରେ ଶୁଖିଲା ଲଙ୍କା ଓ ରସୁଣ ପକାନ୍ତୁ । ଏହାକୁ ଅଳ୍ପ ସମୟ ପାଇଁ ଭାଜନ୍ତୁ । ତାପରେ ଏଥିରେ ବଟର, ସୋୟାସସ୍, ଚିକେନ୍ ଗୁଣ୍ଡ, ୱାଇନ୍ ପକାନ୍ତୁ । ଅଳ୍ପ ସମୟରେ ପରେ ଏଥିରେ ଚିକେନ୍, ପିଆଜ, କ୍ୟାପସିକମ୍, ପିଆଜ ସଣ୍ଢା ପକାଇ ଅଳ୍ପ ସମୟ ଭାଜି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଗାର୍ଲିକ୍ ଚିକେନ୍ ।









କଳାହାଣ୍ଡି, ନୂଆପଡା ଜିଲ୍ଲାରେ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଜେଡି ଲାଗି ଜୋରଦାର ପ୍ରଚାର

## ବଡଚଣାରେ ନିଜର ଦଳୀୟ ନିର୍ବାଚନୀ କାର୍ଯ୍ୟାଳୟ ଉଦଘାଟନ କଲେ ବର୍ଷା ପ୍ରିୟଦର୍ଶୀନୀ

ଚଣ୍ଡିଖୋଲ, (ସବ୍ୟୁ): ଯାଜପୁର ଜିଲ୍ଲାର ବଡଚଣା ର୍ନିବାଚନ ମଣ୍ଡଳୀରେ ବିଜେଡିର ପ୍ରାର୍ଥୀ ହୋଇଥିବା ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଶନିବାର ଦିନ ଏଠାରେ ତାଙ୍କର ବିରାଟ ମୋଟର ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ନିଜର ଉପସ୍ଥିତି ଯାହୀର କରିବା ସହ ଛତିଆବଟରେ ମହାପ୍ରଭୁ ଜଗନ୍ନାଥ ଓ ପଞ୍ଚକ୍ଷେତ୍ରରେ ମହାଦେବ ଦଳୀୟ କାର୍ଯ୍ୟାଳୟ ଉଦଘାଟନ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା,ବ୍ଲକ ଅଧକ୍ଷା ମିନତୀ



ଦଳୀୟ ର୍ନିବାଚନୀ କାର୍ଯ୍ୟାଳୟ ଉଦଘାଟନ କରିଛନ୍ତି।୧୬ ନମ୍ବର ଜାତୀୟ ରାଜପଥର ଚଣ୍ଡିଖୋଲ-ବଡଚଣା ମଧ୍ୟସ୍ଥଳି ରାଜପଥ ହୋଟେଲ ନିକଟରେ ଏହି କାର୍ଯ୍ୟାଳୟକୁ ୨୭ ତାରିଖ ଅପରାହ୍ଣରେ ନିଜେ ବର୍ଷା ଫିତାକାଟି ଉଦଘାଟନ କରିଥିଲେ। ଟିକେଟ ଘୋଷଣା ପରେ ୨୬ ତାରିଖରେ ପ୍ରଥମକରି ବର୍ଷା ଏଠାରେ ପହଞ୍ଚି ଏକ ମହାବିନାୟକଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିଥିଲେ। ଗତକାଲି ଶୁକ୍ରବାର କାର୍ଯ୍ୟକ୍ରମରେ ବଡଚଣାର ବିଜେଡିର ତିନି ଗୋଷ୍ଠୀ ନେତାଙ୍କ ସମର୍ଥକ ମାନେ ଏକାଠି ହୋଇ ଶୋଭାଯାତ୍ରାକୁ ସଫଳ କରିଥିବାରୁ ସମଗ୍ର ର୍ନିବାଚନ ମଣ୍ଡଳୀରେ ତାହା ଦଳୀୟ କର୍ମୀଙ୍କ ମଧ୍ୟରେ ବେସ ଉତ୍ସାହ ସୃଷ୍ଟି କରିଥିଲା। ଶନିବାର ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ,ଯାଜପୁର ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ବର ବରାଳ,ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ,ଜିଲ୍ଲା ପରିଷଦ ସଭ୍ୟ ଯତୀନ୍ଦ୍ରପ୍ରସାଦ ନାୟକଙ୍କ ସହ ବଡଚଣାର ସମସ୍ତ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ବହୁ ସରପଞ୍ଚ ଓ ଦଳୀୟ କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

## କଳାହାଣ୍ଡିର ଲାଞ୍ଜିଗଡ ଓ ନର୍ଲାରେ କାର୍ତ୍ତିକ ପାଣ୍ଡିଆନଙ୍କ ଜୋରଦାର ପ୍ରଚାର

# ବିରୋଧୀଙ୍କ ମିଠା କଥାର ମାୟା ଜାଲରୁ ଦୂରରେ ରୁହନ୍ତୁ

ଭୁବନେଶ୍ବର (ସବ୍ୟୁ): ଖରା ଗରମ ଯେମିତି ବଢି ବଢି ଚାଲିଛି, ନିର୍ବାଚନ ପ୍ରଚାରର ଉତ୍ତାପ ମଧ୍ୟ ସେହିପରି ବଢି ବଢି ଚାଲିଛି । ଆଜି ତୃତୀୟ ଦିନରେ ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ପ୍ରଚାର ମଇଦାନରେ ଓହ୍ଲାଇ କଳାହାଣ୍ଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲ, ଲାଞ୍ଜିଗଡ଼ରେ ବିଧାନସଭା ପ୍ରାର୍ଥୀ ପ୍ରଦୀପ ଦିଶାରି ଓ ନର୍ଲାରେ ବିଧାନ ସଭା ପ୍ରାର୍ଥୀ ମନୋରମା ମହାନ୍ତିଙ୍କ ପାଇଁ ପ୍ରଚାର କରିଛନ୍ତି । ଉଭୟ ସଭାରେ ହଜାର ହଜାର ଲୋକ ତାଙ୍କୁ ଉଚ୍ଛସିତ ସମ୍ବର୍ଦ୍ଧନା ଦେଇଥିଲେ । ବିରୋଧୀଙ୍କୁ ଟାର୍ଗେଟ କରି ପାଣ୍ଡିଆନ କହିଲେ ଆପଣଙ୍କୁ ୫ ବର୍ଷରେ କଣ କରିଛନ୍ତି ? ଉନ୍ନତି ନାହିଁ, କି ମୋବାଇଲ ନେଟୱର୍କ ନାହିଁ । ସେ କରୁଛନ୍ତି କଣ ? ମା ମାନଙ୍କୁ ଲକ୍ଷ୍ୟ କରି ସେ କହିଥିଲେ ଯେ ବିରୋଧୀଙ୍କ ମିଠା କଥାର ମାୟା ଜାଲରୁ ଦୂରରେ ରୁହନ୍ତୁ । ସେମାନେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରୁଛନ୍ତି । ମିଶନ ଶକ୍ତି ବନ୍ଦ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି । ଭୋଟ ନେଲା ପରେ ସେମାନେ ଆପଣଙ୍କୁ ଦେଖା ଦେବେ ନାହିଁ । ଖୋଜିଲେ ବି ମିଳିବେ ନାହିଁ । ମୁଖ୍ୟମନ୍ତ୍ରୀ ହେଉଛନ୍ତି ଓଡିଶା ପରିବାରର ମୁଖିଆ । ପରିବାରର ମୁଖିଆ ଭାବରେ ସେ ଆପଣ ମାନଙ୍କର ସମସ୍ତଙ୍କର ଦାୟିତ୍ୱ



ନେଇଛନ୍ତି ।

ନବୀନ ସରକାର ଲୋକଙ୍କ ସରକାର । ଲୋକଙ୍କ ଦାବି ପୂରଣ ହେଲେ ସେ ସବୁଠୁ ବେଶୀ ଖୁସି ହୁଅନ୍ତି ବୋଲି ପାଣ୍ଡିଆନ କହିଥିଲେ । ମୁଖ୍ୟମନ୍ତ୍ରୀ ସମସ୍ତଙ୍କ ବିକାଶ ପାଇଁ କାମ କରନ୍ତି । ବିକାଶ କାମ ଉପରେ ଆଲୋକପାତ କରି ସେ କହିଲେ ଯେ ମିଶନ ଶକ୍ତି ମା ମାନଙ୍କୁ ସମ୍ମାନ ଦେଇଛି । ସେମାନଙ୍କ ଆତ୍ମ ବିଶ୍ୱାସ ବୃଦ୍ଧି କରିଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିନ୍ତା ଦୂର କରିଛି । ମୁଖ୍ୟମନ୍ତ୍ରୀଙ୍କ ବିଶାଳ ହୃଦୟରେ ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ଅଛି । ଆପଣଙ୍କ ଖୁସିରେ ସେ ଖୁସିଛ ୫୦ ହଜାର ପୋଲିସ କେସ୍ ରଦ୍ କରିବାକୁ ସେ ନିର୍ଦ୍ଦେଶ ଦେଇ ଆପଣଙ୍କ ଅସୁବିଧା ଦୂର କରିଛନ୍ତି । ଆପଣଙ୍କ ଭାଷା, ସଂସ୍କୃତି, ପୂଜାସ୍ଥଳୀର ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି । ମୁଖ୍ୟମନ୍ତ୍ରୀ ଆମକୁ ଆପଣଙ୍କ ଦରଖାସ୍ତ ଉପରେ କଣ କାମ ହୋଇଛି, ହିସାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଆମେ ହିସାବ ଦେବାକୁ ବାଧ । ଆପଣଙ୍କ ଦରଖାସ୍ତ ଉପରେ ୭ ଦିନ, ୧୦ ଦିନ, ୧୫ ଦିନ ଭିତରେ ନିଷ୍ପତ୍ତି ହୋଇଛି । ଜନତାଙ୍କ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୧୧୦ କୋଟି ଟଙ୍କାର କାମ ଚାଲିଛ । ରାମପୁର ମା ମାଣିକେଶ୍ୱରୀ ମନ୍ଦିର ପାଇଁ ୧ କୋଟି ୭୦ ଲକ୍ଷ, ଥିଆମୂଳ ରାମପୁର ଜଗନ୍ନାଥ ମନ୍ଦିର ପାଇଁ ୨୦ ଲକ୍ଷ, ଭାଲୁଯୋର୍ ନଈ ଉପରେ ସେତୁ ପାଇଁ ୧୫ କୋଟି, ହାତୀ ନଦୀ ଉପରେ ସେତୁ ପାଇଁ ୧୧ କୋଟି, ଜୟ ପାଟଣା ର ୨୦ ଟି ପଞ୍ଚାୟତରେ ମେଗା ପାଇପ ପାଣି ପାଇଁ ୧୬୯ କୋଟି, ରମପୁରର ୧୪ ଟି ପଞ୍ଚାୟତରେ ମେଗା ପାଇପ ପାଣି ପାଇଁ ୬୬ କୋଟି ଟଙ୍କା ର କାମ ଚାଲିଛି ବୋଲି ସେ କହିଥିଲେ ।

ଲାଞ୍ଜିଗଡ ରେ ୮୬,୦୦୦ ହିତାଧିକାରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସୁବିଧା ପାଉଛନ୍ତି । ଲାଞ୍ଜି ପଞ୍ଚାୟତର ଗଜିନ ସୁନା ଚିକିତ୍ସା ପାଇଁ ୭.୭୦ ଲକ୍ଷ ସାହାଯ୍ୟ ପାଇଛନ୍ତି । ରାମପୁର ପଞ୍ଚାୟତର ଇତିଶ୍ରୀ ଦଳପତିଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ୬.୭୦ ଲକ୍ଷ ଟଙ୍କ ସାହାଯ୍ୟ ଦେଇଛନ୍ତିଛ ଲାଞ୍ଜିଗଡ ପାଇଁ ୫୪ ଟି ଆମ ବ୍ୟାଙ୍କ ମଞ୍ଜୁର ହୋଇଛି ବୋଲି ସେ କହିଥିଲେ ।

### କଳାହାଣ୍ଡିରେ ହୋଇଥିବା ବିକାଶର ହିସାବ ଦେଲେ
### ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରିବାକୁ ଆହ୍ୱାନ

ସେମାନଙ୍କୁ ସାହସ ଦେଇଛି ।

ସେହିପରି ୫-ଟି ସ୍କୁଲ ରୂପାନ୍ତର ପିଲାଙ୍କ ସ୍ୱପ୍ନରେ ଡେଣା ଯୋଡ଼ିଛି । ଉଚ୍ଚ ହେବାର ସ୍ୱପ୍ନ ଦୃଢ଼ ହୋଇଛି । ପାଇଁ କଣ କରିଛୁ, ତାକୁ ଜଣାଇବା ଦରକାରଛ ଆଉ ଆମେ ନିଶ୍ଚୟ ଜଣାଇବୁ । ମୁଁ ଆପଣଙ୍କୁ ସବୁ କାମର ହିସାବ ଦେବି । ଲାଞ୍ଜିଗଡ ପାଇଁ

## ନିର୍ବାଚନ ପ୍ରଚାର ଓ ଖରାର ଉଷ୍ମତା ଭିତରେ ପଖାଳର ମଜ୍ଜା ନେଲେ ପାଣ୍ଡିଆନ

ଭୁବନେଶ୍ୱର (ସବ୍ୟୁ): ପ୍ରଚଣ୍ଡ ଖରା ସହ ଘମାଘୋଟ ର୍ନିବାଚନ ପ୍ରଚାର ର ଉଷ୍ମତା ମଧ୍ୟରେ ପଖାଳ ର ମଜ୍ଜା ନେଇଛନ୍ତି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ । ସାଥିରେ ଏକ ଜାତୀୟ ଚ୍ୟାନେଲର ସାମ୍ବାଦିକ ରାହୁଲ କନୱାଲ ଥିଲେ । କଳାହାଣ୍ଡି ର ଜୁନାଗଡ଼ରୁ ର୍ନିବାଚନ ପ୍ରଚାର ସାରି ଦାସପୁର ରାସ୍ତା କଡ଼ ଜଙ୍ଗଲ ରେ ଦିନ ପ୍ରାୟ ତିନିଟା ବେଳକୁ ମଧ୍ୟାହ୍ନ ଭୋଜନ କରିଥିଲେ କାର୍ତ୍ତିକ ପାଣ୍ଡିଆନ । ମଧ୍ୟାହ୍ନ ଭୋଜନ ମେନୁ ଥିଲା ଖରା ଦିନର ଖାଣ୍ଟି ଓଡ଼ିଆ ଖାଦ୍ୟ ପଖାଳ. କଂସା ପାତ୍ରରେ ପଖାଳ ସାଙ୍ଗକୁ ଶାଗ ବଡି ଚୁରା ଭେଣ୍ଡି ଭଜା ଆଳୁ ଭରତା ଆଉ ଦହି. ର ମଜ୍ଜା ନେଇ ଥିଲେ ଦୁଇ ଜଣ । ସମ୍ପୂର୍ଣ୍ଣ ନିରାମିଷ ଖାଦ୍ୟ । ଓଡ଼ିଆଙ୍କ ପ୍ରିୟ



ଖାଦ୍ୟ ପଖାଳ ପାଣ୍ଡିଆନ ବାବୁଙ୍କ ର ଖୁବ ପସନ୍ଦ । ଆମ ମୁଖ୍ୟମନ୍ତ୍ରୀଙ୍କ ର ମଧ ବହୁତ ପ୍ରିୟ ପଖାଳ । ପଖାଳ ର ଉପକାରିତା ଓ ପ୍ରସ୍ତୁତି ବିଷୟରେ ରାହୁଲ ଙ୍କୁ ବୁଝାଇବା ସହ ଓଡ଼ିଆ ଙ୍କ ର ଏହି ସାଧାରଣ ତଥା ହିତାକାରୀ ଖାଦ୍ୟ ମୁଖ୍ୟମନ୍ତ୍ରୀ କିପରି ତାଙ୍କ ଅତିଥି ମାନଙ୍କୁ ପରଷି ଥାନ୍ତି ସେ ବିଷୟରେ ଶ୍ରୀ ପାଣ୍ଡିଆନ ଖାଇବାବେଳେ କହିଥିଲେ। ପରେ ଉଭୟ ଲାଞ୍ଜିଗଡ଼ ସଭା ପାଇଁ ବାହାରିଯାଇଥିଲେ ।

## ନିମାପଡାରେ ବିଜେଡି ପ୍ରାର୍ଥୀଙ୍କ ଟିକେଟ ପରିବର୍ତ୍ତନ ନେଇ ଚର୍ଚ୍ଚା, ସରଗରମ ହେଉନି ପ୍ରାର୍ଥୀଙ୍କ ପ୍ରଚାର

ନିମାପଡା,(ସବ୍ୟୁ) : ଜୁନ ୧ ତାରିଖରେ ନିମାପଡା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି । ବିଜେଡି,ବିଜେପି ଓ କଂଗ୍ରେସ ସେମାନଙ୍କ ପ୍ରାର୍ଥୀଙ୍କ ନାଁ ଘୋଷଣା କରିସାରିଛି । ବିଜେପିରୁ ପ୍ରଭାତୀ ପରିଡା,ବିଜେଡିରୁ ଦିଲ୍ଲୀପ କୁମାର ନାୟକ ଏବଂ କଂଗ୍ରେସରୁ ସିଦ୍ଧାର୍ଥ ରାଉତରାୟ ପ୍ରାର୍ଥୀ ହୋଇଛନ୍ତି । ତେବେ ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ନାଁ ଘୋଷଣା ସରିଥିଲେ ମଧ ନିର୍ବାଚନ ପ୍ରଚାର ଧିମା ପଡିଛି । ଏହାର ଏକ କାରଣ ହେଉଛି ବିଜେଡି କୁଆଡେ ତାର ପ୍ରାର୍ଥୀ ପରିବର୍ତ୍ତନ କରିବ ବୋଲି ଚର୍ଚ୍ଚା ହେଉଛି । ବିଧାୟକ ସମୀର ରଂଜନ ଦାଶଙ୍କୁ ବିଜେଡି ଟିକେଟ ନମିଳବା ପରେ ନିମାପଡା ବିଜେଡିରେ ବିଦ୍ରୋହ ଉଗ୍ରରୂପ ଧାରଣା କରିଛି । ସମୀରଙ୍କ ସମର୍ଥକ ସମୀରଙ୍କୁ ଟିକେଟ ଦେବାକୁ ଚେତାବନୀ ଦେଇଛନ୍ତି । ନଚେତ ସମୂହ ଇସ୍ତଫା ଦେବାକୁ ଧମକ ମଧ ଦେଇଛନ୍ତି । ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିଷ୍ପତିକୁ ସମୀରଙ୍କ ସମର୍ଥକ ଅପେକ୍ଷା କରି ରହିଛନ୍ତି । ଟିକେଟ ପରିବର୍ତ୍ତନ କରି ସମୀରଙ୍କ ପତ୍ନୀ ସଂଗୀତା ଦାଶଙ୍କୁ ଟିକେଟ ଦିଆଯିବ ବୋଲି ଶୁଣାଯାଉଛି । ନିମାପଡାରେ ବିଜେଡିର ଏହି ଟିକେଟ କଳି ଜଗତସିଂହପୁର ସାଂସଦ ପ୍ରାର୍ଥିନୀ ଡ. ରାଜଶ୍ରୀ ମଲ୍ଲିକଙ୍କ ଭୋଟ ଉପରେ ପ୍ରଭାବ ପଡିପାରେ ବୋଲି ରାଜନିତୀ ସମୀକ୍ଷକ କହିଛନ୍ତି । ବିଜେପି ପ୍ରାର୍ଥିନୀ ଶ୍ରୀମତୀ ପରିଡା କାଁ ଭାଁ ସମର୍ଥକଙ୍କୁ ନେଇ କ୍ୟାମ୍ପେନିଂ କରୁଥିବା ଦେଖିବାକୁ ମିଳୁଛି । କହିବାକୁ ଗଲେ ନିର୍ବାଚନ ଆଉ ମାତ୍ର ମାସେ ରହିଥିବା ବେଳେ ନିର୍ବାଚନ ପ୍ରଚାର ଯେମିତି ସରଗରମ ହେବା କଥା ବହୁ ପଛରେ ପଡିଛି ବୋଲି ଲୋକେ କହୁଛନ୍ତି ।

## ବରୁଣାଡ଼ିହାରେ ବିଜେଡ଼ି ମିଶ୍ରଣ ପର୍ବ



ରାଜକନିକା (ସବ୍ୟୁ): ଆଜି ର୍ନିବାଚନ ମଣ୍ଡଳୀ ଅନ୍ତର୍ଗତ ରାଜକନିକା ବ୍ଲକ ର କଂଗ୍ରେସ ଗଡ଼ ଭାବେ ଜଣାଶୁଣା ବରୁଣାଡ଼ିହା ପଞ୍ଚାୟତ ରେ ବିଜେଡ଼ି ଏକ ମହା ମିଶ୍ରଣ ପର୍ବ କରି ନିଜର ପରାକ୍ରମ ଦେଖାଇଛି ପ୍ରାକ୍ତନ ସରପଞ୍ଚ ସୁବାସ ଚନ୍ଦ୍ର ନାୟକ ଙ୍କ ସଭାପତିତ୍ୱ ଓ ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ ଙ୍କ ମଞ୍ଚ ପରିଚାଳନା ରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବ ରେ ମୁଖ୍ୟ ଅତିଥି ଭାବେ ଶକ୍ତି ଓ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗଦେଇ କଂଗ୍ରେସ ରୁ ଆସିଥିବା ଯୁବ ନେତୃତ୍ୱ ସଂକଶ୍ରଣ ନାୟକଙ୍କ ସମେତ ୯୮ ରୁ ଉର୍ଦ୍ଧ୍ୱ ପରିବାର କୁ ବିଜେଡ଼ି ରେ ସାମିଲ କରାଇ ଥିଲେ ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଶ୍ରୀ ଦେବ ନୂତନ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ଯୁବ ସଂଗଠକ ଧୀରେନ୍ଦ୍ର କୁମାର ବେହେରା ଙ୍କ ସଂଯୋଜନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷା ମିନତୀ ରାଉତ, ବିଧାୟକ ଙ୍କ ପ୍ରତିନିଧି ବିକାଶ ଚନ୍ଦ୍ର ଦାସ, ସାଂସଦ ଙ୍କ ପ୍ରତିନିଧି ପବିତ୍ର ରାଉତ, ବିଜେଡ଼ି ବ୍ଲକ ସଭାପତି ବିଦ୍ୟାଧର ବେହେରା, ସଭାନେତ୍ରୀ ସଂଯୁକ୍ତା ଶତପଥୀ, ପ୍ରାକ୍ତନ ସରପଞ୍ଚ ଉତ୍ତମ ସେନାପତି ଓ ପୁଷ୍ପଲତା ସେଠୀ, ସମିତି ସଭ୍ୟ ବିକାଶ ମଲ୍ଲିକ, ହରିଶ ମହାପାତ୍ର, ଅୟେସ ସାମଲ,ଶାନ୍ତି ଲତା ମହାନ୍ତି, କ୍ଷୀରୋଦ ବେହୁରିଆ,ବଳରାମ ବେହେରା, ପରମାନନ୍ଦ ବେହେରା ଓ ଅନନ୍ତ ଚରଣ ରାଉତ ପ୍ରମୁଖ ଯୋଗଦେଇ ଥିଲେ ଆଶିକ ଧଳ, ମାନସ ବେହେରା, ପ୍ରଭାତ ବେହେରା, ପ୍ରଶାନ୍ତ ବେହେରା, ହୃଷିକେଶ ସାହୁ, ଅବକାଶ ଦାସ, ପ୍ରତାପ ନାୟକ, ହିମାଂଶୁ ବେହେରା, ବିପିନ ବେହେରାଙ୍କ ସମେତ ବରୁଣାଡ଼ିହା ବିଜୁ ଯୁବ ପରିବାରର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ

## ଓଡ଼ିଶା ସ୍ୱାଭିମାନ ଦିବସରେ ନ୍ୟାୟ ସମାବେଶକୁ ସମ୍ବୋଧନ କରିବେ ରାହୁଲ



ଭୁବନେଶ୍ୱର (ସବ୍ୟୁ): ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୬ ତମ ଜୟନ୍ତୀ ଅବସରରେ ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ସାଲେପୁରର କୁଳିଆ ଠାରେ ଆୟୋଜିତ ନ୍ୟାୟ ସମାବେଶକୁ ସମ୍ବୋଧନ କରିବେ । ପୂର୍ବାହ୍ନ ୧୨.୩୦ ମିନିଟରେ ଭୁବନେଶ୍ୱର ଏୟାରପୋର୍ଟ ଠାରେ ପହଂଚିବା ପରେ ସ୍ୱତନ୍ତ୍ର ହେଲିକାପ୍ଟର ଯୋଗେ ମଧୁବାବୁଙ୍କ ଜନ୍ମ ପୀଠ ସତ୍ୟଭାମା ପୁର ଠାରେ ପହଂଚି ମଧୁବାବୁଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ପରେ କୁଳିଆ ଠାରେ ପହଞ୍ଚିବେ ଓ ସେଠାରେ ଉପସ୍ଥିତ ଥିବା ହଜାର ହଜାର କଂଗ୍ରେସ କର୍ମୀଙ୍କୁ ସେ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ସଭାପରେ ଶ୍ରୀ ଗାନ୍ଧୀ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଏୟାରପୋର୍ଟରେ ପହଞ୍ଚି ଦିଲ୍ଲୀ ଅଭିମୂଖେ ଯାତ୍ରା କରିବେ ।

ଏହି ଅବସରରେ କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ତେଲେଙ୍ଗାନାର ଉପମୁଖ୍ୟମନ୍ତ୍ରୀ ମାଲୁ ଭଟ୍ଟି ବିକ୍ରମାକା ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ମଧୁବାବୁ ଓଡ଼ିଶା ପାଇଁ ଗର୍ବ ଓ ଗୌରବ। ତାଙ୍କ ଜୟନ୍ତୀକୁ ରାଜ୍ୟବାସୀ ସ୍ୱାଭିମାନ ଦିବସ ରୂପେ ପାଳନ କରନ୍ତି । ଏହି ଅବସରରେ ରାହୁଲ ଗାନ୍ଧୀ ମଧୁବାବୁଙ୍କ ଜନ୍ମସ୍ଥାନ ସତ୍ୟଭାମାପୁର ଠାରେ ପହଂଚିବା ଓ ମଧୁବାବୁଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିବା ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା । ରାଜ୍ୟରେ ଦୀର୍ଘ ୨୪ ବର୍ଷ ଧରି ଶାସନ କରୁଥିବା ନବୀନ ବାବୁଙ୍କ ସରକାର ଓଡ଼ିଶାର ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତା ପ୍ରତି ସଂପୂର୍ଣ୍ଣ ଭାବେ ଉଦାସିନ ରହିଛନ୍ତି । ନବୀନ ବାବୁଙ୍କ ଅଣଓଡ଼ିଆ ପ୍ରୀତି ସମସ୍ତ ସୀମା ସରହଦ ପାର କରିଛି । ସେମାନଙ୍କ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଅହେତୁକ ଅନୁକମ୍ପା ଫଳରେ ଓଡ଼ିଆ ସ୍ୱାର୍ଥ ରକ୍ଷା ପରିବର୍ତେ ଅଣ ଓଡ଼ିଆ ଲୋକମାନେ ବିଶେଷ ଉପକୃତ ହେଉଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର କହିଛନ୍ତି ଯେ ରାହୁଲ ଜୀ ଉତ୍କଳ ଗୌରବ ମଧୁସୁଦନଙ୍କ ନୀତି ଓ ଆଦର୍ଶ ମନେ ପକାଇବା ସହ ଏହି ସ୍ୱାଭିମାନ ଦିବସରେ ଓଡ଼ିଆ ଅସ୍ମିତାକୁ ଜାଗୃତ କରିବା ପାଇଁ ସେ ଓଡ଼ିଶା ଆସୁଛନ୍ତି । ଡ. କୁମାର କହିଛନ୍ତି ଯେ କଟକ ବାରବାଟୀ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ମହମ୍ମଦ ମୁକିମଙ୍କ ଝିଅ ସୋଫିୟା ଫିରଡସ୍‌ଙ୍କ ଏକମାତ୍ର ନାମ ସିଇସି କମିଟିକୁ ସୁପାରିଶ କରାଯାଇଛି ।

## ଚୋରା ବନ୍ଧୁକ ଜବତ : ଜଣେ ଗିରଫ

ଦଶପଲ୍ଲା(ସବ୍ୟୁ): ଚୋରା ବନ୍ଧୁକ ରଖିବା ଅଭିଯୋଗ ରେ ବାଣୀଗୋଛା ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି ଛ ଗିରଫ ଯୁବକ ଙ୍କ ନାଁ ସାଇବନ ଭୋଇ(୨୪) ଓ ତାଙ୍କ ଘର କେରାବାରି ଗ୍ରାମରେ ବୋଲି ପୋଲିସ ସୂତ୍ରରୁ ଜଣାପଡ଼ିଛି । ସାଇବନ ଘରେ ଏକ ଚୋରା ଦେଶୀ ବନ୍ଧୁକ ରଖିଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସାଇବନ ଙ୍କ ଘର ଉପରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟ ରେ ପୋଲିସ ସାଇବନ ଙ୍କ ଘରୁ ଏହି ଚୋରା ଦେଶୀ ବନ୍ଧୁକ ପାଇବାକୁ ସକ୍ଷମ ହୋଇଥିଲା ବୋଲି ବାଣୀଗୋଛା ଥାନା ଆଇ ଆଇ ସି ଲକ୍ଷ୍ମଣ ଦଣ୍ଡସେନା ପ୍ରକାଶ କରିଛନ୍ତି । ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁକରି ସାଇବନ କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅଧିକ ତଦନ୍ତ ଜାରି ରଖିଛି ।

## ବିଜେଡ଼ିରେ ଯୋଗଦେଲେ ରାଜ୍ୟ କଂଗ୍ରେସର ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତ




ଭୁବନେଶ୍ୱର (ସବ୍ୟୁଦ୍ଧ): ଭୁବନେଶ୍ୱର ଉତ୍ତର ନିର୍ବାଚନମଣ୍ଡଳୀର ରାଜ୍ୟ କଂଗ୍ରେସର ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତଙ୍କ ସହ ୨ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସକର୍ମୀ ଶନିବାର ଶଙ୍ଖଭବନ ଠାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍‌ହୋଇଥିବା ପ୍ରତାପ ଚନ୍ଦ୍ର ରାଉତ ଓ ସମସ୍ତ କଂଗ୍ରେସ କର୍ମୀଙ୍କୁ ଶ୍ରୀ ରାଉତ, ଡକ୍ଟର ପାତ୍ର ଓ ଶ୍ରୀ ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସକର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ରାଉତ, ଡକ୍ଟର ପାତ୍ର ଓ ଶ୍ରୀ ପାତ୍ର କହିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦଧା ଗ୍ରାମ ପଞ୍ଚାୟତର ସରପଞ୍ଚ ନିଶିପଦ୍ମା ତାଣ୍ଡି, ସରପଞ୍ଚ ଖୁଲଣା ମାଝୀ, ସମିତି ସଭ୍ୟ ନିହାର ରନ ପଢ଼ିଆରୀ ଓ ବିଏମସିର ବହୁ କର୍ପୋରେଟର ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆଠମଲ୍ଲିକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ନିର୍ବାଚନ ପ୍ରଚାର

# ସ୍ୱାସ୍ଥ୍ୟ, ଶିକ୍ଷା ଓ ରୋଜଗାର ପାଇଁ ଓଡ଼ିଶାରେ ସରକାର ପରିବର୍ତ୍ତନ ହେବ




ଭୁବନେଶ୍ୱର (ସବ୍ୟୁ): ଆଠମଲ୍ଲିକ, ଅନୁଗୋଳ ଏବଂ ଓଡ଼ିଶାରେ ନିଶ୍ଚୟ ପରିବର୍ତ୍ତନ ହେବ । ମୋଦୀ ଗ୍ୟାରେଣ୍ଟିରେ ସମାଜର ଅନ୍ତିମ ଶ୍ରେଣୀରେ ଥିବା ଲୋକମାନଙ୍କୁ ବିଶୁଦ୍ଧ ପାନୀୟ ଜଳ, ଉତ୍ତମ ସ୍ୱାସ୍ଥ୍ୟସେବା, ଗୁଣାତ୍ମକ ଶିକ୍ଷା ସୁବିଧା ସହ ରୋଜଗାର ଉପଲବ୍ଧ କରାଇବା ପାଇଁ ପରିବର୍ତ୍ତନ ହେବ ବୋଲି ଅନୁଗୋଳରେ ନିର୍ବାଚନ ପ୍ରଚାର କରିବା ଅବସରରେ କହିଛନ୍ତି ସମ୍ବଲପୁର ଲୋକସଭା ସାଂସଦ ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଶନିବାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀର ଅନୁଳିଆରେ ଆୟୋଜିତ ହଜାର ହଜାର ଲୋକଙ୍କ ସହ ବିଶାଳ ପଦଯାତ୍ରାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସମର୍ଥନରେ ପ୍ରଚାର କରିଛନ୍ତି । ସେଠାରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି, ବିରୋଧୀମାନେ ବିକାଶକୁ ପାରୁନଥିବା ମୁଖ୍ୟମନ୍ତ୍ରୀ କହୁଛନ୍ତି । ଓଡ଼ିଶାର ଗାଁରେ ପିଇବା ପାଣି ନାହିଁ । ଚାଷ ଜମିରେ ପାଣି ନାହିଁ । ଡାକ୍ତରଖାନାରେ ଡାକ୍ତର ନାହାନ୍ତି । ସ୍କୁଲ ଗୁଡିକରେ ଶିକ୍ଷକ ନାହାନ୍ତି । ପିଲାମାନେ ଅଧାରୁ ପାଠପଢା ଛାଡୁଛନ୍ତି । ଗାଁରେ ଗାଁରେ କାମ ଧନ୍ଦା ଆଶାରେ ଲୋକମାନେ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଓଡ଼ିଶାରେ ୬୦ ପ୍ରତିଶତ ମହିଳା ରକ୍ତହୀନତା ଏବଂ ଶିଶୁମାନେ ଅପପୁଷ୍ଟିର ଶୀକାର । ଏହାକୁ ମୁଖ୍ୟମନ୍ତ୍ରୀ ବିକାଶ କହୁଛନ୍ତି କି ?

ଆମ ରାଜ୍ୟରେ ଓଡ଼ିଆ ଭାଷା, ସଂସ୍କୃତି ଏବଂ ଓଡ଼ିଆ ଲୋକଙ୍କର ଭବିଷ୍ୟତ ଆଜି ଅନ୍ଧାରରେ । ଆମ ରାଜ୍ୟର ନେତା ଓଡ଼ିଆ ଲୋକ ହେବା ଦରକାର । ଓଡ଼ିଶାରେ ଭ୍ରଷ୍ଟ, ଦୁର୍ନୀତିଗ୍ରସ୍ତ ଓ ଅତ୍ୟାଚାରୀ ସରକାରକୁ ବଦଳାଇବା ଦରକାର । ଓଡ଼ିଆ ଭାଷା, ଅସ୍ମିତା ଓ ସ୍ୱାଭିମାନକୁ ବଞ୍ଚାଇବା ପାଇଁ ଆମେ ସମସ୍ତେ ପଦ୍ମଫୁଲରେ ଭୋଟ୍ ଦେବା । ଓଡ଼ିଶା ଏବଂ ଦେଶରେ ବିଜେପି ସରକାର ଗଠନ କରିବା ପାଇଁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ପ୍ରଚାର କାଳରେ ଶ୍ରୀ ପ୍ରଧାନ ଓଗୀ ସ୍ଥିତ ମା' ବନଦୁର୍ଗା ମନ୍ଦିରରେ ଦର୍ଶନ କରିଥିଲେ । ପଦଯାତ୍ରାରେ ଶତାଧିକ ଜନସାଧାରଣ, ମାତୃଶକ୍ତି ଓ ଯୁବବର୍ଗମାନେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ ।

## କଂଗ୍ରେସ୍‌ରେ ସାମିଲ୍ ହେଲେ ବିଜେଡ଼ି କର୍ମୀ

ବାଙ୍କୀ , (ସବ୍ୟୁ) :ବାଙ୍କୀ ବିଧାନସଭା ନିର୍ବାଚନ ମଣ୍ଡଳୀ ରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଉଥିବା ବେଳେ ଗୋଟିଏ ଦଳ ଛାଡ଼ି କର୍ମୀମାନେ ଅନ୍ୟ ଦଳରେ ମିଶିବାରେ ଲାଗିଛନ୍ତି। ବାଙ୍କୀ ବ୍ଲକ କଦଳିବାଡ଼ି ଗ୍ରାମ ପଞ୍ଚାୟତର କଦଳୀବାଡ଼ି ଗ୍ରାମର ପଚାଶରୁ ଉର୍ଦ୍ଧ୍ୱ ବିଜେଡ଼ି କର୍ମୀ ସ୍ଥାନୀୟ ସରପଞ୍ଚ ଓ ବିଧାୟକଙ୍କ କାର୍ଯ୍ୟକଳାପ ରେ ଅସନ୍ତୋଷ ପ୍ରକାଶ କରି ବାଙ୍କୀ ର କଂଗ୍ରେସ୍ ପ୍ରାର୍ଥୀ ତଥା ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକଙ୍କ ଉପରେ ଆସ୍ଥା ପ୍ରକଟ କରି ବାଙ୍କୀ କଂଗ୍ରେସ୍ କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ରେ ସାମିଲ୍ ହୋଇଛନ୍ତି। କଦଳୀବାଡ଼ି ଗ୍ରାମର ବିପିନ ବିହାରୀ ରାଉତ, ବିଜୟ କୁମାର୍ ରାଉତ, ଗଦାଧର ନାଥ, ହେମନ୍ତ ରାଉତ, ସୁରେନ୍ଦ୍ର ରାଉତ, ସୁଧାକର ଦାଶ, ବଳରାମ ସାହୁ ସୁଧୀର କୁମାର ସାହୁ, ପ୍ରକାଶ ରାଉତ ଓ ମାଧବ ରାଉତଙ୍କ ସମେତ ପଚାଶରୁ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସ୍ ପ୍ରାର୍ଥୀ ଦେବାଶିଷ ପଟ୍ଟନାୟକଙ୍କ ସହିତ ମିଶି ଛନ୍ତି।ସମସ୍ତ ଙ୍କୁ ଦଳୀୟ କଂଗ୍ରେସ୍ ଉତ୍ତରୀୟ ପକାଇ ଗ୍ରହଣ କରିଥିଲେ।

## ସୋଆରେ ଦୁଇ ଦିନିଆ ଏଚ୍‌ଆର୍ ସମ୍ମିଳନୀ 'ସୋଆ ପ୍ରକ୍ସିମା-୨୦୨୪'

ଭୁବନେଶ୍ୱର (ସବ୍ୟୁ): ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ଭଳି ବିଘଟନକାରୀ ପ୍ରଯୁକ୍ତି ବିଦ୍ୟାର ଅଭୂତପୂର୍ବ ଆର୍ବିଭାବ ଫଳରେ ମଣିଷ ମନରେ ଉଭୟ ଆଶା ଓ ଭୟ ସଂଚାର ହୋଇଥିବା ବେଳେ ଭବିଷ୍ୟତର କାର୍ଯ୍ୟଧାରାରେ ଏଭଳି ନୂଆ ଆହ୍ୱାନଗୁଡ଼ିକୁ ଆପଣାଇ ନେବାର ଆବଶ୍ୟକତା ରହିଛି ବୋଲି ଶନିବାର ଅଲ୍ ଇଣ୍ଡିଆ କାଉନ୍‌ସିଲ୍ ଫର୍ ଟେକ୍ନିକାଲ୍ ଏଜୁକେସନ୍ (ଏଆଇସିଟିଇ)ର ଅଧକ୍ଷ ପ୍ରଫେସର (ଡକ୍ଟର) ଟି.ଜି. ସୀତାରାମ କହିଛନ୍ତି ।

ନୂତନ ବୈଷୟିକ ଜ୍ଞାନକୌଶଳର ଅଭ୍ୟୁଦୟ ହେଲେ ଏହାର ସାମ୍ନା କରିବା ସମୟରେ ମଣିଷ ମନରେ କିଛିଟା ଭୟ ସଂଚାର ହୋଇଥାଏ । କିନ୍ତୁ କାଳକ୍ରମେ ସମସ୍ତେ ଏହାକୁ ଆପଣାଇବା ମଧ ଶିଖି ଯାଇଥାନ୍ତି । ଠିକ୍ ସେହିପରି ଏଆଇ ଜନିତ ଆହ୍ୱାନର ମଧ ଆମେ ସମ୍ମୁଖୀନ ହେବା ଉଚିତ୍ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଶେଷ ହୋଇଥିବା ଦୁଇ ଦିନିଆ ଏଚ୍‌ଆର୍ ସମ୍ମିଳନୀ 'ସୋଆ ପ୍ରକ୍ସିମା-୨୦୨୪'ରେ ଯୋଗ ଦେଇ ପ୍ରଫେସର ସୀତାରାମ କହିଛନ୍ତି । ମଣିଷର ସ୍ଥାନ କ'ଣ ଏଆଇ ନେବ? କ'ଣ ବହୁ ସଂଖ୍ୟାରେ ଲୋକ ବେରୋଜଗାର ହୋଇଯିବେ? କ'ଣ ମେସିନ୍ ଏତେ ବିଚକ୍ଷଣ ହୋଇଯିବ ଯେ ମଣିଷ ତା' ଉପରେ ନିଜର ନିୟନ୍ତ୍ରଣ ହରାଇ ବସିବ? ଏଭଳି ଅନେକ ପ୍ରଶ୍ନ ବର୍ତମାନ ମଣିଷର ମନକୁ ଉଦ୍‌ବିଗ୍ନ କରୁଛି ବୋଲି କହିଛନ୍ତି ଡକ୍ଟର ସୀତାରାମ।

ଏହି କନ୍‌କ୍ଲେଭ୍‌ରେ ସାରା ଦେଶରୁ ବିଭିନ୍ନ ଶିଳ୍ପରୁ ପ୍ରାୟ୧୦୦ ରୁ ଉର୍ଦ୍ଧ୍ୱ ମାନବ ସମ୍ବଳ ବିଶେଷଜ୍ଞଙ୍କ ସମେତ ସୋଆର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ଏହି ଅବସରରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ପ୍ରଫେସର ସୀତାରାମଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ । ଶୁକ୍ରବାର ଆୟୋଜିତ ସୋଆ ପ୍ରକ୍ସିମାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଟାଟା ଇଣ୍ଟରନ୍ୟାସ୍‌ନାଲର ପୂର୍ବତନ



ପରିଚାଳନା ନିର୍ଦ୍ଦେଶକ ଡକ୍ଟର ସନ୍ଦୀପନ୍ ଚକ୍ରବର୍ତୀ ଯୋଗ ଦେଇଥିଲେ । ସେହିପରି କନ୍‌କ୍ଲେଭର ଦ୍ୱିତୀୟ ଦିବସରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁମ୍ବାଇ ସ୍ଥିତ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ପ୍ରେସିଡେଂଟ (ଏଚ୍‌ଆର୍) ବିଜୟ ସାହୁ ଯୋଗ ଦେଇ ନିଜ ବକ୍ତବ୍ୟ ରଖିଥିଲେ ।

## କାଠଯୋଡ଼ି ବିହାର ବସ୍ତିର ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହ କରିବି ଆଲୋଚନା : ପ୍ରକାଶ

କଟକ, (ସବ୍ୟୁ) ବୈଶାଖ ମାସର ତପାମାତ୍ରା ଉପର ମୁହାଁ । ତା ସାଙ୍ଗକୁ ଅସହ୍ୟ ଗୁଲୁଗୁଳି । ଏପରି ସ୍ଥଳେ ନିର୍ବାଚନ ତାତି ମଧ୍ୟ କଟକରେ କମ୍ ନୁହେଁ । ଏଭଳି ପ୍ରତିକୂଳ ପରିସ୍ଥିତିରେ ସକାଳୁ ସକାଳୁ ସାଧାରଣ ଲୋକଙ୍କ ସହ ସମ୍ପର୍କ ସ୍ଥାପନା ପାଇଁ ୱାର୍ଡ଼ ର ଗଳିକନ୍ଦିରେ ଥିବା ଚା ଓ ପାନ ଦୋକାନରେ ଖଟି ଆରମ୍ଭ କରିଦେଉଛନ୍ତି ବିଜେଡିର ସାଂସଦ ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ପ୍ରକାଶ ବେହେରା । ପ୍ରକାଶ ୫ ନମ୍ବର ୱାର୍ଡର କାଠଯୋଡ଼ି ବିହାର ବସ୍ତିରେ ଚାହା ଖଟିରେ ଯୋଗ ଦେଇ ସ୍ଥାନୀୟ ଲୋକଙ୍କ ମନର କଥା ଶୁଣିଥିଲେ । ସେମାନଙ୍କ ର ରହିଥିବା ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ । ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଦେଶର ୧ ନଂ ରାଜ୍ୟ କରିବା ପାଇଁ ଯେଉଁ କଠିନ ପରିଶ୍ରମ କରୁଛନ୍ତି ସେ ସଂକ୍ରାନ୍ତରେ ବସ୍ତି ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ବାରବାଟୀ କଟକରେ ରହୁଥିବା ବସ୍ତି ଲୋକ ମାନଂକ ପାଇଁ ମୂଖ୍ୟମନ୍ତ୍ରୀ କିଭଳି ଯୋଜନା ମାନ ପ୍ରଣୟନ କରିଛନ୍ତି ଆଗକୁ ସେମାନଙ୍କ ପାଇଁ ଅନେକ ପ୍ରୋଜେକ୍ଟ କିଭଳି ଆସିବ ସେ ବାବଦରେ ଆଲୋଚନା କରିଥିଲେ । ବସ୍ତି ବାସିନ୍ଦା ମାନେ ଆଲୋଚନା ବେଳେ ଦେଇଥିବା ପ୍ରସ୍ତାବ ଗୁଡ଼ିକୁ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ଏହାର ତୁରନ୍ତ ସମାଧାନ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ । ଖଟିରେ କଟକ ବିଜେଡ଼ି ଏମପି ପ୍ରାର୍ଥୀ ସଂତୃପ୍ତ ମିଶ୍ର ମଧ୍ୟ ବସ୍ତି ବାସୀଙ୍କ ସମସ୍ୟା ବିଷୟରେ ଅବଗତ ହୋଇଥିଲେଛ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ୱାର୍ଡ଼ର କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ୱାର୍ଡ ସଭାପତି ଦେବେନ୍ଦ୍ରନାଥ ମିଶ୍ର ପ୍ରମୁଖଙ୍କ ସହ ମଧ୍ୟ ସ୍ଥାନୀୟ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏହି ଖଟିରେ ଅନ୍ୟ ମାନଙ୍କ ମଧରେ ରାଜ୍ୟ ବିଜେଡ଼ି କାର୍ଯ୍ୟକାରୀ ସଦସ୍ୟ ପ୍ରକାଶ ସିଂ, କଟକ ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି, ପ୍ରେମାଂଶୁ ବେହେରା, ଜିଲ୍ଲା ବିଜେଡ଼ି ଆଇନଜୀବି ସାଧାରଣ ସମ୍ପାଦକ ଶୁଭ୍ରାଂଶୁ ମହାନ୍ତି, କଟକ ନଗର ବିଜେଡ଼ି ଉପସଭାପତି ବିଜୟ ଓଝା, ବସ୍ତି ଉନ୍ନୟନ ପରିଷଦ ସଭାନେତ୍ରୀ ବିମଳା ରଣା ଓ ସମ୍ପାଦକ ବିଶ୍‌ନାଥ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।



## ବିଜେଡ଼ିରେ ଯୋଗଦେଲେ ଅତାବିରା ନିର୍ବାଚନମଣ୍ଡଳୀର ବିଜେପି ନେତାଓ କର୍ମୀ



ଭୁବନେଶ୍ୱର (ସବ୍ୟୁ): ବରଗଡ ଜିଲ୍ଲା ଅନ୍ତର୍ଗତ ଅତାବିରା ନିର୍ବାଚନମଣ୍ଡଳୀର ବିଜେପି ଜିଲ୍ଲାକାର୍ଯ୍ୟକାରୀ ସଦସ୍ୟ ଇଂ ଭରତ ବେହେରା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାପତି ସୁନନ୍ଦ ମେହେର ଓ ଜିଲ୍ଲା ଶ୍ରମିକ ସେଲ ସଂଯୋଜକ ଉରଗୁଲ ତାଣ୍ଡିଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ଅତାବିରା ବିଧାୟିକା ସ୍ନେହାଙ୍ଗୀନି ଛୁରିଆ ଓ ଅତାବିରା ପର୍ଯ୍ୟବେକ୍ଷକ ବିଶ୍ୱନାଥଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତା ଓ କର୍ମୀଙ୍କୁ ଡକ୍ଟର ପାତ୍ର, ଶ୍ରୀମତୀ ଛୁରିଆ ଓ ଶ୍ରୀ ବିଶ୍ୱନାଥ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି ବିଜେପି କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷ କରି ଅତାବିରା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର, ଶ୍ରୀମତୀ ଛୁରିଆ ଓ ଶ୍ରୀ ବିଶ୍ୱନାଥ କହିଥିଲେ। ଏହି ମିଶ୍ରଣ ପର୍ବରେ ଅଶ୍ୱିନ ବେହେରା, ଗୋବିନ୍ଦ ପ୍ରଧାନ, ପ୍ରଶାନ୍ତ ଅମାତ, ସୁନୀଲସେଠ, ବିନୋଦ ବେହେରା, ସୂର୍ଯ୍ୟ ନାରାୟଣମିଶ୍ର, ଇଶ୍ୱର ଧାରୁଆ, ରମାକାନ୍ତ ବିଶି, ଅଶ୍ୱିନୀସୁରୁଜାଲ, ଚାମରା ଦଣ୍ଡସେନା, ପ୍ରମୋଦ ଗରତିଆ, ସୁବ୍ରତ ପଟେଲ, ଯଶୋବନ୍ତ ସେଠ, ବିଦେଶ କୁମାର ଦାସ, ଚୁଡାମଣିମହାରଣା, ସାଇଚନ୍ଦନ ମିଶ୍ର, ସିଲୁମିଶ୍ର, କୈଳାସବାଗ, ମଧୁ ଦୀପ, ଅରୁଣବାଗ, ଲିଲିମାଗୁପ୍ତା, ଦୟାସାଗର ପ୍ରଧାନ, ଦୀପକ ଦାସ, ପ୍ରକାଶ ଶଣ୍ଢ, ଚକାପୋଢ ଓ ମାନସ ସାହୁଙ୍କ ସହଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖୋର୍ଦ୍ଧାରେ ରାଜେନ୍ଦ୍ର ସାହୁ , ବେଗୁନିଆରେ ପ୍ରଦୀପ ସାହୁ

ଖୋର୍ଦ୍ଧା (ସବ୍ୟୁ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଖୋର୍ଦ୍ଧା ଓ ବେଗୁନିଆ ବିଧାନସଭା ପାଇଁ ଦଳୀୟ ଟିକେଟ ଘୋଷଣା କରିଛନ୍ତି । ବେଗୁନିଆର ବୋଲଗଡ ବିଧାୟକ ରାଜେନ୍ଦ୍ର ସାହୁଙ୍କୁ ଦଳ ଖୋର୍ଦ୍ଧାରେ ପ୍ରାର୍ଥୀ କରିଛି । ବେଗୁନିଆ ବୋଲଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରଦୀପ ସାହୁଙ୍କୁ ପ୍ରାର୍ଥୀ କରିଛି ।ଦଳୀୟ ଟିକେଟ ଘୋଷଣା ପରେ କର୍ମୀଙ୍କ ମହଲରେ ଖୁସିର ଲହରୀ ଦେଖାଯାଇଥିବା ବେଳେ ପରସ୍ପରକୁ ମିଠା ଖୁଆଇ ଓ ବାଣ ଫୁଟାଇ କର୍ମୀମାନେ ଉତ୍ସବ ମନାଇଛନ୍ତି । ରାଜେନ୍ଦ୍ର ସାହୁ ଜଣେ ଦକ୍ଷ ସଂଗଠକ ଥିବା ବେଳେ ସେ ପ୍ରଥମେ ୧୯୯୮ ମସିହାରେ ରାଜନୀତିକୁ ଆସି ପ୍ରଥମେ ଖୋର୍ଦ୍ଧା ପୌରପରିଷଦର କାଉନ୍ସିଲର ଭାବରେ ନିର୍ବାଚନ ଲଢି ବିଜେତା ହୋଇଥିଲେ। ସେଇ ଦିନ ଠାରୁ ସେ ରାଜନିତରେ ଆଉ ପଛକୁ ନଫେରି ଲଗାତାର ତାଙ୍କର ଦକ୍ଷତା ଦେଖାଇ ଆସିଛନ୍ତି । ୨୦୦୩ ମସିହାରେ ପୌରପରିଷଦ ଅଧକ୍ଷ ଭାବରେ ଦାଇତ୍ୱ ନେଇଥିଲେ । ୨୦୦୯ ମସିହାରେ ସ୍ୱାଧୀନ ଭାବରେ ନିର୍ବାଚନ ଲଢ଼ି ପ୍ରଥମେ ବିଧାୟକ ଭାବରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ମଙ୍ଗ ଧରିଥିବାବେଳେ ୨୦୧୪ମସିହାରେ ଶ୍ରୀ ସାହୁଙ୍କୁ ବିଜେଡି ଟିକେଟରେ ବିଧାୟକ ହୋଇଥିଲେ । ୨୦୧୯ମସିହାରେ ବେଗୁନିଆ ନିର୍ବାଚନ ମଣ୍ଡଳୀକୁ ଯାଇ ଦଳୀୟ ଟିକେଟ ରେ ବିଧାୟକ ହୋଇଥିଲେ ।

ସେହିପରି ୧୯୯୨ ମସିହାରୁ ବେଗୁନିଆ ବ୍ଲକ ସରୁଆ ଗ୍ରାମ ପଂଚାୟତରୁ ପ୍ରଦୀପ ସାହୁ ତାଙ୍କ ରାଜନୀତି ଆରମ୍ଭ କରିଥିଲେ । ସେ ପ୍ରଥମେ ୧୯୯୨ ମସିହାରେ ସମିତି ସଭ୍ୟ ପାର୍ଥି ଭାବରେ ପଂଚାୟତରୁ ରାଜନୀତି ଆରମ୍ଭ କରି ଥିଲେ ଏବଂ ୧୯୯୭ ମସିହାରେ ସରପଂଚ ଭାବରେ ବିଜୟ ଲାଭକାରୀ ଥିବା ବେଳେ ୨୦୦୩ ମସିହାରେ ତାଙ୍କୁ ସରପଂଚ ନିର୍ବାଚନରେ ପରାଜିତ ହେବାକୁ ପଡିଥିଲା । ପରେ କଂଗ୍ରେସ ଟିକେଟ ରେ ଦୁଇଥର ବିଧାୟକ ଲଢି ପରାଜିତ ହୋଇଥିଲେ । ୨୦୧୯ ନିର୍ବାଚନରେ ପରାଜିତ ହେବାର ପରେ ବିଜେଡି ରେ ସାମିଲ ହୋଇ ପଂଚାୟତ ନିର୍ବାଚନରେ ସେ ଭଲ ପ୍ରଦର୍ଶନ କରିଥିଲେ । ତେବେ ଚଳିତ ଥର ବିଜେଡି ଟିକେଟ ଦେଇ ତାଙ୍କୁ ଦଳୀୟ ପ୍ରାର୍ଥୀ କରିଛି ।

## ସତ୍ୟବାଦୀ ବିଧାନସଭା ଆସନ : ୪ ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ

ସାକ୍ଷୀଗୋପାଳ ,(ସବ୍ୟୁ) :ସତ୍ୟବାଦୀ ବିଧାନସଭା ଆସନ ର୍ନିବାଚନ ନିମନ୍ତେ ଆସନ୍ତା ୨୯ ତାରିଖ ଦିନ ବିଜ୍ଞପ୍ତି ପ୍ରକାଶ ପାଇବ । ବିଜ୍ଞପ୍ତି ପ୍ରକାଶ ଦିନ ଠାରୁ ମଇ ମାସ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀ ମାନେ ପ୍ରାର୍ଥୀ ପତ୍ର ଦାଖଲ କରି ପାରିବେ। ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇ ନ ଥିଲେ ମଧ ସତ୍ୟବାଦୀ ବିଧାନସଭା ଆସନରେ ର୍ନିବାଚନ ପ୍ରଚାର ଆରମ୍ଭ ହୋଇଗଲାଣି ।ସତ୍ୟବାଦୀ ବିଧାନସଭା ଆସନରୁ ବିଜୁ ଜନତା ଦଳ ତରଫରୁ ବିଧାୟକ ପ୍ରାର୍ଥୀ ସଞ୍ଜୟ କୁମାର ଦାସବର୍ମା ପ୍ରଥମେ କଣାସ ପଞ୍ଚାୟତ ସମିତି ଅଧକ୍ଷାଙ୍କ ସମେତ ଅନେକ ସରପଞ୍ଚ ଓ ସମିତି ସଭ୍ୟ ଓ ସମିତି ସଭ୍ୟାଙ୍କ ସମେତ ଅନେକ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କୁ ବିଜୁ ଜନତା ଦଳରେ ମିଶାଇ ପ୍ରସ୍ତୁତି ଆରମ୍ଭ କରିଥିଲେ । ବର୍ତ୍ତମାନ ପର୍ଯ୍ୟନ୍ତ ଦଳୀୟ ସମର୍ଥନରେ ସେବା ସମବାୟ ସମିତି ସଭାପତି, ଦଳୀୟ ସରପଞ୍ଚ, ସମିତି ସଭ୍ୟ, ସମିତି ସଭ୍ୟା, ମହିଳା ସ୍ୱୟଂ ଗୋଷ୍ଠୀଙ୍କ ସମେତ ଅନ୍ୟାନ୍ୟ ସଂଗଠନ ସହିତ ଆଲୋଚନା କରିଥିଲେ ଓ ପ୍ରତ୍ୟେକ ପଞ୍ଚାୟତରେ ଦଳୀୟ କର୍ମୀ ବୈଠକ ଓ ମିଶ୍ରଣ ପର୍ବ କରି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ବିଜେପି ପ୍ରାର୍ଥୀ ଓମ ପ୍ରକାଶ ମିଶ୍ର ପ୍ରତି ପଞ୍ଚାୟତରେ ଦଳୀୟ କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ ଓ ଦୁଆର ଦୁଆର ବୁଲି ଭୋଟର ମାନଙ୍କୁ ଭୋଟ ଦେବା ନିମନ୍ତେ ପ୍ରଚାର ଆରମ୍ଭ କରି ଦେଇଛନ୍ତି ଓ କଂଗ୍ରେସ ଦଳ ତରଫରୁ ମନୋଜ ରଥଙ୍କୁ ପ୍ରାର୍ଥୀ ଘୋଷଣା କରା ଯାଇଅଛି । ପ୍ରାର୍ଥୀ ଘୋଷଣାରେ ବିଳମ୍ବ ହୋଇଥିଲେ ମଧ ଘୋଷଣା ପରେ ପରେ ଶ୍ରୀଯୁକ୍ତ ରଥ ର୍ନିବାଚନ ପ୍ରଚାର ଆରମ୍ଭ କରି ଦେଇଛନ୍ତି । ଦଳୀୟ ଓ ନିଜର ସମର୍ଥକ ମାନଙ୍କୁ ନେଇ ଭୋଟର ବଜାର ଅଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରଚାର ଆରମ୍ଭ କରି ଦେଇଛନ୍ତି । ଆସନ୍ତା ର୍ନିବାଚନରେ ସ୍ୱାଧୀନ ପ୍ରାର୍ଥୀ ରୂପେ କାମାକ୍ଷା ପ୍ରଧାନ ପ୍ରତିଦ୍ୱନ୍ଦିତା କରିବେ ଓ ଶ୍ରୀଯୁକ୍ତ ପ୍ରଧାନ ସମସ୍ତ ପଞ୍ଚାୟତରେ କର୍ମୀ ସମ୍ମିଳନୀ କରି ଘର ଘର ବୁଲି ଭୋଟର ମାନଙ୍କୁ ଭୋଟ ଦେବା ନିମନ୍ତେ ନିବେଦନ କରୁଛନ୍ତି। ନିଜର ସମର୍ଥକ ମାନଙ୍କୁ ନେଇ ର୍ନିବାଚନ ପ୍ରଚାର ଖୁବ ଜୋରସୋରରେ ଜାରି ରଖିଛନ୍ତି ।ପ୍ରାର୍ଥୀ ପତ୍ର ଦାଖଲ ସୀମା ମଧରେ ଆଉ ଜଣେ କିମ୍ବା ଦୁଇ ଜଣ ପ୍ରାର୍ଥୀପତ୍ର ଦାଖଲ କରିବାର ସମ୍ଭାବନା ରହିଛଇ।

## ଜବର ଦଖଲ ଉଚ୍ଛେଦ ନହେଲେ ଭୋଟ ବର୍ଜନ ଚେତାବନୀ

କଟକ,(ସବ୍ୟୁ) : କଟକ ସଦର ତହସିଲ ଅନ୍ତର୍ଗତ କନ୍ଦରପୁର ଗ୍ରାମବାସୀ ସଦର ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । କନ୍ଦରପୁର ଗ୍ରାମବାସୀଙ୍କ ପକ୍ଷରୁ ଏହି ଦାବିପତ୍ରରେ ଦର୍ଶାଯାଇଛି, ଏହି ପଞ୍ଚାୟତର ୧୫ ଓ ୧୬ ନମ୍ବର ୱାର୍ଡର ବାସିନ୍ଦାଙ୍କ ବହୁ ଚାଷଜମି ନିଜ ଘରଠାରୁ କଟକ - ପାରାଦ୍ୱୀପ ରେଳ ଲାଇନ ପର୍ଯ୍ୟନ୍ତ ଲାଗିଛି । ତତ୍ ସହିତ ଗ୍ରାମର ମୁଖ୍ୟରାସ୍ତା ଠାରୁ ସାହି ମଧକୁ ସଂଯୋଗ କରୁଥିବା ରାସ୍ତା ଯାହାକି ପ୍ଲଟ ନମ୍ବର ୪୭୧ ରେ ଦର୍ଶାଯାଇଛି କି ଏହାର ଓସାର ୧୨ଫୁଟରୁ ଅଧିକ ଅଛି । ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ରହିଥିବା ବେଳେ ଏହି ରାସ୍ତାକୁ ବ୍ୟବହାର କରି ଜନସାଧାରଣ ମାନେ ଚାଷ କାର୍ଯ୍ୟ ପାଇଁ ହଳ ଲଙ୍ଗଳ, ଟ୍ରାକ୍ଟର ଇତ୍ୟାଦି ସାହାଯ୍ୟରେ ନିଜ ନିଜ ଚାଷ ଜମିକୁ ଯାଆନ୍ତି । କିନ୍ତୁ କିଛି ନ୍ୟାସ୍ତସ୍ୱାର୍ଥ ବ୍ୟକ୍ତି ଏହି ରାସ୍ତାକୁ ଜବର ଦଖଲ କରି ସ୍ଥାୟୀ ନିର୍ମାଣ କରିବା ସହ ନାନାଦି ଗଛ ଲଗାଇଛନ୍ତି । ଯାହାଫଳରେ ରାସ୍ତା ସଙ୍କୁଚିତ ହେବାରୁ ବର୍ତ୍ତମାନ ସେହି ରାସ୍ତାରେ ଟ୍ରାକ୍ଟର ଯିବା ଅସମ୍ଭବ ହୋଇଯାଇଛି, ଏପରିକି ହଳ ଲଙ୍ଗଳ ମଧ ଯାଇପାରୁନି । ଏହା ବାଦ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଜନବସତି ରହିଥିବା ବେଳେ କୌଣସି ଅଘଟଣ ଘଟିଲେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ ଯିବା ଅସମ୍ଭବ । ଏଣୁ ଏହି ରାସ୍ତାରୁ ଜବର ଦଖଲ ଉଚ୍ଛେଦ କରିବା ପାଇଁ କନ୍ଦରପୁର ପଞ୍ଚାୟତର ସରପଞ୍ଚଙ୍କ ସମେତ କନ୍ଦରପୁର ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ସଦର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଅପରପକ୍ଷରେ ଖୁବଶିଘ୍ର ତଥା ସାଧାରଣ ନିର୍ବାଚନ ପୂର୍ବରୁ ଯଦି ସଦର ତହସିଲ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାନଯିବ ତାହାଲେ ୧୫ ଓ ୧୬ ନମ୍ବର ୱାର୍ଡର ବାସିନ୍ଦା ଭୋଟ ବର୍ଜନ କରିବାକୁ ବାଧ ହେବେ ବୋଲି ବୈଦ୍ୟନାଥ ରାଉତ, ଅଜୟ ପ୍ରଧାନ, ପ୍ରତାପ ରାଉତ, ପ୍ରଫୁଲ୍ଲ ସ୍ୱାଇଁ, ନିରଞ୍ଜନ ସାହୁ, ବସନ୍ତ ତରାଇ, ଦୀପକ ସାହୁ, ରମେଶ ଲେଙ୍କା, ଶରତ ପ୍ରଧାନ, ରବି ଭୋଇଙ୍କ ସମେତ ବହୁ ଗ୍ରାମବାସୀ ଜଣାଇଛନ୍ତି ।

## ନୂଆପଡା ଶିଶୁ ମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ




କଟକ, (ସ୍ୱପ୍ର): ସ୍ଥାନୀୟ ନୂଆପଡା ବାଲିସାହି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଥମ ଶ୍ରେଣୀରେ ଅଧ୍ୟୟନରତ ପିଲାମାନଙ୍କ ଅଭିଭାବକ ଓ ଅଭିଭାବିକାମାନଙ୍କୁ ନେଇ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଅନ୍ଧାରମଣୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପୁଷ୍ପାଞ୍ଜଳି ଲେଙ୍କା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବତାରଣା କରିଥିଲେ। ବିଦ୍ୟାଳୟର ସମ୍ପାଦକ ଅମିତାଭ ରାଉତରାୟ ଶିଶୁ ଓ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିବା ସହ ଶିଶୁର ଅନ୍ତର୍ନିହିତ ବିକାଶରେ ଅଭିଭାବକମାନଙ୍କ ଭୂମୀକା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟଅତିଥି ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତା ଲେଙ୍କା ପରିବାର ଓ ମାଆ ଗୋଟିଏ ଶିଶୁ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ତାହା ଉପରେ ମତ ରଖିଥିଲେ । ଶିଶୁ ବାଟିକା ପ୍ରମୁଖ ସୁପ୍ରିୟା ମହାପାତ୍ର ଏକ ଶାରୀରିକ କାଳାଂଶ ନେଇଥିଲେ ଓ ଗୁରୁମାଆମାନଙ୍କ ଦ୍ୱାରା ଏକ ସାମୁହିକ ସଙ୍ଗୀତ ପରିବେଷଣ କରାଯାଇଥିଲା । ଗୁରୁମାଆ ଦମୟନ୍ତୀ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଦ୍ୟାଳୟର ପ୍ରାତଃ ଓ ଦିବା ଅଧିବେଶନର ସମସ୍ତ ଗୁରୁଜୀ, ଗୁରୁମା ଓ ସେବକ ସେବୀକା ଭାଇଭଉଣୀମାନେ ସହାୟତା କରିଥିଲେ । ଶେଷରେ ପରିଚାଳନା ସମିତି ସଦସ୍ୟ ଡଃ ରାକେଶ କୁମାର ଜେନା ଅଭିଭାବକମାନଙ୍କୁ ଶିଶୁମାନଙ୍କ ଭବିଷ୍ୟତ ଗଠନରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭୁବନେଶ୍ୱରର ଅଙ୍କୁରା ହସପିଟାଲରେ

# ବିରଳ ଜେନେଟିକ୍ ରୋଗରେ ଆକ୍ରାନ୍ତ ଯାଆଁଳା ଶିଶୁଙ୍କ ସଫଳ ଚିକିତ୍ସା

ଭୁବନେଶ୍ୱର : ଡାକ୍ତର ବିଚିତ୍ରାନନ୍ଦ, ଡାକ୍ତର ଅଜୟ, ଡାକ୍ତର ଶୁଭ୍ରାଂଶୁ ଓ ଡାକ୍ତର ପ୍ରିୟବ୍ରତଙ୍କ ନେତୃତ୍ୱରେ ଅଙ୍କୁରା ହସପିଟାଲର ଶିଶୁ ଡାକ୍ତରଖାନାର ଡାକ୍ତରମାନଙ୍କ ଏକ ଟିମ ବିରଳ ଜେନେଟିକ ରୋଗରେ ଯାଆଁଳା ଶିଶୁମାନଙ୍କୁ ଚିକିତ୍ସା କରିଛନ୍ତି । ଶିଶୁମାନଙ୍କର ମେଟାବୋଲିଜିମର ଇନବର୍ନ ଏରର୍ସ ନାମକ ଏକ ଅବସ୍ଥା ଥିଲା ଓ ସେମାନଙ୍କ ପାଇଁ ବିଶେଷ ଯତ୍ନର ଆବଶ୍ୟକତା ରହିଥିଲା। ଏହି ଟିମ ସେମାନଙ୍କ ପାଇଁ ଏକ ବିଶେଷ ଚିକିତ୍ସା ଯୋଜନା ପ୍ରସ୍ତୁତ କରି ଉନ୍ନତ ଜ୍ଞାନ କୌଶଳ ଓ ଚିକିତ୍ସା ପଦ୍ଧତି ସହାୟତାରେ ସେମାନଙ୍କୁ ନୂଆ ଜୀବନ ପ୍ରଦାନ କରିଛନ୍ତି । ବାଲୁଗାଁର ରାକେଶ ଓ ରୀମା ନାୟକ ଦୁଇ ବଡ଼ ଝିଅଙ୍କ ପରେ ଯାଆଁଳା ପୁଅ ପାଇ ଖୁସି ହୋଇଥିଲେ। କିନ୍ତୁ ପିଲାଙ୍କ ଠାରେ ଜେନେଟିକ ରୋଗ ଜନ୍ମଗତ ତ୍ରୁଟି ଥିବା ଯୋଗୁ ତାଙ୍କ ଖୁସି ଚିନ୍ତାରେ ପରିଣତ ହୋଇଥିଲା। ସେମାନଙ୍କ ତୁରନ୍ତ ଆରୋଗ୍ୟ ଆବଶ୍ୟକତା ରହିଥିବାରୁ ସେମାନେ ଅଙ୍କୁରା ହସପିଟାଲର ସାହାଯ୍ୟ ଲୋଡିଥିଲେ।

ତାଙ୍କର ଦୁଇ ଶିଶୁଙ୍କ ଓଜନ ୧୬୦୦ ଓ ୧୯୦୦ ଗ୍ରାମ ରହିଥିଲା ଓ ସେମାନେ ଗୁରୁତର ଅସୁସ୍ଥ ଥିଲେ। ସେମାନଙ୍କୁ ଏନଆଇସିୟୁରେ ରଖାଯାଇ ଯାନ୍ତ୍ରିକ ଭେଂଟିଲେଶନ ଲଗାଯାଇଥିଲା ଓ ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରାଯାଇଥିଲା ବୋଲି ଡା ବିଚିତ୍ରାନନ୍ଦ କହିଛନ୍ତି । ଦୁଇ ଶିଶୁଙ୍କୁ ଚବିଶ ଘଂଟା ମଧ୍ୟରେ ଭେଂଟିଲେଟରରୁ ନିଆଗଲା ଓ ଡାକ୍ତରଙ୍କ ସେବା ଯତ୍ନ ବଳରେ ୪୦ ଘଂଟା ମଧ୍ୟରେ ଆଉ ଅମ୍ଳଜାନ ଦେବାକୁ ପଡ଼ିଲା ନାହିଁ। ସେମାନଙ୍କ ଅବସ୍ଥାରେ ପରିବର୍ତନ ଆସିଲା। ପରେ ସେମାନଙ୍କୁ ଛଅ ଦିନରେ ଡିସଚାର୍ଜ କରାଯାଇଥିଲା ଓ ଆଠଦିନ ପରେ ଉଭୟ ସୁସ୍ଥ ଏବଂ ଉନ୍ନତି କରିଥିଲେ ।

## ବିଏମ୍‌ସି ୩୫ ନମ୍ବର ୱାର୍ଡରେ ବିଜେଡିର ପ୍ରଚାର

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ମଧ ନିର୍ବାଚନ ମଣ୍ଡଳୀରେ ଥିବା ବିଏମ୍‌ସି ର ୩୫ ନମ୍ବର ୱାର୍ଡରେ ବିଜୁ ଜନତା ଦଳର କର୍ମୀମାନଙ୍କ ଦ୍ୱାରା ଉଭୟ ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା ଓ ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କ ସପକ୍ଷରେ ଆଗାମୀ ଦିନରେ ଜୟଯୁକ୍ତ କରିବା ପାଇଁ ଧୁଆଁଧାର ପ୍ରଚାର ଆରମ୍ଭ ହୋଇଯାଇଅଛି । ପ୍ରତିଦିନ ସକାଳୁ ବିଭିନ୍ନ ଚା ଖଟି ଓ ଜିମ୍ ଓ ପାର୍କ ପ୍ରଭୃତି ସ୍ଥାନ ମାନଙ୍କରେ ସ୍ଥାନୀୟ କର୍ପୋରେଟର ରଞ୍ଜୁଲତା ରାୟଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ମହିଳାମାନେ ଲୋକମାନଙ୍କୁ ଭେଟି ବିଜେଡିର କାର୍ଯ୍ୟକ୍ରମ ଓ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ବୁଝାଉଥିବା ବେଳେ ଅପରାହ୍ନ ୪ ଘଟିକାରୁ ରାତି ୧୦ଟା ପର୍ଯ୍ୟନ୍ତ ମହିଳାମାନଙ୍କୁ ସାଙ୍ଗରେ ଧରି କର୍ପୋରେଟର ରଞ୍ଜୁଲତା ରାୟ ପ୍ରତି ଘର ଲୋକଙ୍କୁ ଭେଟି, ଦୋକାନ, ବଜାର ଏପରିକି ପଥଚାରୀମାନଙ୍କୁ ଭେଟି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ବିକାଶମୂଳକ କାର୍ଯ୍ୟ ଏବଂ ବିଭିନ୍ନ ଲୋକାଭିମୁଖି ଯୋଜନା ସମ୍ପର୍କରେ ବୁଝାଇବା ସହ କାହାର କଣ ସମସ୍ୟା ଅଛି ଆଗାମୀ ଦିନରେ ସମାଧାନ କରିବାକୁ ଦୃଢ ପ୍ରତିଶ୍ରୁତି ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରୁଛନ୍ତି । ତତ୍‌ସଙ୍ଗେସଙ୍ଗେ ମଧ ବିଧାୟକ ଭାବେ ଶ୍ରୀ ଅନନ୍ତ ନାରାୟଣ ଜେନାଙ୍କୁ ଆଉଥରେ ବିଧାନସଭାକୁ ପଠାଇବା ପାଇଁ ଲୋକମାନଙ୍କୁ ବୁଝାଇବା ସହ ସବୁ ଘର କାନ୍ଥରେ ବିଜେଡିର ଷ୍ଟିକର ମାରୁଛନ୍ତି ଓ ସବୁ ଲୋକମାନଙ୍କୁ ଉଭୟ ପ୍ରାର୍ଥୀଙ୍କ ଫଟୋ ଥିବା ପୁସିଂ କାର୍ଡ ପ୍ରଦାନ କରୁଛନ୍ତି । ସମସ୍ତଙ୍କୁ ଯୋଡ଼ି ଶଙ୍ଖରେ ଭୋଟ ଦେଇ ବିଜେଡିକୁ ଆଗାମୀ ଦିନରେ ଜୟଯୁକ୍ତ କରିବା ପାଇଁ ସାଧାରଣ ଜନତାଙ୍କୁ କର୍ପୋରେଟ୍ ଶ୍ରୀମତୀ ରଞ୍ଜୁଲତା ରାୟ ଅନୁରୋଧ କରୁଛନ୍ତି ।



### ବାରହା ଶିକାର ପାଇଁ ବିଦ୍ୟୁତ୍ ଫାଶ

# ଫାଶରେ ପଡି ଚାଷୀଙ୍କ ମୃତ୍ୟୁ, ଶିକାରୀ ଗିରଫ



ବୁଗୁଡ଼ା, (ସବ୍ୟୁ): ବୁଗୁଡା ବନାଞ୍ଚଳରେ ବନ୍ୟଜନ୍ତୁ ଶିକାର ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ଗତକାଲି ବାରହା ଶିକାର ପାଇଁ ପକାଯାଇଥିବା ବିଦ୍ୟୁତ୍ ଫାସରେ ପଡି ଜନୈକ ଚାଷୀ ମୃତ୍ୟୁ ବରଣ କରିଥିବା ଏବଂ ଅଭିଯୁକ୍ତ ଶିକାରୀଙ୍କୁ ପୋଲିସ ଗିରଫ କରିଥିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ମୃତ ଚାଷୀ ଜଣକ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ତାଳସାକର ଗ୍ରାମର ଅରୁଣ ନାୟକ (୩୮) ଏବଂ ଗିରଫ ଅଭିଯୁକ୍ତ ଶିକାରୀ ଜଣକ ହେଲେ ସେହି ଗ୍ରାମର କୃଷ୍ଣଚନ୍ଦ୍ର ଜେନା । ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ କେସ୍ ନଂ ୩୦୩/୨୪ରେ ଏକ ମାମଲା ରୁଜୁ କରିଥିବା ନେଇ ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତିଙ୍କଠାରୁ ପ୍ରକାଶ ପାଇଛି ।

ପ୍ରକାଶ ଯେ, ଗତକାଲି କୃଷ୍ଣଚନ୍ଦ୍ର ବାରହା ଶିକାର କରିବା ଉଦ୍ଦେଶ୍ୟରେ ତାଳସାକର ଗାଁର ଆଗୁଳତଳ ବିଲରେ ୧୧ କେଭିରୁ ବିଦ୍ୟୁତ୍ ତାର ସଂଯୋଗ କରି ଫାସ ବିଛାଇଥିଲେ । ଅନ୍ୟପକ୍ଷରେ ଅରୁଣ ନିଜର ଚଣା ପଦରରେ ପାଣି ମାଡିବାକୁ ଯାଉଥିଲା ବେଳେ ବାରହା ଶିକାର ସକାଶେ ବିଛାଯାଇଥିବା ବିଦ୍ୟୁତ୍ ଫାସରେ ଛନ୍ଦି ହୋଇ ମୃତ୍ୟୁ ବରଣ କରିଥିଲେ । ପରିବାର ଲୋକେ ରାତିରେ ଅରୁଣଙ୍କ କୌଣସି ଖୋଜ ଖବର ପାଇ ପାରିନଥିଲା ବେଳେ ସକାଳେ ସେହି ରାସ୍ତାରେ ଯାଉଥିବା ସମୟରେ ଅରୁଣଙ୍କ ମୃତ ଦେହ ବିଦ୍ୟୁତ୍ ଫାସରେ ଛନ୍ଦି ହୋଇ ପଡିଥିବା ଦେଖିବାକୁ ପାଇଥିଲେ । ଏ ନେଇ ଖବର ପାଇବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଏବଂ ବିଦ୍ୟୁତ୍ ଫାସର ସମସ୍ତ ସରଞ୍ଜାମକୁ ଜବତ କରିବା ସହ ଶିକାରୀ କୃଷ୍ଣଚନ୍ଦ୍ରକୁ ଗାଁ ନିକଟ ଜଙ୍ଗଲରୁ ଧରିଥିଲା ।

### ମହିଳା ଶ୍ରମିକ ଚାଲାଣକାରୀ ମାମଲା

# ଆଶୀର୍ବାଦ ଫାଉଣ୍ଡେସନ୍ ସଂସ୍ଥାର ୪ କର୍ମଚାରୀ ଅଟକ

ବାରିପଦା, (ସବ୍ୟୁ) : ବାରିପଦା ସହରରେ ମାତିଛନ୍ତି ମହିଳା ଶ୍ରମିକ ଚାଲାଣକାରୀ ଦଲାଲ। 'ଆଶୀର୍ବାଦ ଫାଉଣ୍ଡେସନ୍ ନାମରେ ଏକ ଠକ ସଂସ୍ଥା ଖୋଲି ମହିଳାଙ୍କୁ ଟାର୍ଗେଟ୍ କରୁଛନ୍ତି । ଭିନ୍ନ ଭିନ୍ନ କଳ କାରଖାନାରେ ଚାକିରୀ କରାଇଦେବାର ମିଛ ପ୍ରଲଭନ ଦେଖାଇ ହଜାର ହଜାର ମହିଳାଙ୍କ ପାଖରୁ କୋଟି କୋଟି ଟଙ୍କା ଠକିନେଇଥିବା ଅଭିଯୋଗ କରାଯାଇଛି । ଗତକାଲି ୫୩ ଜଣ ମହିଳାଙ୍କୁ ଆନ୍ଧ୍ରପ୍ରଦେଶ ଚାଲାଣ କରୁଥିବାବେଳେ ବାଲେଶ୍ୱର ରେଲୱେ ଷ୍ଟେସନରୁ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଥିଲା । ଏହି ଖବରପାଇ ଶତାଧିକ ମହିଳା ଆଜି ଠକ ସଂସ୍ଥାର ତକତପୁର ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ହାଜର ହେବା ସହ ଟଙ୍କା ଫେରସ୍ତ ପାଇଁ ଠକ ସଂସ୍ଥା ନାଁରେ ବାରିପଦା ଟାଉନ ଥାନାରେ ଏକାଧିକ ଅଭିଯୋଗ କରାଯାଇଛି। ଉକ୍ତ ଠକ ସଂସ୍ଥାର ୪ଜଣ ମହିଳା କର୍ମଚାରୀଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖାଯାଇଛି ।




## ରାସ୍ତା ଉପର ବିଭିନ୍ନ ସ୍ଥାନରେ ଗଛ ଓ ନଳକୂପ, ଦୁର୍ଘଟଣା ଆଶଙ୍କା

ହିନ୍ଦୋଳ, (ସବ୍ୟୁ): ହିନ୍ଦୋଳ -ମହିଧରପୁର ୬୪ ନଂ ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଛୋଟ ବଡ ଗଛ ଓ ନଳକୂପ ରହିଥିବାରୁ ଦୁର୍ଘଟଣା ଆଶଙ୍କା କରାଯାଉଛି। ପ୍ରତିଦିନ ଉକ୍ତ ରାସ୍ତା ଦେଇ ଅନୁଗୋଳ, ତାଳଚେର, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଆଦି ସ୍ଥାନରୁ ବହୁ ଛୋଟ ବଡ ଯାନ ହିନ୍ଦୋଳ ଦେଇ ନରସିଂହପୁର ବଡମ୍ବା, ନୟାଗଡ଼ ଖୋର୍ଦ୍ଧା ବ୍ରହ୍ମପୁର ଆଦି ସ୍ଥାନକୁ ଯାତାୟତ କରୁଥିବା ବେଳେ ସମାନ ସଂଖ୍ୟକ ଯାନ ବିପରୀତ ଦିଗରୁ ହିନ୍ଦୋଳ ଦେଇ ଅନୁଗୋଳ ତାଳଚେର ସମ୍ବଲପୁର ଆଦି ସ୍ଥାନକୁ ଯାତାୟତ କରିଥାନ୍ତି। ପୂର୍ବରୁ ଉକ୍ତ ରାସ୍ତା ଉପରେ ଛୋଟ ବଡ କେତୋଟି ଦୁର୍ଘଟଣା ଘଟିଥିବା ନଜିର ରହିଛି। ଏବେ ଅନୁଗୋଳ ଦିଗରୁ ମହିଧରପୁର ଦେଇ ହିନ୍ଦୋଳ ଅଭିମୁଖେ ଆସିଥିବା ରାସ୍ତାକୁ ପ୍ରଶସ୍ତି କରଣ କରାଯାଇ ନୂଆ ରୂପ ଦିଆ ଯାଇଥିଲେ ହେଁ ରାସ୍ତାର ବାଉଁଶ ପୋଖରୀ କନ୍ତଝମିଲା ଛକ ପାଖା ପାଖି ତିନି ଚାରୋଟି ଗଛ ସହିତ ବାଉଁଶ ପୋଖରୀ ଅଞ୍ଚଳ ରାସ୍ତା ଉପରେ ଏକ ପୁରାତନ ନଳକୂପ ରହିଥିବାରୁ ଯାତାୟତରେ ବାଧା ସୃଷ୍ଟି ହେଉଛି। ସେହିଭଳି ଖଇରାସାହି ତାରିଣୀ ଛକ ପୂର୍ବରୁ ରାସ୍ତା ଉପରେ ଏକ ବଡ ଚଝଖୁଣ୍ଟା ଗଛ ରହିଥିବାରୁ ଗମନା ଗମନ ବିପଦ ଜନକ ହୋଇ ପଡ଼ିଛିଛ ଏଥିସହ ଖଇରାସାହି ମଧ୍ୟ ଭାଗରେ ବାମ ପାର୍ଶ୍ୱକୁ ଏକ ନଳକୂପ ରହିଥିବାରୁ ସମାନ ସମସ୍ୟା ଦେଖା ଦେଇଛି। ଦିନ ବେଳା ଗାଡ଼ି ଚଳା ଚଳ ସ୍ୱାଭାବିକ ହୋଇ ପାରିଥିଲେ ମଧ୍ୟ ସନ୍ଧ୍ୟା ପରଠାରୁ ଉକ୍ତ ସ୍ଥାନ ମାନଙ୍କରେ ରାସ୍ତା ପାର୍ଶ୍ୱ ଆଲୋକିକରଣବ୍ୟବସ୍ଥା ନଥିବାରୁ ସମସ୍ୟା ବଢୁଛି। ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରୁଛନ୍ତି ।

### ଯୋଡି ଶଙ୍ଖ ବିକାଶର ପରିଚୟ

# ଘରକୁ ଘର ବୁଲି ଭୋଟ ଭିକ୍ଷା କଲେ ସୁବାସ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ପକ୍ଷରୁ ନିର୍ବାଚନୀ ପ୍ରଚାର ଆଜି ଠାରୁ ଜୋରଦାରରେ ଆରମ୍ଭ ହୋଇଛି । ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ସୁବାସ ଚନ୍ଦ୍ର ବେହେରା ପ୍ରଚାର ମୈଦାନକୁ ଓହ୍ଲାଇ ଘରକୁ ଘର ବୁଲି ଭୋଟ ଭିକ୍ଷା କରିବା ସହିତ ଯୋଡି ଶଙ୍ଖ ବିକାଶର ପରିଚୟ, ଏଣୁ ଚଳିତ ନିର୍ବାଚନରେ ଯୋଡି ଶଙ୍ଖରେ ଭୋଟ ଦେବାକୁ ସେ ନିବେଦନ କରିଛନ୍ତି ।

ଶନିବାର ବିଧାୟକ ଶ୍ରୀ ବେହେରାଙ୍କ ନେତୃତ୍ୱରେ ବହୁ ଦଳୀୟ ନେତା କର୍ମୀ ମାନେ ସୁନ୍ଦରପୁର ସ୍ଥିତ ସୁନ୍ଦରେଶ୍ୱର ମନ୍ଦିର ରେ ପୂଜାର୍ଚ୍ଚନା କରି ଭିକାରିପଲ୍ଲୀ ପଂଚାୟତର ଗୋଲାପଲ୍ଲୀ ଠାରୁ ନିଜ ପ୍ରଚାର ଆରମ୍ଭ କରିଛନ୍ତି । ଓଡିଶାର ଜନ ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ସଂକଳ୍ପ ନେବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ବିକାଶ ଧାରା ବଜାୟ ରଖିବା ସହ ଶାନ୍ତି ଶୃଙ୍ଖଳା ରହିବା ନିମନ୍ତେ ବିଜୁ ଜନତା ଦଳକୁ ସମର୍ଥନ କରନ୍ତୁ ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ ।

ଏହି ଅବସରରେ ଶତାଧିକ ଦଳୀୟ କର୍ମୀ ଓ ବିଭିନ୍ନ ଗ୍ରାମର ମହିଳା ଓ ଭଦ୍ର ବ୍ୟକ୍ତି ମାନେ ବିଧାୟକ ଶ୍ରୀ ବେହେରାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଉଛନ୍ତି । ଏହି ପ୍ରଚାର ବେଳେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷ ଏସ. ସାରଦା ରେଡ୍ଡୀ, ୨୧ ନଂ ଜିଲ୍ଲା ପରିଷଦ ସଭ୍ୟା ଛବିତା ବେହେରା, ୨୦ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ଏମ୍. ଧନଞ୍ଜୟ ରେଡ୍ଡୀ ପ୍ରମୁଖଙ୍କ ସହ ଛତ୍ରପୁର ବିଜୁ ଆଇନ ସାମ୍ମୁଖ୍ୟର ସମ୍ପାଦକ ଏଲ. ଗୋପାଳ ରାଓ, ଛତ୍ରପୁର ପୌର ପରିଷଦର କାଉନ ସିଲର ଦେବାଶିଷ ମିଶ୍ର, ପ୍ରିତିଛନ୍ଦା ସାମଲ, ସନ୍ତୋଷୀ ସେଠୀ, ବି. ନିଶ୍ଚଳା, କେ. ରମେଶଙ୍କ ସମେତ ଭିକାରୀପଲ୍ଲୀ ପଞ୍ଚାୟତର କେ.ଚେନେୟା ପାତ୍ର, କେ.ଜଗନ୍ନାଥ ପାତ୍ରଙ୍କ ସହ ବହୁ ଦଳୀୟ ନେତା କର୍ମୀ ଉପସ୍ଥିତରେ ପଞ୍ଚାୟତରେ ପ୍ରଚାର ହୋଇଥିଲା ।

## ଅଂଶୁଘାତରେ ଶ୍ରମିକଙ୍କ ମୃତ୍ୟୁ

ଅନୁଗୁଳ (ସବ୍ୟୁ): ନାଲକୋ ଥାନା କାଣ୍ଡସରରେ ଗତ ଶୁକ୍ରବାର ଜଣେ ଶ୍ରମିକର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାରାଲୋକ ଦାବି କରିଛନ୍ତି। ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଥାନା ଅନ୍ତର୍ଗତ ପଥରଦ୍ୱାର ଗାଁର ପ୍ରକାଶ ବିଶ୍ୱାଳ (୪୦) କାଣ୍ଡସରରେ ରହି ମୂଲ ମଜୁରୀ କରି ଚଳନ୍ତି । ସେ ଗତକାଲି ଦିନ ସାରା ଜଣେ ଘର ମାଲିକର ମାଙ୍କଡାପଥରରେ ଘର କାମ କରିଥିଲେ। ଉପରବେଳା ସେ ଅସୁସ୍ଥ ହୋଇପଡ଼ିଥିଲେ। ଘରକୁ ଫେରି ସେ ଖସି ପଡ଼ିଥିଲେ। ଘରଲୋକ ତାଙ୍କୁ ଅନୁଗୁଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ପ୍ରକାଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପ୍ରକାଶଙ୍କ ମୃତ୍ୟୁ ଅଂଶୁଘାତ ଜନିତ ହୋଇଛି ନା ନାହିଁ ତାହା ଜାଣିବା ପାଇଁ ପୋଲିସ ଶବ ବ୍ୟବଚ୍ଛେଦ କରାଇ ତଦନ୍ତ କରୁଛି ।

## ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଅଢେଇ ବର୍ଷ କାରାଦଣ୍ଡ

ବାରିପଦା, (ସବ୍ୟୁ) : ଏକ ହତ୍ୟା ମାମଲାର ବିଚାର କରି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସତ୍ୟନାରାୟଣ ପାତ୍ର ଅଭିଯୁକ୍ତ ପୁଲିନ୍ ମାର୍ଣ୍ଡି(୨୮)ଙ୍କୁ ୨ବର୍ଷ ୬ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କୃଷ୍ଣଚନ୍ଦ୍ର ଦାଶ ମାମଲା ପରିଚାଳନା କରିଥିଲେ । ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅନ୍ତର୍ଗତ କଠାଘଲା ଗ୍ରାମର ଟିକା ହାଁସଦାଃଙ୍କ ଝିଅ ସୁନି ମାର୍ଣ୍ଡିଙ୍କୁ ଉକ୍ତ ଅଞ୍ଚଳର ପୁଲିନ୍ ମାର୍ଣ୍ଡି ବିବାହ କରିଥିଲେ ।

୨୦୨୧ ସେପ୍ଟେମ୍ବର ୨୪ତାରିଖ ଦିନ ସ୍ୱାମୀ ପୁଲିନ୍ ସ୍ତ୍ରୀ ସୁନିଙ୍କୁ କିଛି ଟଙ୍କା ମାଗିଥିଲେ । ହେଲେ ସୁନି ଟଙ୍କା ନାହିଁ କହିବାରୁ ପୁଲିନ୍ ରାଗି ଯାଇ ସୁନିଙ୍କୁ ପିଟାମରା କରିଥିଲେ । ପରେ ସୁନି ଅଚେତ୍ ହୋଇ ପଡିଯିବାରୁ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇଯାଇଥିଲେ । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ସୁନିଙ୍କ ପରିବାର ପକ୍ଷରୁ ଅଭିଯୋଗ କ୍ରମେ ଶୁଳିଆପଦା ଥାନାରେ ୧୪୮/୨୧ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଶନିବାର ୨୨ଜଣ ସାକ୍ଷୀ ପ୍ରମାଣକୁ ଭିତ୍ତି କରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

# ତାଳଚେରରେ ଛତୁ ଫୁଟିଲା ଭଳି ବିକ୍ରି ହେଉଛି ଧଳାଜହର

ତାଳଚେର, (ସବ୍ୟୁ): ଶିଳ୍ପନଗରୀ ତାଳଚେର ଅଂଚଳରେ ଧଳା ଜହର କାରବାର ସୁଅ ଛୁଟି ଚାଲିଥିଲେ ମଧ୍ୟ ଏଥିରେ ଲାଗି ପାରୁନି ରୋକ୍। ସ୍ଥାନୀୟ ପୋଲିସ୍ ପଇନ୍ତରା ମାରି ମଦ୍ୟପୀ ଗାଡ଼ିଚାଳକଙ୍କୁ ଧରି ହଜାର ହଜାରଟଙ୍କା ଜୋରିମନା ଆଦାୟ କରି ରାଜ୍ୟସ୍ୱ ସରକାରଙ୍କୁ ପ୍ରଦାନ କରୁଥିବା ବେଳେ ଅପରପକ୍ଷେ ତାଳଚେର ଅଂଚଳରେ ସିସିକ୍ୟାମେରା ଲାଗିଥିଲେ ମଧ୍ୟ ଧଳାଜହର ମାଫିଆ ଓ କୁଚିଆ ବେପାରୀଙ୍କୁ ସୁରକ୍ଷା ଦେଉଛି କିଏ ବୋଲି ତାକୁ ନେଇ ଉଠିଛି ପ୍ରଶ୍ନ? ତାଳଚେର ଥାନା ଠାରୁ ମାତ୍ର ୫୦ମିଟର୍ ଦୂରରେ ଲାଗି ରହିଥିବା ପୌରପରିଷଦ ଛକ ନିକଟରେ, ଆରଟିଓ କାର୍ଯ୍ୟାଳୟ ଯିବା ନିରୋଳା ରାସ୍ତାରେ, ୫ନମ୍ବର ୱାର୍ଡ ଏଟିଏମ ସମ୍ମୁଖରେ, ସୌଭାଗ୍ୟ ସାଗର ନିକଟରେ ଓ ହାଟ, ବଜାର ବିଭିନ୍ନ ଗଳିକନ୍ଦିରେ ଧଳାଜହର ଛତୁ ଫୁଟିଲା ଭଳି ବିକ୍ରି ହୋଇ ସମ୍ପୃକ୍ତ ବେପାରୀ ବେଶ ମାଲେ ମାଲ ହେଉଥିବା ଅଭିଯୋଗ ହେଉଛି । ମାତ୍ର ସ୍ଥାନୀୟ ପୋଲିସ୍ କିପରି ଏମାନଙ୍କ ଟେର୍ ପାଉନାହିଁ ଛ ଏଇ ନିକଟରେ ଅନୁଗୋଳ ପୋଲିସ୍ର, ସହାୟତାରେ ଭୁବନେଶ୍ୱର ସ୍ପେଶାଲ ଟାସ୍କୋର୍ସ (ଏଷ୍ଟିଏଫ୍ ଟିମ୍) କୌଣସି ସୂତ୍ରରୁ ଖବର ପାଇ ଖୋଦ୍ ତାଳଚେର ଉପଖଣ୍ଡ ଅଂଚଳରୁ ପ୍ରାୟ ୧୧ଶହ ୨୦ଗ୍ରାମ ଧଳାଜହର ଜବତ କରିଥିବା ଘଟଣା ତାଳଚେର ଅଂଚଳରେ ଚହଳ ପକାଇ ଦେଇଥିଲା । ଫଳରେ ତାଳଚେର ଅଂଚଳର ବହୁ ଶିକ୍ଷିତ ଯୁବକ ଆଜି ଏଇ ମାରାତ୍ମକ ନିଶାର ଶୀକାର ହୋଇ ପରିବାର ଭାସି ଯାଉଥିବା ବେଳେ ତାଳଚେର ଅଂଚଳରେ ଏମାନେ ପଥଭ୍ରଷ୍ଟ ହୋଇ ବହୁ ଅସାମାଜିକ କାମରେ ଲିପ୍ତ ରହୁଥିବା କୁହାଯାଉଛି । ତେଣୁ ତୁରନ୍ତ ସ୍ଥାନୀୟ ଡ଼ିଆଇଜି ଓ ଅନୁଗୋଳ ଏସିପି ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଶିକ୍ଷକଙ୍କୁ ହତ୍ୟା ଧମକ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା କଣ୍ଡାଳ ଗ୍ରାମର ଶିକ୍ଷକ ବିରଞ୍ଚି ମିଧାଙ୍କୁ ଠେଲକନାଳି ଗ୍ରାମର ସୌରି ମାଝୀ, ପୁଟି ମାଝୀ, ପ୍ରଫୁଲ୍ଲ ବେହେରା , ଶାନ୍ତି ଲତା ବେହେରା, ହତ୍ୟା ଧମକ ଦେଇଥିବା ଶୁକ୍ରବାର ଦିନ ହଣ୍ଡପା ଥାନା ରେ ଶିକ୍ଷକ ବିରଞ୍ଚି ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ କୁ ଭିତି କରି ପୋଲିସ ନମ୍ବର ୧୬୬/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି ଯେ ସୌରିଙ୍କ ଠାରୁ ବିରଞ୍ଚି ୮ ବର୍ଷ ପୂର୍ବେ କିଛି ପଇସା ଧାର ଆକାରରେ ଆଣିଥିଲେ। ପରେ ଏ ନେଇ ଧାର ଟଙ୍କା ସହ ସୁଧ ଟଙ୍କା ମିଶାଇ ବିରଞ୍ଚି ସୌରି ଙ୍କୁ ଫେରାଇ ଥିଲେ । ହେଲେ ଏବେ ସୌରି ପୁଣି ଟଙ୍କା ମାଗିବା ସହ ତାଙ୍କ ସମ୍ପର୍କୀୟ ମାନ ଙ୍କୁ ନେଇ ସେ ପାଠ ପଢାଉଥିବା ବିଦ୍ୟାଳୟ ଠାରେ ତାଙ୍କୁ ହତ୍ୟା ଧମକ ଦେବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି ।

### ବିଜେପି ପ୍ରାର୍ଥୀ କାଳନ୍ଦି ସାମଲଙ୍କ

# ଜନ ସମ୍ପର୍କ ପଦଯାତ୍ରା

ସାଉଥବଲଣ୍ଡା, (ସବ୍ୟୁ): ମୋଦି ଗ୍ୟାରେଣ୍ଟି, ଧର୍ମେନ୍ଦ୍ର ପ୍ରଧାନ ଆମ ସାଥିରେ ଅଛନ୍ତି, ବିକଶିତ ଭାରତ ଓ ବିକଶିତ ତାଳଚେର ସଙ୍କଳ୍ପ ନେଇ ତାଳଚେରରେ ବିଜେପି ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଶୁକ୍ରବାର ଟେଣ୍ଟୁଲେଇ ପଂଚାୟତରେ ଅନୁଷ୍ଠିତ ହୋଇଛି। ତାଳଚେର ବିଜେପିର ବିଧାୟକ ପ୍ରାର୍ଥୀ କାଳନ୍ଦି ସାମଲ ଟେଣ୍ଟୁଲେଇ ପଂଚାୟତର ଶିବ ମନ୍ଦିରରେ ପୂଜାର୍ଚ୍ଚନା କରି ଘର ଘର ବୁଲି ଜନ ସମ୍ପର୍କ ପଦଯାତ୍ରା କରିଛନ୍ତି। ତାଳଚେରକୁ ବରବାଦ କରିବାକୁ ଦେବି ନାହିଁ, ତାଳଚେରକୁ ବଦନାମ କରିବାକୁ ଦେବି ନାହିଁ, ତାଳଚେରବାସୀଙ୍କର ସମସ୍ୟାକୁ ନେଇ ବିଧାନସଭାରେ ଲଢ଼େଇ କରିବି ବୋଲି ନିଜର ପ୍ରତିକ୍ରିୟାରେ କାଳନ୍ଦି ସାମଲ ପ୍ରକାଶ କରିଛନ୍ତି। ମୋଦି ସରକାରଙ୍କର ଯୋଜନା ଏବଂ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରୟାସରେ ତାଳଚେରରେ ବିକାଶମୂଳକ କାର୍ଯ୍ୟ ଜାରି ରହିଛି । ଏହାକୁ ତ୍ୱରାନ୍ୱିତ କରିବା ପାଇଁ ଡବଲ ଇଞ୍ଜିନ ସରକାର କରିବା ପାଇଁ ତାଳଚେରବାସୀ ବିଜେପିକୁ ଆଶୀର୍ବାଦ କରନ୍ତୁ ବୋଲି ସେ ନିବେଦନ କରିଛନ୍ତି ।

# ପୋଲସରା ବିଧାୟକଙ୍କୁ ଟିକେଟ



ପୋଲସରା, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ପୋଲସରା ନିର୍ବାଚନ ମଣ୍ଡଳୀ ସବୁବେଳେ ଚର୍ଚ୍ଚାରେ ରହିଆସିଥିବାବେଳେ ଏବେ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ନାମକୁ ଚଳିତ ବିଧାନସଭା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଶ୍ରୀ ସାହୁ ଦୁଇ ଥର ବିଜେଡି ପ୍ରାର୍ଥୀ ହୋଇ ବିଧାୟକ ହୋଇଥିବା ବେଳେ ୩ୟ ଥର ପାଇଁ ଦଳ ତାଙ୍କ ଉପରେ ଆସ୍ଥା ରଖି ପ୍ରାର୍ଥୀ କରିଛି । କିନ୍ତୁ ଗତ କିଛିଦିନ ଧରି ପୋଲସରା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ତରରେ ବିଧାୟକଙ୍କ ଟିକେଟ କଟି ଯାଇପାରେ ବୋଲି ଜୋରଦାର ଆଲୋଚନା ଚାଲିଥିଲା। ଯାହା ଫଳରେ ବିଧାୟକଙ୍କ ସମର୍ଥକମାନଙ୍କ ମନରେ ଦ୍ୱନ୍ଦ୍ୱ ରହିବା ସଙ୍ଗେ ସଙ୍ଗେ ବେଶ୍ ଉତ୍ସାହ ଦେଖାଯାଉନଥିଲା । ଯାହାକି ବିଭିନ୍ନ ଚା ଖଟି, ପାନଖଟି, ବାଟେଘାଟେ ଏବଂ ବୁଦ୍ଧଜୀବୀମହଲରେ ମଧ୍ୟ ଏହି ଆଲୋଚନା ଲାଗିରହିଥିଲା। ଶେଷରେ ଶ୍ରୀ ସାହୁ ଶୁକ୍ରବାର ଦିନ ନବୀନ ନିବାସରୁ ଦଳୀୟ ଟିକେଟ ଗ୍ରହଣ କରିଥିଲେ । ଆଉ ସବୁ କଳ୍ପନା ଜଳ୍ପନାର ପୂର୍ଣ୍ଣଚ୍ଛେଦ ଘଟିଥିଲା । ପ୍ରକାଶ ଥାଉ କି ପୋଲସରା ନିର୍ବାଚନ ମଣ୍ଡଳୀରେ ୨ୟ ରାଉଣ୍ଡରେ ନିର୍ବାଚନ ଅନୁଷ୍ଠିତ ହେବ ।

## ସ୍ୱାଭିମାନୀ ଆଇନଜୀବୀ ମଧୁବାବୁ କାହିଁକି ପ୍ରାସଙ୍ଗିକ

ବିଗତ ବର୍ଷ ପରି ଏଥର ମଧ୍ୟ ରାଜ୍ୟବ୍ୟାପୀ ଆଇନଜୀବୀମାନେ ସ୍ୱାଭିମାନୀ ଆଇନଜୀବୀ ମଧୁସୂଦନ ଦାସଙ୍କର ଜନ୍ମ ଜୟନ୍ତୀକୁ ଆଇନଜୀବୀ ଦିବସ ଭାବେ ପାଳନ କରୁଛନ୍ତି । ଏହି ଅବସରରେ ରାଜ୍ୟର ୧୬୦ଟି ବାର ଆସୋସିଏସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କିନ୍ତୁ ଏହି କାର୍ଯ୍ୟକ୍ରମରେ ଯେଭଳି ଜୀବନ ନ ଥିବା ଭଳି ପ୍ରତୀୟମାନ ହେଉଛି । ସ୍ୱାଭିମାନୀ ଆଇନଜୀବୀଟିଏ ଖୋଜିବା ବେଳେ ମଧୁବାବୁଙ୍କ ଜୀବନାଦର୍ଶ ଆଖି ସାମ୍ନାକୁ ଆପେ ଆପେ ଆସି ଯାଉଛି । କିନ୍ତୁ କିଏ ହେବ ସ୍ୱାଭିମାନୀ ଆଇନଜୀବୀ ଓ ଏଥିପାଇଁ ସେଭଳି ଶ୍ରମସ୍ୱୀକାର କରି ନିଜ ପେଟ ଓ ପକେଟର ବିଚାରକୁ ଛାଡ଼ି ସମାଜ ପଛରେ ଧାଇଁବାର ବ୍ୟକ୍ତିତ୍ୱଟିଏ ସମାଜରେ ଆମେ ପାଇ ପାରିବା କିଭଳି ପ୍ରଶ୍ନ ମନ ଭିତରେ ସୃଷ୍ଟି ହେଉଛି । ନୀତି ଓ ନୈତିକତାର କ୍ରମାଗତ ଉଲ୍ଲଙ୍ଘନ କରୁଥିବା ଯେକୌଣସି ମଣିଷକୁ ଆମ ବ୍ୟବସ୍ଥାର ମଙ୍ଗ ଧରିଥିବା ମଙ୍ଗୁଆଳମାନେ ଯେତେବେଳେ ସାମାଜିକ ସ୍ୱୀକୃତି ଦେଇ ସେହି ବ୍ୟକ୍ତିଟିକୁ ବ୍ୟବହାର କରିଥାନ୍ତି ସେତେବେଳେ ମଧୁବାବୁଙ୍କର ସ୍ୱାଧୀନଚେତା ବ୍ୟକ୍ତିତ୍ୱଟି ଆହୁରି ସ୍ମରଣୀୟ ହୋଇପଡୁଛି । ଯେତେବେଳେ ଆମ ଗଣତନ୍ତ୍ର ବ୍ୟବସ୍ଥାଟି ଜନମତ ପ୍ରତି ନିଷ୍ଠୁର ହୋଇପଡୁଛି ଓ ଭୋଟଦାତାଟି ନିଜକୁ ଅସହାୟ ମନେ କରି ଅର୍ଥସର୍ବସ୍ୱ ନିର୍ବାଚନୀ ରାଜନୀତିରେ ରାଜନୈତିକ ନେତାମାନଙ୍କ ହାତରେ ଶଖି କଣ୍ଢେଇ ହୋଇପଡିଛି ସେତେବେଳେ ମଧୁଚେତନାକୁ ବୃହତ୍ତର ଦୃଷ୍ଟିକୋଣରୁ ବିଚାର କରିବାର ଆବଶ୍ୟକତା ପଡ଼ୁଛି।



ରାଜ୍ୟର ବିଭିନ୍ନ ବାରଗୁଡ଼ିକର ନିର୍ବାଚନରେ ଯେତେବେଳେ ବ୍ୟାପକ ଅର୍ଥର ପ୍ରୟୋଗ ହିଁ ଆଇନଜୀବୀମାନଙ୍କର ନେତା ସୃଷ୍ଟି କରେ ସେତେବେଳେ ମଧୁବାବୁଙ୍କ 'ବୌଦ୍ଧିକ ସଂସ୍କୃତିର ମୂଲ୍ୟ ଅର୍ଥ ଠାରୁ ଅଧିକ' ଉକ୍ତିଟିର ଆବଶ୍ୟକତା ଉପଲବ୍ଧି ହୁଏ । ଆଇନପେଷାକୁ ଅର୍ଥ ସର୍ବସ୍ୱ ପେଷା ଭାବେ ଗ୍ରହଣ ନ କରି ଆଇନଜୀବି ମାନଙ୍କ ମଧ୍ୟରେ ସ୍ୱାଭିମାନ ଓ ସ୍ୱାଧୀନତାକୁ ଗୁରୁତ୍ୱ ଦେବା ଲାଗି ନିଜ ଜୀବନାଦର୍ଶରେ ମଧୁବାବୁ ଯେଉଁ ରାସ୍ତା ଦେଖାଇ ଯାଇଛନ୍ତି ସେହି ରାସ୍ତା ଗୁଡ଼ିକ ଏବେ ନୂତନ ପିଢ଼ିର ଆଇନଜୀବି ମାନଙ୍କ ନିକଟରେ ପହଞ୍ଚେଇବାର ଯଥାର୍ଥତା ଅନୁଭବ ହେଉଛି ।

ନିଜର ଅସାଧାରଣ ବ୍ୟକ୍ତିତ୍ୱ ବଳରେ ସେ ବିଚାର ବିଭାଗରେ ମଧ୍ୟ ଭିନ୍ନ ଧରଣର ଛାପଟିଏ ଛାଡ଼ି ଦେଇ ଯାଇଛନ୍ତି । ଜଗନ୍ନାଥ ମନ୍ଦିର ପରିଚାଳନା ସମ୍ପର୍କୀୟ ମକଦ୍ଦମାଠାରୁ ଆରମ୍ଭ କରି ପାରଳା ମହାରାଜା ଠାରୁ ପ୍ରଜାଙ୍କ ପାଇଁ ମୋକଦ୍ଦମା ପରିଚାଳନା କରି ସେ ନିଜ ସାହସିକତା ଓ ସ୍ୱାଧୀନ ଚେତା ମନୋଭାବର ପରିଚୟ ଦେଇଥିଲେ । ଆଜି ଯେତେବେଳେ ବିଚାରପତିମାନଙ୍କ ନିକଟରେ କିମ୍ବା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଖରେ ମୋକଦ୍ଦମା ପରିଚାଳନା ପାଇଁ କୌଣସି ଆଇନଜୀବୀ ନିଜ ମହକିଲଟିର ପ୍ରତିନିଧିତ୍ୱ କରେ ସେତେବେଳେ ସେ ନିଜର ସ୍ୱାଧୀନ ଚେତା ବିବେକକୁ ପ୍ରଶ୍ନ କରିବାର ଆବଶ୍ୟକତା ରହିଛି ଯେ ସେ ମଧୁବାବୁଙ୍କ ପ୍ରକୃତ ଦାୟାଦ ଭାବେ ନିଜର ପରିଚୟ ସୃଷ୍ଟି କରିପାରିବ କି ନାହିଁ ।

ଆଜି ଆମ ରାଜ୍ୟରେ ଯେତେବେଳେ କୌଣସି ଗୋଟିଏ ଆଇନଜୀବୀ ସଂଘ ନିଜର ପେଷାଗତ ସୁରକ୍ଷା ପ୍ରସଙ୍ଗରେ ପ୍ରଶ୍ନ କରିବା ପାଇଁ ସାହସ ଜୁଟାଇବାକୁ ଅକ୍ଷମ ହେଉଛନ୍ତି ଓ ଆଇନଜୀବୀମାନଙ୍କ ସଂଘଗୁଡ଼ିକ ବହୁଧା ଭାବେ ବିଭକ୍ତ ହୋଇପଡ଼ିଛି, ସେତେବେଳେ ୧୯୦୩ ମସିହାରେ ମଧୁବାବୁଙ୍କ ପ୍ରଚେଷ୍ଟାରେ ଗଠନ କରାଯାଇଥିବା ଉତ୍କଳ ସମ୍ମିଳନୀର ଅତୁଳନୀୟ ଅବଦାନ ଆମକୁ ଆତ୍ମ ସମୀକ୍ଷା ପାଇଁ ଖୋରାକ ଯୋଗାଉଛି । ନିଜର ଜୁନିୟର ଆଇନଜୀବୀମାନଙ୍କୁ ଅଫିସର କେଉଁ ଥାକରେ କେଉଁ ଆଇନପୁସ୍ତକ ରହିଛି ଓ ସେ ପୁସ୍ତକରେ କେଉଁ ପୃଷ୍ଠାରେ ସେହି ନ୍ୟାୟପାଳିକାର ରାୟ ପ୍ରକାଶ ପାଇଛି ସେ ସମ୍ପର୍କରେ ଜୁନିୟର ଆଇନଜୀବୀମାନଙ୍କୁ ପ୍ରଶିକ୍ଷଣ ଦେବାରେ ତାଙ୍କର ଭୂମିକା ଅବର୍ଣ୍ଣନୀୟ । ଆଇନ ପେଷାରେ ଯୋଗ ଦେଉଥିବା ନବାଗତମାନଙ୍କ ପାଇଁ ମଧୁବାବୁଙ୍କ ପେଷାଗତ ଜୀବନର ଅନେକ ଘଟଣାବଳୀ ମଧ୍ୟରୁ ଗୋଟିଏ ଘଟଣା ନିଶ୍ଚିତଭାବେ ଉଦବୁଦ୍ଧ କରିବାର ବିଷୟ । ମଧୁବାବୁଙ୍କ ନିକଟରେ ଜୁନିୟର ଭାବେ କାର୍ଯ୍ୟରତ କରୁଥିବା ଆଇନଜୀବୀ ଗୋପାଳ ଚନ୍ଦ୍ର ପ୍ରହରାଜ ଗୋଟିଏ ପୁସ୍ତକରେ ଲେଖିଛନ୍ତି ଯେ ସେ ଯେତେବେଳେ ମଧୁବାବୁଙ୍କ ସହିତ ବିଭିନ୍ନ କୋର୍ଟକୁ ପେଷାଗତ କାର୍ଯ୍ୟରେ ଯାଉଥିଲେ ସେତେବେଳେ ସେ ଗୋଟିଏ ଲଜରେ ଏକାଠି ରହୁଥିଲେ ଓ ଯେତେବେଳ ପର୍ଯ୍ୟନ୍ତ ତାଙ୍କ ଜୁନିୟରମାନେ ଖାଇ ନ ଥିବେ ସେ ମଧ୍ୟ ଖାଦ୍ୟ ଗ୍ରହଣ କରୁ ନଥିଲେ । ଥରେ ଗୋଟିଏ ଘଟଣାରେ ଜଣେ ଜୁନିୟର ଆଇନଜୀବୀଙ୍କ ବାପା ମଧୁବାବୁଙ୍କ ଠାରୁ କିଛି ଅର୍ଥ ଆବଶ୍ୟକତା ହେତୁ ନେଇଥିଲେ ଓ ସେହି ଆଇନଜୀବୀ ଜଣଙ୍କ ସେହି ଅର୍ଥ ଫେରେଇବା ବେଳେ ମଧୁବାବୁ ତାଙ୍କୁ ଗୋଟେ ରସିଦରେ ସେହି ଅର୍ଥଟି ସେ ପାଇଛନ୍ତି ବୋଲି ଲେଖି ଜୁନିୟର ଓକିଲଙ୍କ ପକେଟରେ ସେହି ଟଙ୍କାଟକ ରଖିଦେଲେ । ନୂଆ ପେଷାରେ ଯୋଗ ଦେଇଥିବାରୁ ଏହା ତାଙ୍କର ରୋଜଗାର ବୋଲି କହିଥିଲେ । ସେ ପେଷାରେ ଏତେ ନିମଗ୍ନ ରହୁଥିଲେ ଯେ ଏକଦା ଲିମିଟେସନ ସମ୍ପର୍କରେ ଗୋଟିଏ ମକଦ୍ଦମାରେ ନିଜ ମହକିଲଙ୍କ ପାଇଁ ରାୟ ଖୋଜି ଖୋଜି ଅନେକ ରାତିରେ ସେ ଶୋଇପଡ଼ିଥିଲେ । ହଠାତ ପାହାନ୍ତାପହର ନିଦରେ ସେ ଗୋଟିଏ ରାୟ ସ୍ୱପ୍ନ ଦେଖି ସକାଳୁ ଉଠି ଦେଖିଥିଲେ ସେ ଯେଉଁ ରାୟଟି ଖୋଜୁଥିଲେ ତାହା ସେ ପାଇଛନ୍ତି । ଏହିଭଳି ଘଟଣା ତାଙ୍କ ପେଷାଗତ ପ୍ରତିବଦ୍ଧତା ଓ ନିଷ୍ଠାର ପରିଚାୟକ ।

ଯେଉଁ ମୋକଦ୍ଦମାରେ ମହକିଲଙ୍କ ସେ ଅର୍ଥ ଗ୍ରହଣ କରୁଥିଲେ ଓ କୌଣସି କାରଣରୁ ମୋକଦ୍ଦମାର ତାରିଖରେ ହାଜର ହେଇ ପାରୁ ନ ଥିଲେ ସେ ସେହି ମୋକଦ୍ଦମା ଖର୍ଚ୍ଚଟି ଫେରାଇ ଦେଉଥିଲେ । ତାଙ୍କର ପେଷାଗତ କର୍ତ୍ତବ୍ୟନିଷ୍ଠା ସେ ଦୃଷ୍ଟିରୁ ଦୃଷ୍ଟାନ୍ତମୂଳକ । ଆଜି ଯେତେବେଳେ ଜୁନିୟର ଓକିଲମାନେ ବିଭିନ୍ନ ଆଇନ ମହାବିଦ୍ୟାଳୟରୁ ଅଧ୍ୟୟନ କରି ପେଷାରେ ଯୋଗ ଦେଉଛନ୍ତି ସେତେବେଳେ ବରିଷ୍ଠ ଆଇନଜୀବୀମାନେ ସେମାନଙ୍କୁ ପେଷାଗତ ଦକ୍ଷତା ଓ ମୂଲ୍ୟବୋଧ ଦେବା ସହିତ ସେମାନଙ୍କ ଆର୍ଥିକ ସୁରକ୍ଷା ଦିଗଟିକୁ ଧ୍ୟାନ ଦେଲେ ଏହି ଆଇନର ଶାସନ ବ୍ୟବସ୍ଥାକୁ ଦୃଢ଼ିଭୂତ କରିବା ସହିତ ନୂତନ ପିଢ଼ିଙ୍କୁ ଏହା ଆଗାମୀ ଦିଗର ଆଇନଗତ ଆହ୍ୱାନକୁ ସାମ୍ନା କରିବା ପାଇଁ ଶକ୍ତି ଯୋଗାଇବ । ମଧୁବାବୁଙ୍କ ପାଖରେ ଯେଉଁମାନେ ଓକିଲାତି ପେଷା ଶିଖିବାକୁ ଆସୁଥିଲେ ସେମାନଙ୍କୁ ଅନେକ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା ।

ସ୍ୱାଭିମାନୀ ଆଇନଜୀବୀ ମଧୁବାବୁଙ୍କୁ କୌଣସି ବିଚାରପତି କିଛି ଅପମାନ ସୂଚକ ମନ୍ତବ୍ୟ ଦେଲେ ସେ ତାଙ୍କର ସ୍ୱାଭାବିକ ପ୍ରତିକ୍ରିୟା ଦେଖାଉଥିଲେ । ଥରେ ହାଇକୋର୍ଟରେ ମଧୁବାବୁ ପ୍ରତିପକ୍ଷଙ୍କ ପାଇଁ ମୋକଦ୍ଦମା ପରିଚାଳନା ବେଳେ ବିଚାରପତି କହିଲେ ମିଷ୍ଟର ଦାସ୍ ଆପଣଙ୍କ ମହକିଲ ଗୋଟିଏ ବୋକା ତା'ର ଏ ମୋକଦ୍ଦମା କରିବା ଉଚିତ ହୋଇ ନାହିଁ । ମଧୁବାବୁଙ୍କ ଉତ୍ତର ଥିଲା ହଜୁର୍ ଏକା ମୋ ମହକିଲ ବୋକା ନୁହେଁ । କଲେକ୍ଟର ବୋକା, କମିସନର ବୋକା, ସବଜଜ୍ ବୋକା ଓ ଜିଲ୍ଲା ଜଜ୍ ବୋକା । ଓଡ଼ିଆ ରାଜ୍ୟଟା ବୋକାଙ୍କ ପାଇଁ ସ୍ୱର୍ଗ ଏଠି ଯେ ଆସନ୍ତି ସେ ବୋକା ହୋଇଯାଆନ୍ତି । ମଧୁବାବୁଙ୍କ କୋର୍ଟ କଚେରୀରେ ସ୍ପଷ୍ଟ ବାଦିତାର ସ୍ୱର ଆଜିକାଲି ନ୍ୟାୟିକ ବ୍ୟବସ୍ଥାରେ ହ୍ରାସ ପାଉଛି । ନିଜର ବ୍ୟକ୍ତିଗତ ଜୀବନକୁ ଜଳାଞ୍ଜଳି ଦେଇ ଜାତୀୟ ଜୀବନର ପ୍ରାଣ ପ୍ରତିଷ୍ଠାତା ମଧୁବାବୁଙ୍କ ସ୍ୱାଭିମାନ ସ୍ୱାଧୀନତା ଓ ମର୍ଯ୍ୟାଦା ଆଇନଜୀବୀଙ୍କୁ କେତାକାଂଶରେ ପ୍ରଭାବିତ କରିଛି ତାହା ୧୭୬ତମ ଜନ୍ମ ଜୟନ୍ତୀରେ ଆତ୍ମସମୀକ୍ଷାର ଆବଶ୍ୟକତା ରହିଛି ।

**ବିଭୂପ୍ରସାଦ ତ୍ରିପାଠୀ**
**ଆଇନଜୀବୀ ଓଡ଼ିଶା ହାଇକୋର୍ଟ**
**ଦୂରଭାଷ– ୯୪୩୭୦୧୨୪୬୦**

## ବ୍ରହ୍ମପୁର ସହରରେ ବିଜୁଳି ଭିତ୍ତିଭୂମିକୁ ସୁଦୃଢ଼ କରୁଛି ଟିପିଏସ୍ଓଡିଏଲ୍

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ସହରରେ ଅଧିକ ଭରସାଯୋଗ୍ୟ ଓ ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ ଟିପିଏସ୍ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ) ପକ୍ଷରୁ ଉଦ୍ୟମ ଜାରି ରହିଛି । ସହରର ପ୍ରମୁଖ ସ୍ଥାନଗୁଡ଼ିକରେ କମ୍ପାନୀ ପକ୍ଷରୁ ନୂଆ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ଲଗାଯାଇଛି । ଯାହା ଫଳରେ ବିଜୁଳି ଯୋଗାଣର ମାନରେ ଉନ୍ନତି ହୋଇଛି ଟିପିଏସ୍ଓଡିଏଲ୍ ପକ୍ଷରୁ ବ୍ରହ୍ମପୁର ସହରର କନିଶି ସେକ୍ସନ ଅନ୍ତର୍ଗତ ହଳଦିଆପଦରସ୍ଥିତ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟାଳୟ ସଂଲଗ୍ନ ଅଞ୍ଚଳରେ ୨୫୦ କେଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର, ପୁରୋହିତ ମିଲ୍ ଅଞ୍ଚଳ ଓ ସାଇ ବିହାର ଗ୍ରାମରେ ଗୋଟିଏ ଲେଖାଏଁ ୧୦୦ କେଭିଏ କ୍ଷମତା ବିଶିଷ୍ଟ ଡିଷ୍ଟ୍ରିବ୍ୟୁସନ୍ ଟ୍ରାନ୍ସଫର୍ମର ପ୍ରତିଷ୍ଠା ହୋଇଛି ।

ଏହି ନୂତନ ବିଦ୍ୟୁତ ଭିତ୍ତିଭୂମି ଶତାଧିକ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ପ୍ରଦାନ କରୁଛି। ଟିପିଏସ୍ଓଡିଏଲର କର୍ମଚାରୀମାନେ ବିଜୁଳିଜନିତ ସମସ୍ୟାର ତ୍ୱରିତ ସମାଧାନ ସହ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସଜାଗ ରହିଛନ୍ତି । ସେହିଭଳି ଚଳିତ ଗ୍ରୀଷ୍ମରେ କମ୍ପାନୀ ବ୍ରହ୍ମପୁରବାସୀଙ୍କୁ ଭରସାଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ପ୍ରତିଶ୍ରୁତିବଦ୍ଧ ଅଟେ ।

## ୩ଟି ପଞ୍ଚାୟତରେ ବିଜେପିର ପ୍ରଚାର

ପୋଲସରା, (ସବ୍ୟୁ): ଗଞ୍ଜାମ ଜିଲ୍ଲା ତଥା ବିଜେପିର ସାଂଗଠନିକ ଘୁମୁସର ଜିଲ୍ଲା ତଥା ପୋଲସରା ନିର୍ବାଚନ ମଣ୍ଡଳୀରେ ୩ଟି ପଞ୍ଚାୟତର ୮ରୁ ଅଧିକ ଗ୍ରାମରେ ବିଜେପି ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ, ଯୁବ ସଂଗଠକ ପ୍ରଭାକର ପଣ୍ଡା ଏବଂ ଦୀପକ କୁମାର ପ୍ରଧାନଙ୍କ ନେତୃତ୍ୱରେ ପ୍ରଚାର କରାଯାଇଛି । ପ୍ରଥମେ ପୋଲସରା ବ୍ଲକର ବାଲିଛାଇ ଗ୍ରାମରେ ଶ୍ରୀ ମଲ୍ଲିକଙ୍କୁ ସ୍ୱାଗତ କରିବା ସହ ଗ୍ରାମ ପରିକ୍ରମା କରିଥିଲେ ,ତାପରେ ଘୋଡ଼ାପଳାଶରେ ପହଞ୍ଚିଥିଲେ । ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ୨୦ରୁ ଅଧିକ ମହିଳା ଗୋକୁଳାନନ୍ଦ ମଲ୍ଲିକ, ପ୍ରଭାକର ପଣ୍ଡା, ଦୀପକ ପ୍ରଧାନ, ବିଜେପି ସଂଯୋଜକ ବୁଲୁ ପାତ୍ରଙ୍କୁ ସ୍ୱାଗତ କରିଥିଲେ । ପରେ ଦଳୀୟ କର୍ମୀମାନଙ୍କ ଗହଣରେ ଗ୍ରାମରେ ମୋଦୀ ବାର୍ତ୍ତା ପ୍ରଚାର କରିବା ସଙ୍ଗେ ସଙ୍ଗେ ବିଜେପିକୁ ବିପୁଳ ଭୋଟରେ ଜିତାଇବା ପାଇଁ ନିବେଦନ କରିଥିଲେ। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ।

# ପନ୍ଦର ବର୍ଷ ହେଲା ବିଜୁଳି ଆଲୁଅ ଦେଖି ନାହାନ୍ତି କେଳାସାହିବାସୀ



ଅନୁଗୁଳ, (ସବ୍ୟୁ): ଅନୁଗୁଳ ଜିଲ୍ଲା ଶାବଳଭଙ୍ଗା ଗ୍ରାମ କେଳା ସାହି ବାସିନ୍ଦା ଦୀର୍ଘ ବର୍ଷ ହେବ ବିନା ବିଦ୍ୟୁତରେ କାଳାତିପାତ କରିଆସୁଛନ୍ତି। କେଳା ସାହିରେ ପ୍ରାୟ ପନ୍ଦର ବର୍ଷ ହେଲା ଶହେ ପରିବାର ବସବାସ କରିଆସୁଛନ୍ତି । କିନ୍ତୁ ଏହି ଲୋକମାନେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ଟିକେ ପାଇ ପାରୁନାହାନ୍ତି ।

କିଛି ଦିନ ହେଲା ବିଦ୍ୟୁ ସଂଯୋଗ ପାଇଁ ବିଦ୍ୟୁତ୍ ଖୁଣ୍ଟ ପଡ଼ିଥିଲେ ମଧ୍ୟ ସ୍ଥାନୀୟ କିଛି ଖଳ ପ୍ରକୃତିର ଲୋକ ଏହାକୁ ବିରୋଧ କରି କାର୍ଯ୍ୟ କରିଦେଉ ନଥିବା, କେଳା ସାହିବାସୀ ଅଭିଯୋଗ କରିଛନ୍ତି ।

ଅଭିଯୋଗ ମୁତାବକ, ପିଣ୍ଟୁ ବେହେରା ନାମକ ଜଣେ ବ୍ୟକ୍ତି ନିଜ କୁକୁଡ଼ା ଫାର୍ମକୁ ପ୍ରଥମେ ବିଦ୍ୟୁତ୍ ସଂଯୋଗ କରିବା ପରେ ସେମାନଙ୍କୁ ବିଦ୍ୟୁତ୍ ଦିଆଯିବ ବୋଲି କାମ ବନ୍ଦ କରିଛନ୍ତି ବୋଲି କେଳା ସାହିବାସୀ ଅଭିଯୋଗ କରିଛନ୍ତି । ଏ ନେଇ ବନ୍ତଳା ସେକସନର ଜେଇଙ୍କୁ ପଚାରିବାରୁ କିଛି ଖଳ ପ୍ରକୃତିର ଲୋକ ବିରୋଧ କରୁଥିବାରୁ କାମ ହୋଇପାରୁ ନଥିବା କହିଛନ୍ତି ।

### ଛତ୍ରପୁର ପୌରପରିଷଦରେ ବିଜେଡିର ନିର୍ବାଚନୀ ପ୍ରଚାର ଆରମ୍ଭ

## ଭୃଗୁ ଓ ସୁବାଷ ନିମନ୍ତେ ଭୋଟ ଭିକ୍ଷା

ଛତ୍ରପୁର, (ସବ୍ୟୁ): ସାଧାରଣ ନିର୍ବାଚନକୁ ଆଉ ଅଳ୍ପ ଦିନ ରହିଲା, ଏଥି ନିମନ୍ତେ ସମସ୍ତ ରାଜନୈତିକ ଦଳ ପକ୍ଷରୁ ଭୋଟ ହାତେଇବା ନିମନ୍ତେ ବିଭିନ୍ନ ପ୍ରକାର ରଣନୀତି ଆରମ୍ଭ ହୋଇଯାଇଛି । ବିଜୁ ଜନତା ଦଳ ପକ୍ଷରୁ ଛତ୍ରପୁର ବିଧାନସଭା ଆସନ ନିମନ୍ତେ ବିଜେଡି ବିଧାୟକ ପ୍ରାର୍ଥୀ ସୁବାଷ ଚନ୍ଦ୍ର ବେହେରା ଓ ବ୍ରହ୍ମପୁର ଲୋକସଭା ଆସନ ନିମନ୍ତେ ବିଜେଡି ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ରଙ୍କ ପାଇଁ ଛତ୍ରପୁର ପୌରପରିଷଦ ରେ ଶନିବାର ସନ୍ଧ୍ୟାରେ ଆରମ୍ଭ ହୋଇଛି ନିର୍ବାଚନୀ ପ୍ରଚାର, ସ୍ଥାନୀୟ ପୁତିଗୋପାଳପୁର ଠାରୁ ୧ ଓ ୨ ୱାର୍ଡର ଘରକୁ ଘର ବୁଲି ଉପାଧ୍ୟକ୍ଷ ଜି. ପାପାରାଓ ଓ ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ ଙ୍କ ନେତୃତ୍ୱରେ ଦଳୀୟ କାଉନସିଲର ଏବଂ ଛାମୁଆ ନେତା ଓ ମହିଳା ମାନେ ଭୋଟ ଭିକ୍ଷା କରିଛନ୍ତି । ଉଭୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଯୋଡି ଶଙ୍ଖରେ ଭୋଟ ଦେବା ନିମନ୍ତେ ଲୋକଙ୍କୁ ନିବେଦନ କରିଛନ୍ତି । ଏହି ପ୍ରଚାରରେ ବିଜୁ ଛାତ୍ର ଜନତା ଦଳର ଜିଲ୍ଲାସଭାପତି ପ୍ରଶାନ୍ତ କୁମାର ପଣ୍ଡା, ଯୁବବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, କାଉନସିଲର ଦେବାଶିଷ ମିଶ୍ର, ସନ୍ତୋଷୀ ସେଠି, ପ୍ରୀତିଛନ୍ଦା ସାମଲ, ବି. ନିଶ୍ଚଳା, କେ. ରମେଶ, ମମତା ପାତ୍ର, ପୂର୍ବତନ ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର ଟି. ଧନଲକ୍ଷ୍ମୀ, ଟି. ନାରାୟଣ, ବି. ଗୋପାଳସ୍ୱାମୀ ଓ ମାଙ୍ଗଲେଶ୍ୱରଙ୍କ ସମେତ ଦୁଇଟି ୱାର୍ଡ ବହୁ ମହିଳା ମାନେ ସାମିଲ ଥିଲେ ।

# ନିଶା କାରବାର ନେଇ ସିଭିଲ୍ ସୋସାଇଟି ପକ୍ଷରୁ ବୈଠକ

ବାଲେଶ୍ୱର, (ସବ୍ୟୁ) : ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଗତ କିଛିଦିନ ଧରି ବିଭିନ୍ନ ଗଣମାଧମରେ ବାଲେଶ୍ୱର ଜିଲ୍ଲାରେ ମଦର ବନ୍ୟା ହେଉଥିବାର ସଂବାଦ ସଂପର୍କରେ ସଂପାଦକ ମନୋଜ ନାୟକ ଉପସ୍ଥିତମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବାଲେଶ୍ୱର ଜିଲ୍ଲା ବିଷାକ୍ତ ଡ୍ରଗ୍‌ର ଭୂସ୍ୱର୍ଗ ପାଲଟିଥିବାବେଳେ ବର୍ତ୍ତମାନ ଚୋରାମଦର ବ୍ୟାପକ କାରବାର ଚଳିତ ସାଧାରଣ ନିର୍ବାଚନକୁ ଗଭୀର ପ୍ରଭାବିତ କରିବ ବୋଲି ଶ୍ରୀ ନାୟକ ପ୍ରକାଶ କରିଥିଲେ। ଏହି ନିଶା କାରବାର ଜିଲ୍ଲାରେ ବ୍ୟାପକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ ବୋଲି ବହୁ ବକ୍ତା ଆଶଙ୍କା ପ୍ରକାଶ କରିଥିଲେ। ଜିଲ୍ଲାରେ ୫୨ଟି ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନ ଥିବାବେଳେ ପ୍ରାୟ ଦେଢ଼ହଜାର ଚୋରାମଦ ଦୋକାନର କାରବାର ସକ୍ରିୟ ରହିଛି। ଏ ସମ୍ବାଦ ଗଣମାଧମରେ ପ୍ରକାଶିତ ହେଲେ ମଧ୍ୟ ଜିଲ୍ଲା ଅବକାରୀ ବିଭାଗ ଓ ପ୍ରଶାସନର ନୀରବତା ସାଧାରଣରେ ବିସ୍ମୟ ସୃଷ୍ଟି କରିଛି। ଗଣମାଧମର ପ୍ରକାଶିତ ତଥ୍ୟ ଅନୁଯାୟୀ ଜିଲ୍ଲା ଅବକାରୀ ଅଧୀକ୍ଷକ ମଦଦୋକାନୀମାନଙ୍କ ଠାରୁ ୧୫ କୋଟି ଟଙ୍କା ନିର୍ବାଚନ ପାଣ୍ଠି ସଂଗ୍ରହ ପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଦେଶ ଓ ରାଜ୍ୟରେ ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ନିର୍ବାଚନ କମିଶନର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। କିନ୍ତୁ ଏହା ବାଲେଶ୍ୱର ଜିଲ୍ଲାରେ ପ୍ରଭାବଶୂନ୍ୟ ବୋଲି ବହୁ ସଦସ୍ୟ ମତପ୍ରକାଶ କରିଥିଲେ। ତେଣୁ ତୁରନ୍ତ ଚୋରା ନିଶା ବ୍ୟବସାୟୀ ଓ ଅସାଧୁ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ନିର୍ବାଚନ କମିଶନରଙ୍କୁ ଲିଖିତଭାବେ ଅବଗତ କରିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି।ଏହି ଜରୁରୀ ବୈଠକରେ ସର୍ବଶ୍ରୀ ଗୌରାଙ୍ଗ ପାଣିଗ୍ରାହୀ, ସୀତାରାମ ପ୍ରଧାନ, ଶରତ ଚନ୍ଦ୍ର ଦଳାଇ, ଖଗେନ୍ଦ୍ର ସାହୁ, ସଂଜୀବ କୁମାର ପତି, ଶ୍ୟାମସୁନ୍ଦର ଜେନା ଓ ଲକ୍ଷ୍ମୀନାରାୟଣ ଘୋଷ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାତ୍ର ଉପସ୍ଥିତମାନଙ୍କୁ ଧନ୍ୟବାଦ ଦେଇଥିଲେ।




# ଆଦର୍ଶ ଗାଁ ସିଲିଦାରେ ପାଣି ସଙ୍କଟ, ବ୍ଲକ୍ ଆଗରେ ଧାରଣା



ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ଅନ୍ତର୍ଗତ ଆଦର୍ଶ ଗାଁ ସିଲିଦା ପୁରୁଣା ସାହି ଗ୍ରାମରେ ଗୋଟିଏ ନଳକୂପ ରୁ ଏକ ଶହ ପରିବାରର ଲୋକମାନେ ପାଣି ବେବହାର କରିଥାନ୍ତି। ସରକାରଙ୍କ ପକ୍ଷରୁ ବହୁ ଯାଗାରେ ବସୁଧା ଯୋଜନାରେ ଗାଁ କୁ ପିଇବା ପାଣି ଯୋଗାଉଥିବା ବେଳେ ଆଜି ପର୍ଯ୍ୟନ୍ତ ସିଲିଦା ପୁରୁଣା ସାହି ଗ୍ରାମ କୁ ପାଣି ପାଇପି ବିଛା ଯାଇନଥିବା ଦେଖିବାକୁ ମିଳିଛି। ଶୁକ୍ରବାର ଦିନ ସିଲିଦା ପୁରୁଣା ସାହିର ଲୋକମାନେ ପାଟଣା ବ୍ଲକ କୁ ଗରିଆ ବାଲିଟି ଧରି ଦିନ ୧୧ ସମୟରେ ବ୍ଲକ ରେ ପହଞ୍ଚି ବ୍ଲକ ସମ୍ମୁଖରେ ଧାରଣା ରେ ବସିଥିଲେ।ଏହି ସମସ୍ୟାର ସମାଧାନ ପାଇଁ ପାଟଣା ବିଡ଼ିଓ ଶିବ ଶଙ୍କର ମୁର୍ମୁ,ଜଳ ବିଭାଗର ଜେଇ ଶସିମିତା ନାଏକ ଏବଂ ପାଟଣା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ଧାରଣା ରୁ ହୋଟିଥିଲେ। ସିଲିଦା ପୁରୁଣା ସାହିର ଦରଖାସ୍ତ କୁ ବିଡ଼ିଓ ଶିବଶଙ୍କର ମୁର୍ମୁ ଗ୍ରହଣ କରି କହିଥିଲେ ଯେ ଗାଁ କୁ ପାଇପି ଯୋଗେ ପାଣି ଯୋଗାଇ ଦେବା ପର୍ଯ୍ୟନ୍ତ ଟ୍ୟାଙ୍କର ସାହାଯ୍ୟରେ ସକାଳ ସନ୍ଧ୍ୟାରେ ରେ ପାଣି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ଭୁଲ ଇଞ୍ଜେକ୍ସନ ଯୋଗୁଁ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲାର ଏକ ଘରୋଇ ନିଦାନ କେନ୍ଦ୍ରରେ ତୃଟିପୂର୍ଣ୍ଣ ଚିକିତ୍ସା ଓ ଭୁଲ ଇଞ୍ଜେକସନ୍ ଯୋଗୁଁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ମୃତ ଯୁବକଙ୍କ ପରିବାର ଲୋକେ ବାଲେଶ୍ୱର ସହରର ଓଟି ରୋଡ଼ରେ ବସି ଆନ୍ଦୋଳନ କରିବା ସହ ନ୍ୟାୟ ଦାବି କରିଥିଲେ । ଶୁକ୍ରବାର ବିଳମ୍ବିତ ରାତିରେ ପୁଲିସଙ୍କ ଉପସ୍ଥିତିରେ ୨ପକ୍ଷ ବସି ଘଟଣା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁଯାୟୀ ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳର ମହେଶ୍ୱର ମହାରଣା (୨୯) ନାମକ ଜଣେ ଯୁବକଙ୍କର ଦୁଇଟି ଯାକ କିଡ଼ନୀ ନଷ୍ଟ ହୋଇଯାଇଥିଲା। ଏଥିପାଇଁ ସେ ଏକ ଘରୋଇ ନିଦାନ କେନ୍ଦ୍ରରେ ଚିକିତ୍ସା ହେଉଥିଲେ । ଶୁକ୍ରବାର ଦିନ ଶ୍ରୀ ମହାରଣା ଚିକିତ୍ସା ପାଇଁ ଆସିଥିବା ବେଳେ ସେଠାରେ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଥିଲା । ଭୁଲ ଇଞ୍ଜେକ୍ସନ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ କରିବା ସହ ସେଠାରେ କାର୍ଯ୍ୟରତ ଜଣେ ନର୍ସ ଜବରଦସ୍ତ ଏକ କାଗଜରେ ତାଙ୍କଠାରୁ ଦସ୍ତଖତ କରାଇନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି ।

## ବ୍ରାଉନସୁଗର ଜବତ, ମହିଳା ଗିରଫ

ବାଲେଶ୍ୱର, (ସବ୍ୟୁ) : ସହଦେବଖୁଣ୍ଟାଥାନା ଅନ୍ତର୍ଗତ ଅରଡବଜାର ମସଜିଦ୍ ଗଳିରେ ବ୍ରାଉନସୁଗାର କାରବାର ଚାଲିଥିବା ଖବର ପାଇଁ ସହଦେବଖୁଣ୍ଟା ପୁଲିସ ଘଟଣାସ୍ଥଳ ଉପରେ ଚଢାଉ କରିଥିଲେ । ପୁଲିସ ସେଠାରୁ ଜଣେ ୫୦ବର୍ଷିୟ ମହିଳାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୧୨୦ ଗ୍ରାମର ବ୍ରାଉନସୁଗର ଜବଦ କରାଯାଇଛି । ଜବଦ ବ୍ରାଉନସୁଗର ମୂଲ୍ୟ ୧୨ ଲକ୍ଷ ଟଙ୍କା ହେବବୋଲି କୁହାଯାଉଛି । ଏବାବଦରେ ସହଦେବଖୁଣ୍ଟା ଥାନାରେ କେଶ ନମ୍ବର ୧୬୪/୨୦୨୪ମୂଳେ ଏନ୍‌ଡିପିଏସ୍ ଆଇନର ୨୧(ବି) ଧାରାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ନାବାଳିକା ନିଖୋଜ, ଥାନାରେ ମାମଲା

ଆଗରପଡ଼ା, (ସବ୍ୟୁ): ବନ୍ତ ବ୍ଲକ ଆଗରପଡ଼ା ଥାନା ଅନ୍ତର୍ଗତ ପୁରୁଷଣ୍ଡ ଗ୍ରାମର ସ୍ମିତା(ଖୁସି)ବୟସ ୧୭ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ବାପା ଭଗବାନ ସାହୁ ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଶ୍ରୀ ସାହୁଙ୍କ ଅଭିଯୋଗ ଅନୁଯାୟୀଗତ ୨୪ ତାରିଖ ଅପରାହ୍ନ ୭ଘଟିକା ସମୟରେ ତାଙ୍କ ଝିଅ ଖୁସି ଘରେ କାହାକୁ କିଛି ନ କହି କେଉଁ ଆଡ଼େ ପଳେଇ ଯାଇଛି । ଚାରିଆଡ଼େ ଖୋଜାଖୋଜି ପରେବି ତାର କୌଣସି ସନ୍ଧାନ ପରିବାର ଲୋକେ ପାଇପାରିନାହାନ୍ତି । ଆଗରପଡ଼ା ବଜାରରୁ ପାଉଥିବା ଖବର ଅନୁଯାୟୀ ପୁରୁଷଣ୍ଡ ଗ୍ରାମର କୁନା ଯେନାଙ୍କ ପୁଅ ବାପି ତାଙ୍କ ଝିଅକୁ କେଉଁ ଆଡ଼େ ନେଇ ଯାଇଛି । ଏବଂ ଏଥିରେ ରସିକ ଯେନାଙ୍କ ପୁଅ ମିଥୁନ,ମୀନା ଯେନାଙ୍କ ପୁଅ ସଂଜୀବ,ବଲ୍ଲଭ ଯେନାଙ୍କ ପୁଅ ଟୁଟୁଙ୍କ ସଂପୃକ୍ତି ଥିବାର ସେ ଉଲ୍ଲେଖ କରିଛନ୍ତି । ତାଙ୍କ ଝିଅକୁ ବାପି କେଉଁଠି ବିକ୍ରୀ କରିଦେବା ସେ ସନ୍ଦେହ କରିବା ସହ ଝିଅର ଜୀବନ ପ୍ରତି ବିପଦ ଥିବାର କହିଛନ୍ତି । ତାଙ୍କ ଅଭିଯୋଗକୁ ଆଧାର କାରି ଆଗରପଡ଼ା ପୁଲିସ ଥାନା କେସ ନଂ ୮୯/୨୪ରେ ବାପି,ମିଥୁନ,ସଂଜୀବ ଓ ଟୁଟୁଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିବା ଜଣାପଡ଼ିଛି।

## ପୋଲିସକୁ ସଫଳତା, ଡକାୟତିର ମାଷ୍ଟର ମାଇଣ୍ଡ ଗିରଫ

କେନ୍ଦୁଝର, (ସବ୍ୟୁ) : କେନ୍ଦୁଝର ପୁଲିସକୁ ଶନିବାର ଏକ ବଡ଼ ସଫଳତା ମିଳିଛି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନା, ରାଉରକେଲା, ଢେଙ୍କାନାଳ, ସମ୍ବଲପୁର ଆଦି ଜିଲ୍ଲାରେ ୨୮ ଗୋଟି ବଡ଼ ଡ଼କାୟତିର ମାଷ୍ଟର ମାଇଣ୍ଡ ଦାଶରଥୀ ଧୀବରକୁ ପୁଲିସ ଗିରଫ କରିଛି। ଗତ ବର୍ଷ ଅକ୍ଟୋବର ମାସ ୧୮ ତାରିଖରେ ଡକାୟତ ଦାଶରଥି ଧୀବରଙ୍କ ନେତୃତ୍ୱରେ ୬ ଜଣ ଡ଼କାୟତ ନୟାକୋଟ ଥାନା ଅଞ୍ଚଳ ଫୁଲଝର ସ୍ଥିତ ସ୍ୱପ୍ନେଶ୍ୱର ଫିଲିଙ୍ଗ ଷ୍ଟେସନରେ ରାତିରେ ବନ୍ଧୁକ ମୁନରେ ସଟର ଭାଙ୍ଗି ୪ଲକ୍ଷ ଟଙ୍କା, ଲାପଟପ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟିନେଇଥିଲେ।ଏହି ମାମଲା ଆଧାରରେ ପୁଲିସ ସ୍ୱତନ୍ତ୍ର ଟିମ ଗଠନ କରି ପୂର୍ବରୁ ୫ ଜଣ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। କିନ୍ତୁ ଏହି ଡକାୟତି ସମେତ ବିଭିନ୍ନ ଜିଲ୍ଲାରେ ୨୮ ଡ଼କାୟତି ଘଟଣାର ମାଷ୍ଟର ମାଇଣ୍ଡ ଦାଶରଥୀ ଧୀବର ଫେରାର ଥିଲା। କେନ୍ଦୁଝର ଏସପିଙ୍କ ନିର୍ଦ୍ଦେଶରେ ଗଠିତ ଏକ ଟିମ ଶେଷରେ ଶନିବାର ଡ଼କାୟତ ସର୍ଦ୍ଦାରକୁ ଗିରଫ କରିବାରେ ସଫଳ ହୋଇଛି। ତା ନାମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନାରେ ୨୦ ଟି, ରାଉରକେଲା ପୁଲିସ ଜିଲ୍ଲାରେ ୬ଟି, ଢେଙ୍କାନାଳ ଜିଲ୍ଲାରେ ୧ଟି ଏବଂ ସମ୍ବଲପୁରେ ୧ ଡ଼କାୟତି ମାମଲା ଥିବା ପୁଲିସ କହିଛିଛ ଗିରଫ ଡକାୟତ ପାଖରୁ ଗୋଟିଏ ପିସ୍ତଲ,୧ ଖୁକରୀ, ସୁନା ରୁପା ଅଳଙ୍କାର,ବୋଲେରୋ, ବାଇକ ଜବତ କରାଯାଇଛି।

## ଜଇପୁର ଛକରେ ଜଳସମ୍ପଦ ଜବରଦଖଲ

ରଘୁନାଥପୁର, (ସବ୍ୟୁ) : କଟକ-ପାରାଦ୍ୱୀପ ରାସ୍ତାର ଜଇପୁର ନିକଟରେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଦ୍ୱାରା ୨ଗୋଟି କ୍ୱାଟର ନିର୍ମାଣ କରାଯାଇ ତାଳଦଣ୍ଡା ଶାଖା କେନାଲର ପୁନରୁଦ୍ଧାର ପାଇଁ ଏଠାରେ ୱାଲମି କାର୍ଯ୍ୟାଳୟ ଚାଲିଥିଲା। ପୁନରୁଦ୍ଧାର କାର୍ଯ୍ୟ ସମାପ୍ତ ପରେ ଏହି କ୍ୱାଟର ଗୁଡିକ ବନ୍ଦ ହୋଇ ପଡିଥିଲା। ଦୀର୍ଘ ଦିନ ଧରି ବନ୍ଦ ରହିଲା ପରେ ରକ୍ଷଣାବେକ୍ଷଣ ଅଭାବରୁ ଏହି କ୍ୱାଟର ଦୁଇଟି ଭୂତକୋଟି ପାଲଟି ଯାଇଥିଲା । ବର୍ତ୍ତମାନ ଜଇପୁର ନିକଟରେ ଜଇପୁର-କୃଷ୍ଣାନନ୍ଦପୁର ବ୍ରିଜ ହେଲାପରେ ଏହି ଯାଗାର ମୂଲ୍ୟ ବଢ଼ିଯାଇଛି, ଯାହା ଫଳରେ ଏଠାରେ ଥିବା ସରକାରୀ ଜାଗା ଉପରେ କିଛି ଲୋକଙ୍କର ଲୋଲୁପ ଦୃଷ୍ଟି ପଡିଛି। ବର୍ତ୍ତମାନ ଜଳସମ୍ପଦ ବିଭାଗ ଅଧିକାରୀଙ୍କଠାରୁ କୌଣସି ନିର୍ଦ୍ଦେଶ ନପାଇ ଜନୈକ ପ୍ରଭାବଶାଳୀ ବ୍ୟକ୍ତି ଜଳସମ୍ପଦ ବିଭାଗ ଅଧୀନ ଏହି କ୍ୱାଟର ନିକଟ ପାଚେରୀ ଭାଙ୍ଗି ଶହ ଶହ ଟ୍ରିପ୍ ବାଲି ପୋତି ଦୋକାନ ଘର ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି । ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବା ସହିତ ଜଇପୁର ଓ ଖଣ୍ଡତରି ଅଞ୍ଚଳରେ ସ୍ଥାନୀୟ ବାସିନ୍ଦାମାନେ ତ୍ରୀବ ବିରୋଧ କରିଛନ୍ତି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଜବରଦଖଲ କରିଥିବା ବ୍ୟକ୍ତିଙ୍କ ଠାରୁ ଯାଗା ସହ ଘର ଉଦ୍ଧାର କରି ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହୋଇଛି ।

## ବାରବାଟି ବସ୍ ଦୁର୍ଘଟଣା, ମୃତ ଅଚିହ୍ନା ବ୍ୟକ୍ତିଙ୍କ ମିଳିଲା ପରିଚୟ

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବାରବାଟି ଠାରେ ଗତ ୧୫ ତାରିଖ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୫ ଜଣଙ୍କ ମଧ୍ୟରେ ଜଣକର ପରିଚୟ ନମିଳିବାରୁ ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ଯାଜପୁର ଡାକ୍ତରଖାନାର ଶବାଗାରରେ ରଖାଯାଇଥିଲା। । ତେବେ ମୃତ ବ୍ୟକ୍ତିଙ୍କ ଶନିବାର ପରିଚୟ ମିଳିଛି । ମୃତକ ଜଣକ ହେଲେ ପଶ୍ଚିମବଙ୍ଗ ପୁର୍ବମେଦିନାପୁର ଜିଲ୍ଲା ଦେବୀପୁର ଜଗର୍ନାଥ ଦାସ (୪୯) ବୋଲି ଜଣାପଡିଛି । ସେ ଦୀର୍ଘ ଦିନ ହେଲା କଟକରେ ରହି ଶ୍ରମିକ ଭାବେ କାମ କରୁଥିଲେ । ଗତ ୧୫ ତାରିଖରେ ସେ କାଳିଆନନା ବସରେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁ ବରଣ ରିଥିଲେ। ପୁଲିସ ଉକ୍ତ ଅଚିହ୍ନା ମୃତଦେହକୁ ବ୍ୟବଚ୍ଛେଦ କରାଇ ଯାଜପୁରସ୍ଥିତ ଡାକ୍ତରଖାନାରେ ରଖିଥିଲା । ତେବେ କଟକରେ କାମ କରୁଥିବା ଅନ୍ୟଶ୍ରମିକ ମାନେ ଘରକୁ ଯିବା ପରେ ଜଗନ୍ନାଥ ୧୫ ତାରିଖରୁ ଘରକୁ ଫେରିଥିବା କହିବା ପରେ ପରିବାର ଲୋକେ ଖୋଜାଖୋଜି କରି ଧର୍ମଶାଳା ଥାନାରେ ପହଁଚିବା ପରେ ଯାଜପୁର ଯାଇ ମୃତଦେହକୁ ଚିହ୍ନଟ କରିଥିଲେ । ପରେ ପୁଲିସ ସମସ୍ତ ପ୍ରମାଣ ପାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଦ୍‌କାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

## ଶିକ୍ଷକଙ୍କ ଦ୍ୱାଦଶାହରେ ସହାୟତାର ହାତ ବଢାଇଲେ ଛାତ୍ରଛାତ୍ରୀ

ପାଟକୁରା, (ସବ୍ୟୁ) : ଗରଦପୁର ବ୍ଲକ୍ ତଳକୁସୁମା ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ମଥୁରାନନ୍ଦ ମହାପାତ୍ରଙ୍କ ଦ୍ୱାଦଶାହରେ ସହାୟତାର ହାତ ବଢାଇଲେ ଛାତ୍ରଛାତ୍ରୀ। ବିଦ୍ୟାଳୟର ୧୯୮୦ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀମାନେ ଆଜି ତାଙ୍କ ତେନ୍ତୋଳ ସ୍ଥିତ ବାସଭବନରେ ପହଂଚି ତାଙ୍କର ବୋହୂଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଛାତ୍ରମାନେ ଶିକ୍ଷକଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ କରିବା ସହିତ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଥିଲେ। ସୂଚନାଯୋଗ୍ୟ ସ୍ୱର୍ଗତ୍ ମହାପାତ୍ରଙ୍କ ଏକମାତ୍ର ପୁତ୍ରର ମୃତ୍ୟୁ ପରେ ତାଙ୍କର ବୋହୂ ଏବଂ ୨ ନାତୁଣୀ ଅଛନ୍ତି। ତାଙ୍କ ପରିବାରରେ ଅନ୍ୟ କୌଣସି ରୋଜଗାରକ୍ଷମ ବ୍ୟକ୍ତି ନଥିବାରୁ ଛାତ୍ରମାନେ ତାଙ୍କୁ ଆର୍ଥିକ ସହାୟତା ଦେବା ସହିତ ଆଗାମୀ ଦିନରେ ଆବଶ୍ୟକ ପଡିଲେ ଆଉ ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି। ସ୍ୱର୍ଗତ ମହାପାତ୍ରଙ୍କ ପରଲୋକର ୨୦ ଦିନ ପୂର୍ବରୁ ତାଙ୍କ ଧର୍ମପତ୍ନୀଙ୍କର ବିୟୋଗ ହୋଇଥିଲା।

## ପଞ୍ଚାୟତ ବିଜେଡ଼ି ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

ଆଗରପଡ଼ା, (ସବ୍ୟୁ): ବନ୍ତ ବ୍ଲକ କାଦବରାଙ୍ଗ ପଂଚାୟତ ବିଜେଡ଼ି ସଭାପତି ତଥା ପୂର୍ବତନ ସରପଞ୍ଚ ଭାଗୀରଥି ସେଠୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ତାଙ୍କ ସ୍ତ୍ରୀ କନକଲତା ଆଗରପଡ଼ା ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀଶୁକ୍ରବାର ଦିନ ୧୧ଟା ସମୟରେ ଭାଗୀରଥି ଭଦ୍ରକ କୋର୍ଟରୁ କାମ ସାରି ନିଜ ଘର କାଦବରାଙ୍ଗକୁ ଫେରୁଥିବା ସମୟରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ କାଦବରାଙ୍ଗର ନାରାୟଣ ଆରଣଙ୍କ ତିନି ପୁଅ ବଳରାମ,ଭଗବାନ ଓ ଉମାକାନ୍ତ ଶ୍ରୀ ସେଠୀଙ୍କୁ କାଦବରାଙ୍ଗ ବଜାରପାଖରେ ଅଟକାଇ ତାଙ୍କ ବାଇକ ଚାବି କାଢି ନେବା ସହ ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ଶ୍ରୀ ସେଠୀଙ୍କ ମୁଣ୍ଡ,ଅଣ୍ଟା ଓ ଗୋଡ଼ରେ ଗଭୀର ଆଘାତ ଲାଗିଛି । କିଛି ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ଓ ପରେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଗଣ୍ଡଗୋଳକାରୀ ଶ୍ରୀ ସେଠୀଙ୍କ ହାତଘଣ୍ଟା ଓ ତାଙ୍କ ପାଖରେ ଥିବା ଟଙ୍କା ମଧ୍ୟ ନେଇଯାଇଥିବା ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି । କନକଲତାଙ୍କ ଅଭିଯୋଗ ମୂଳେ ଆଗରପଡ଼ା ପୁଲିସ ୯୫/୨୪ରେ ଏକ ମାମଲା ରୁଜୁ କରିଛି ।

## ପୋଲିସ ଚଢାଉ, ୫ ଗାଡ଼ି ସହ ୩୨ ଗୋରୁ ଜବତ

ନିଶ୍ଚିନ୍ତକୋଇଲି, (ସବ୍ୟୁ) :ନିଶ୍ଚିନ୍ତକୋଇଲି ଥାନା ପୋଲିସ ସୁକରପଡ଼ା ଠାରେ ବିଳମ୍ବିତ ରାତିରେ ଗୋଚାଲାଣ ହେଉଥିଲା ବେଳେ ଚଢାଉ କରିଛି । ଗାଡ଼ିରେ ଭର୍ତ୍ତି ହୋଇଥିବା ୧୮ଟି ଗୋରୁଙ୍କୁ ଜବତ କରି ଛତିଆ ନିକଟସ୍ଥ ବୈରୀ ଗୋଶାଳାକୁ ସୁରକ୍ଷା ପାଇଁ ପଠାଇଥିଲା ବେଳେ ଚାଲାଣ ପାଇଁ ବାହାରେ ବନ୍ଧା ଯାଇଥିବା ୧୪ଟି ଗୋରୁ ଗାଈଙ୍କୁ ଲୋକଙ୍କ ଜିମା ଦେଇଛି । ଏହି ଗୋଚାଲାଣରେ ବ୍ୟବହାର ହୋଇଥିବା ଦୁଇଟି କଣ୍ଟେନର ଓ ୫ଟି ପିକଅପ୍ ଭ୍ୟାନକୁ ଜବତ କରାଯାଇ ଥାନାରେ ରଖାଯାଇଛି । ଗୋଚାଲାଣ କରୁଥିବା ୩ଜଣ ମୁଖ୍ୟ କମାଲୁଦ୍ଦିନ୍ ଖାଁ(ମୋତି), ତଜୁମୁଦ୍ଦିନ୍ ଖାଁ(ଚାନୁ), ଗିୟାସୁଦ୍ଦିନ୍ ଖାଁ(ଟୁକୁ) ଓ ସେମାନଙ୍କ ସହଯୋଗୀଙ୍କ ନାମରେ ମାମଲା ରୁଜୁ ହୋଇଥିବା ଆଇଆଇସି ଯୁଗଳକିଶୋର ଦାସ ପ୍ରକାଶ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ପ୍ରତ୍ୟେକ ଦିନ ଏହିଠାରୁ ଶହ ଶହ ଗୋରୁ ଗାଈ ଚୋରାରେ ଚାଲାଣ କରାଯାଉଥିଲା ବେଳେ ଖବର ପାଇ ଗୁରୁବାର ରାତିରେ ପୋଲିସ ଏଭଳି ପଦକ୍ଷେପ ନେଇଛି ।

## ଜଳିଗଲା ଏସି, ଆସବାବପତ୍ର ପୋଡି ପାଉଁଶ

ଧର୍ମଶାଳା, (ସବ୍ୟୁ) : ଗୁରୁବାର ବିଳମ୍ବିତ ରାତିରେ ଧର୍ମଶାଳା ବ୍ଲକଚହଟା ଗ୍ରାମର ପ୍ରଶାନ୍ତ ମହାଲିକଙ୍କ ଉପରମହଲାରେ ଲାଗିଥିବା ଏସିରେ ଅଗ୍ନିକାଣ୍ଡ ଘଟି ବହୁ ଆସବାବ ପତ୍ର ପୋଡି ଯାଇଛି । ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ସେଠାରେ ପହଁଚି ନିଆଁକୁ ଆୟତ କରିଥିଲେ । ଏହି ଅଗ୍ନିକାଣ୍ଡରେ ପ୍ରଶାନ୍ତଙ୍କ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ଯାଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ।

## ସଡ଼କ ଦୁର୍ଘଟଣା, ୨ ଗୁରୁତର

ଡେରାବିଶ, (ସବ୍ୟୁ) : ଡେରାବିଶ ବ୍ଲକ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜ୍ୟରାଜପଥର ଚାନ୍ଦୋଳ କଲେଜଛକ ନିକଟରେ ଗତକାଲି ମଧରାତ୍ରରେ ଏକ ସଡକ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ହୋଇଛନ୍ତି । ସୂଚନାରୁ ପ୍ରକାଶ ଯେ ରାତି ପ୍ରାୟ ୨ଟା ସମୟରେ ପଟ୍ଟାମୁଣ୍ଡାଇରୁ ବରଯାତ୍ରୀମାନେ କଟକ ଅଭିମୂଖେ ଯାଉଥିବା ବେଳେ ଚାନ୍ଦୋଳ କଲେଜ ଛକ ନିକଟରେ ବୋଲେରୋ ରାସ୍ତାକଡରେ ରଖି ଜଳପାନ କରୁଥିଲେ । ଏହି ସମୟରେ ପଛରୁ ଆସୁଥିବା ଏକ ଇର୍ଟିକା କାର ଖୁବ ଜୋରରେ ବୋଲେରୋ ପଛରେ ଧକ୍କା ଲଗାଇଥିଲା । ଫଳରେ ବୋଲେରୋ ପଛରେ ବସିଥିବା ଦୁଇଜଣ ଆରୋହୀ ଗୁରୁତର ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଇର୍ଟିକା କାର ଚାଳକ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି । ଖବର ପାଇ ଡେରାବିଶ ଥାନା ପୋଲିସ ଘଟଣା ସ୍ଥଳରେ ପହଁଚି ଦୁର୍ଘଟଣା ଗସ୍ତ ଗାଡି ଜବତ କରି ଅନୁସନ୍ଧାନ ଜାରି ରଖିଛନ୍ତି । ୨ଗୁରୁତରଙ୍କ ପରିଚୟ ମିଳିପାରିନାହିଁ ।

# ଉଦାସ ଆଶ୍ରମରେ ସାଧୁସନ୍ଥ ସମ୍ମିଳନୀ

ଜଗତସିଂହପୁର, (ସବ୍ୟୁ) :ଜଗତସିଂହପୁର ବ୍ଲକର କାଠୁଆପାଟଣା ଗ୍ରାମରେ ବ୍ରହ୍ମ ଏକାକ୍ଷର ବିଶ୍ୱଶାନ୍ତି ଯଜ୍ଞର ଅଷ୍ଟମ ଦିବସ ପୂର୍ବାହ୍ନରେ ସାଧୁସନ୍ଥ ସମ୍ମିଳନୀ ଉଦାସ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଆଶ୍ରମାଧ୍ୟକ୍ଷ ବାବା ଯଜ୍ଞେଶ୍ୱରାନନ୍ଦ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଢୁଆ ସ୍ଥିତ କ୍ରିୟାଯୋଗ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ସଂସାର ସାଗର ପାରିହେବାକୁ ତତ୍ତ୍ୱ ଗୁରୁଙ୍କ ସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ ।ଏହି ସମ୍ମିଳନୀରେ ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, କେନ୍ଦୁଝର, କେନ୍ଦ୍ରାପଡ଼ା, ଗଞ୍ଜାମ, ଅନୁଗୁଳ ଓ ଢେଙ୍କାନାଳ ପ୍ରଭୃତି ଜିଲ୍ଲାରୁ ୫୧ଜଣ ସାଧୁ,ମଠାଧୀଶ ଯୋଗଦେଇ ଭଗବାନଙ୍କୁ ପ୍ରାର୍ଥନା, ସଦ୍‌ଗ୍ରନ୍ଥ ପଠନ କରି ନିଜକୁ ସର୍ବୋତଭାବେ ଈଶ୍ୱରଙ୍କ ନିକଟରେ ସମର୍ପଣ କଲେ ପୁନର୍ଜନ୍ମ ହୋଇନଥାଏ ବୋଲି କହିଥିଲେ । ସମସ୍ତ ସାଧୁସନ୍ଥଙ୍କୁ ଉଦାସ ଆଶ୍ରମ ତରଫରୁ ଅଙ୍ଗବସ୍ତ୍ର ଓ ପୁଷ୍ପହାର ଦେଇ ପଦବନ୍ଦନ କରାଯାଇଥିଲା । 'ଉଦାସ ଆଧ୍ୟାତ୍ମିକ ପାଠାଗାର'କୁ ମୁଖ୍ୟଅତିଥିଙ୍କ ସମେତ ଆର୍ତ୍ତତ୍ରାଣ ବାବା ଲୋକାର୍ପିତ କରିଥିଲେ । ଏହି ଅବସରରେ ୪୯ବର୍ଷରେ ପଦାର୍ପଣ କରିଥିବା କନ୍ତାରସ୍ଥ କେଳି-କାଞ୍ଚନ-ରତ୍ନାକର ପାଠାଗାରର ପ୍ରତିଷ୍ଠାତା ସମ୍ପାଦକ ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ ଓ ମନୋରମା ଦାଶ, ପ୍ରଫୁଲ୍ଲ ପାଠାଗାର ଆଶ୍ରମ ପାଟଣାର ବଂଶୀଧର ଆଚାର୍ଯ୍ୟ ଓ ବିଜୟ କୁମାର ପତି, ପତିତପାବନ ପାଠାଗାର ଖୋରତର ଅଶୋକ କୁମାର ମୁଦୁଲି, ବାଗସାହି ମନୋରମା ପାଠାଗାରର ସମ୍ପାଦିକା ମନୋରମା ଶତପଥୀ ଏବଂ ପାକନପୁର ରମାଦେବୀ ପାଠାଗାରର ସଭାପତି ଅଧ୍ୟାପକ ଭଗବାନ ଦାଶଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମରେ ଗଞ୍ଜାମରୁ ଆସିଥିବା କଳାକରଗଣ ସନ୍ତୋଷ ପାଢ଼ୀଙ୍କ ନେତୃତ୍ୱରେ ଭାରତଲୀଳାର ସୁଭଦ୍ରା ପରିଣୟ ବିଷୟଟି ଚମତ୍କାର ଭାବେ ପ୍ରଦର୍ଶନ କରିବା ସହିତ ସ୍ୱପ୍ନିଳକବି ଡ. ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ରଚିତ ଗୁରୁ ଓ ଆଶ୍ରମ ସମ୍ପର୍କିତ ଭଜନ ଆସ କିଏସେ ଆସିବ ଗୋ ତଥା ଗୁରୁ ଉଦାସ ଯମୁନା ଦାସଙ୍କ ଭଜନକୁ ସୁଲଳିତ କଣ୍ଠରେ ନୃତ୍ୟ ମାଧ୍ୟମରେ ପରିବେଷଣ କରି ସବୁରି ପ୍ରଶଂସାଭାଜନ ହୋଇଥିଲେ ।ଏଥିରେ ସ୍ୱାଗତ ଭାଷଣ ବାବା ଦିବ୍ୟଲୋଚନ ଦାସଜୀ ପ୍ରଦାନ କରିଥିଲେ ।ପରେ ଶ୍ରୀ ଯଜ୍ଞେଶ୍ୱରାନନ୍ଦ ଦାସ ମହାରାଜଙ୍କୁ ଗୁରୁପୂଜନ କ୍ରମରେ ଶହଶହ ଭକ୍ତ ବସ୍ତ୍ର, ପୁଷ୍ପହାର ସହ ଭକ୍ତିନୈବେଦ୍ୟ ଅର୍ପଣ ପୂର୍ବକ ଗୁରୁପୂଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନିରୁଦ୍ଧ ପୃଷ୍ଟି, ରବିନ୍ ଖଣ୍ଡାୟତରାୟ ଓ ଗୁରୁଭାଇମାନେ ସମସ୍ତ ସହଯୋଗ କରିଥିଲେ ।



## ସେକ୍ ଜାହିର ମହମ୍ମଦ କଂଗ୍ରେସ ପ୍ରଚାର କମିଟି ଅଧକ୍ଷ

ନିଶ୍ଚିନ୍ତକୋଇଲି, (ସବ୍ୟୁ) : ନିଶ୍ଚିନ୍ତକୋଇଲି ବ୍ଲକ ୨୬ନଂ ଜୋନର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସେକ୍ ଜାହିର ମହମ୍ମଦ କଂଗ୍ରେସ ଦଳର କେନ୍ଦ୍ରାପଡ଼ା ସାଂସଦୀୟ କ୍ଷେତ୍ର ପ୍ରଚାର କମିଟିର ନୂତନ ଅଧକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି । ପ୍ରଦେଶ କମିଟିର ଅନୁମୋଦନ କ୍ରମେ କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ମାନସ ଚୌଧୁରୀ ଙ୍କ ଦ୍ୱାରା ସେ ନିଯୁକ୍ତି ପାଇଛନ୍ତି । କେନ୍ଦ୍ରାପଡ଼ା ଲୋକସଭା ଓ ଏହା ଅଧିନରେ ଥିବା ସାତ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଦଳୀୟ ପ୍ରଚାର ପ୍ରସାର କ୍ରମେ ତାଙ୍କ ଦ୍ୱାରା ପରିଚାଳିତ ହେବ । ସେକ୍ ଜାହିର ଜଣେ ଦକ୍ଷ ସଂଗଠକ ହୋଇଥିବା ବେଳେ ନିର୍ବାଚନ ପରିଚାଳନା ପାଇଁ ତାଙ୍କର ଢେର ଅଭିଜ୍ଞତା ଥିବାରୁ ତାଙ୍କୁ ପିସିସି ପକ୍ଷରୁ ଏଭଳି ନିଯୁକ୍ତି ଦିଆଯାଇଛି । ଚଳିତ ନିର୍ବାଚନରେ ନିଶ୍ଚିତ ଭାବେ କଂଗ୍ରେସର ଭୋଟ ହାର ବଢାଇବା ପାଇଁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି ସେ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଲେ ଚିତ୍ତ ଷଡ଼ଙ୍ଗୀ

ନୀଳଗିରି, (ସବ୍ୟୁ) : ରାଜ୍ୟ ସରକାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟଗୁଡ଼ିକ ୨୫ତାରିଖରେ ଛୁଟି ଘୋଷଣା କରିସାରିଛନ୍ତି । ମାତ୍ରର ଅଙ୍ଗନବାଡ଼ି କେନ୍ଦ୍ରରେ କୋମଳମତି ଶିଶୁଙ୍କ ପ୍ରତି ଦୃଷ୍ଟି ଦିଆନଯାଇ ଏପର୍ଯ୍ୟନ୍ତ କେନ୍ଦ୍ରଗୁଡ଼ିକ ସକାଳୁଆ ଚାଲୁ ରହିଛି । ଏନେଇ ନୀଳଗିରି ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ ରାଜ୍ୟ ମୁଖ୍ୟ ଶାସନସଚିବଙ୍କୁ ଚିଠି ଲେଖି ଅଙ୍ଗନବାଡି କେନ୍ଦ୍ରକୁ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେରଖି ଛୁଟି ଘୋଷଣା କରିବା ସହିତ କୋରନା ମହାମାରୀ ସମୟରେ ଯେପରି ଶିଶୁମାନେ କେନ୍ଦ୍ରକୁ ନଆସି ସେମାନଙ୍କ ଘରକୁ ଶୁଖିଲା ଖାଦ୍ୟ ପଠାଯିବାର ବ୍ୟବସ୍ଥା କରାଯାଇଥିଲା ସେଭଳି ବ୍ୟବସ୍ଥା କରାଯିବାକୁ ଚିଠିରେ ଉଲ୍ଲେଖ କରିଛନ୍ତି । ଏଥି ସହିତ ଏହାର ଅବିକଳ ନକଲ ଓଡ଼ିଶା ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶକ ଏବଂ ବାଲେଶ୍ୱର ଜିଲ୍ଲାପାଳଙ୍କୁ ମଧ ଚିଠି ଲେଖିଥିବା ଜଣାପଡ଼ିଛି ।

# ଝଙ୍କଡ଼ ସାହିତ୍ୟ ସଂସଦର ଚଇତି ଆସର




ତିର୍ତ୍ତୋଲ, (ସବ୍ୟୁ) : ଝଙ୍କଡ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଚଇତି ମଲ୍ଲୀ ଆସର ସାରଳାରୋଡସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ସଂସଦର ଉପସଭାପତି ଡ.ବିଷ୍ଣୁପ୍ରିୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆସରର ପ୍ରାରମ୍ଭରେ ସମ୍ପାଦକ ଝଙ୍କଡ ରତ୍ନ ଗୋଲୋକ ବିହାରୀ ପଲାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ସାହିତ୍ୟକ ନାରାୟଣ ନାୟକ, ମୁଖ୍ୟବକ୍ତା ଆଇନଜୀବି ପ୍ରଶା' କୁମାର ଦାସ, ସମ୍ମାନିତ ଅତିଥି କବି ଦେବେନ୍ଦ୍ର ନାଥ କର, ମନୋରନ ସ୍ୱାଇଁ ଓ ଅଧାପିକା ରାଜଶ୍ରୀ ସ୍ୱାଇଁ ପ୍ରମୁଖ ଯୋଗଦେଇ ଚଇତ ମାସର ବିଶେଷତ୍ୱ, ପର୍ବପର୍ବାଣୀ, ମଲ୍ଲୀଫୁଲର ସାହିତ୍ୟ ସହିତ ସଂପୃକ୍ତି ବିଷୟରେ ଆଲୋକପାତ କରିଥିଲେ । ପରେ କବି ଦିଗମ୍ବର ରାଉତଙ୍କ ସଂଯୋଜନାରେ ସଙ୍ଗଠନ ସମ୍ପାଦକ ତଥା କବି ବାସବ ନନ୍ଦ, କୋଷାଧକ୍ଷ ଝୁଲରାମ ଦାସ, ନିତ୍ୟାନନ୍ଦ ନାୟକ, ପ୍ରଭାତ ପରିଜା, ହେମ' ନାୟକ, ଅନା ମହାଁ, ବାସୁଦେବ ପଟ୍ଟନାୟକ, ଗୌରାଙ୍ଗ ଚରଣ ଦାସଙ୍କ ସମେତ ୨୫ରୁ ଉର୍ଦ୍ଧ କବି ଚଇତି ମଲ୍ଲୀ ଉପରେ କବିତା ଆବୃତ୍ତି କରିଥିଲେ । ଚୌଧୁରୀ ରାଧାମୋହନ ପରିଜା ଧନ୍ୟବାଦ ଦେଇଥିଲେ ।

## ୨ ବିଜେଡି ନେତା ଦଳରୁ ନିଲମ୍ବିତ

ଧାମନଗର, (ସବ୍ୟୁ): ଧାମନଗର ବ୍ଲକ ବିଜୁଜନତାଦଳର ପ୍ରାକ୍ତନ ସଭାପତି ରଘୁନାଥ ଲେଙ୍କା ଓ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ତଥା ଭଦ୍ରକ ସାଂସଦଙ୍କ ବ୍ଲକ ପ୍ରତିନିଧି ହରେକୃଷ୍ଣ ପାଢୀଙ୍କୁ ଦଳ ବିରୋଧି କାର୍ଯ୍ୟ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଛି। ଗତ କିଛିଦିନ ତଳେ ଧାମନଗର ବ୍ଲକ ଅନ୍ତର୍ଗତ ସହିଦନଗର ଠାରେ ବିଜୁଜନତାଦଳର କେତେକ ଛାମୁଆ ନେତା ଏକତ୍ରୀତ ହୋଇ ଚିନ୍ତନ ବୈଠକ ନାମରେ ସାଧାରଣ ସଭା କରିଥିଲେ। ଏହି ସଭାର ନେତୃତ୍ୱ ରଘୁନାଥ ଲେଙ୍କା ଓ ହରେକୃଷ୍ଣ ପାଢୀ ନେଇଥିଲେ। ସଭାରେ ଧାମନଗର ବିଜେଡିର ବର୍ତ୍ତମାନ ମଙ୍ଗୁଆଳ ପ୍ରାକ୍ତନ ପଂଚାୟତ ସମିତି ଅଧକ୍ଷ ଅଶୋକ କୁମାର ନାୟକଙ୍କ ବିରୁଦ୍ଧରେ ଅସନ୍ତୁଷ୍ଟ ନେତାମାନେ ବିଷୋଦଗାର କରିଥିଲେ। ଫଳ ସ୍ୱରୂପ ସେଦିନ ମଂଚରେ ଥିବା ବିଜେଡିର ବିଦ୍ରୋହୀ ନେତାମାନଙ୍କ ମଧ୍ୟରୁ ଏହି ଦୁଇ ନେତାଙ୍କୁ ଦଳ ଆଜି ନିଲମ୍ବନ କରିଛି। ବିଜୁଜନତାଦଳର ସଭାପତି ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହି ନିର୍ଦ୍ଦେଶ ନାମା ଜାରି କରିଛନ୍ତି। ଦଳରେ ରହି ଆନ୍ତର୍ଘାତୀ କାର୍ଯ୍ୟକଳାପରେ ଲିପ୍ତ ଥିବା ନେତାଙ୍କୁ ଏହା ଉଚିତ ପଦକ୍ଷେପ ବୋଲି କେତେକ ଦଳୀୟ କର୍ମୀ କହୁଥିବାବେଳେ ନିର୍ବାଚନରେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ପାଇଁ ଏହା ପ୍ରତିକୂଳ ପ୍ରଭାବ ପକାଇବ ବୋଲି ଅଧିକାଂଶ ମତବ୍ୟକ୍ତ କରୁଛନ୍ତି।

## ସମାଜସେବୀଙ୍କ ପରଲୋକ

କୁଆଖିଆ, (ସବ୍ୟୁ) : ଶନିବାର ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଂଚାୟତ ପାଂଚଗୋଛିଆ ଗ୍ରାମର ମକରଧ୍ୱଜ ସାହୁ (୮୯) ଙ୍କର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ପରଲୋକ ଗମନ କରିଥିବାରୁ ଗ୍ରାମରେ ଶୋକରଛାୟା ଖେଳିଯାଇଛି। ଶ୍ରୀ ସାହୁ ଜଣେ ଧର୍ମପରାୟଣ ତଥା ପୂର୍ବରୁ ଭଲ ଚାଷୀ ତଥା ଗହଣା ବ୍ୟବସାୟି ମିଷ୍ଟଭାଷୀ ଥିଲେ ଆଜି ତାଙ୍କ ମୃତ୍ୟୁ ଖବର ପାଇ ଶୋକାଭିଭୂତ ପରିବେଶ ସୃଷ୍ଟି ହୋଇଛି। ସେ ମନ୍ଦିର ସହ ବିଭିନ୍ନ ଧର୍ମଅନୁଷ୍ଠାନ ସହ ଜଡ଼ିତ ଥିଲେ। ଏକ ବିରାଟ ଶୋଭା ଯାତ୍ରାରେ ତାଙ୍କର ପୁରୀ ଠାରେ ଶବସତ୍କାର କରାଯାଇଥିଲା।

## ସ୍କାଉଟ୍ସ ପିଲାଙ୍କ ଜଳଛତ୍ର ସେବା ସହାୟତା



କୁଆଖିଆ, (ସବ୍ୟୁ) : ରସୁଲପୁର ବ୍ଲକ୍ ଅନ୍ତର୍ଗତ ମଧୁବନ ସରକାରି ଉଚ୍ଚ ବିଦ୍ୟାଳୟ ସ୍କାଉଟ ପିଲା ମାନଙ୍କ ଦ୍ୱାରା ୩ ଦିନ ଧରି ମଧୁବନ ହିଂଗୁଳା ଯାତ୍ରାରେ ଜନସାଧାରଣଙ୍କୁ ଦହି, ସରବତ୍ ଓ ସେବା ସହାୟତା ଯୋଗାଇ ଦିଆଯାଇଛି। ଏଥିରେ ମଧୁବନ ସରକାରି ଉଚ୍ଚ ବିଦ୍ୟାଳୟ ସ୍କାଉଟ ପିଲାମାନେ ଉପସ୍ଥିତ ରହି ଭକ୍ତ ମାନଙ୍କୁ ଗ୍ରୀଷ୍ମ ଦାଉରୁ ରକ୍ଷା ପାଇବା ପାଇଁ ବରଫ ଓ ଦହି ସରବତ ବଂଟନ କରିଥିଲେ। ଏହାକୁ ସିଆରସିସି ପ୍ରମୋଦ କୁମାର ବାରିକ ଉଦଘାଟନ କରିଥିଲେ। ଏଥିରେ ମଧୁବନ ଉଚ୍ଚ ବିଦ୍ୟାଳୟ ସ୍କାଉଟ ମାଷ୍ଟର ସୁଶାନ୍ତ କୁମାର ମହାରଣା ଶିକ୍ଷକ ରବିନ୍ଦ୍ର ସାମଲ ପ୍ରଧାନ ଶିକ୍ଷକ ମନୋଜ କୁମାର ଜେନା ଓ ୧୫ ଜଣ ସ୍କାଉଟ ସଭ୍ୟ ଶ୍ରଦ୍ଧାଳୁ ଭକ୍ତ ମାନଙ୍କୁ ଯୋଗଦେଇ ହିଂଗୁଳା ଯାତ୍ରାରେ ଜଳଛତ୍ର ଓ ସେବା ସହାୟତା ଦେଇଥିଲେ।

ସମୟ

# ଶତାବ୍ଦୀର ମହାନାୟକ ମଧୁସୂଦନ

## ଅନନ୍ତ ଗୋପାଳ ପଣ୍ଡା

**ବିଖଣ୍ଡିତ ଉତ୍କଳକୁ ଏକତ୍ର କରିବା ସହିତ ଭାଷା ଭିତ୍ତିରେ ରାଜ୍ୟ ଗଠନର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମଧୁବାବୁ ୧୯୦୩ ମସିହା ଡିସେମ୍ବର ମାସରେ ଆରମ୍ଭ କରିଥିଲେ ଉତ୍କଳ ସମ୍ମିଳନୀ । ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରିବା ସହିତ ସ୍ୱାର୍ଥକୁ ଆହୁତି ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ । ସ୍ୱରଚିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ସୁପ୍ତ ଓଡ଼ିଆ ଜାତିକୁ ଜାଗ୍ରତ କରିଥିଲେ । ଉତ୍କଳ ସମ୍ମିଳନୀକୁ ଜାତି ପ୍ରାଣସିନ୍ଧୁ ଭାବେ ଅଭିହିତ କରି ସେହି ସିନ୍ଧୁନୀରରେ ପ୍ରତ୍ୟେକ ଓଡ଼ିଆ ତାର ପ୍ରାଣବିନ୍ଦୁକୁ ମିଶାଇବା ପାଇଁ ଉଦ୍‌ବୋଧନ ଦେଉଥିଲେ । ପୂର୍ବ ସାହସିକତା ତଥା ଗୌରବଗାଥାକୁ ସ୍ମରଣ ପୂର୍ବକ ସୁପ୍ତ ଓଡ଼ିଆ ଜାତିକୁ କରାଇଥିଲେ ଉଜୀବିତ । ତାଙ୍କର ସ୍ୱପ୍ନ ହୋଇଥିଲା ସାକାର, ସକଳ ଚେଷ୍ଟା ହୋଇଥିଲା ଫଳବତୀ କିନ୍ତୁ ନବ ଉତ୍କଳର ସୂର୍ଯ୍ୟୋଦୟ ଦେଖିବା ପୂର୍ବରୁ ସେ ଇହଧାମ ତ୍ୟାଗ କରିସାରିଥିଲେ ୧୯୩୪ ମସିହା ଫେବୃୟାରୀ ମାସ ୪ ତାରିଖରେ ।**

ବୀର ପ୍ରସବିନୀ ଉତ୍କଳ ଜନନୀର ବରପୁତ୍ର ଭାବରେ ଯେଉଁ କେତେଜଣଙ୍କର ନାମ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇଛି, ସେମାନଙ୍କ ମଧ୍ୟରେ ସଦାବନ୍ଦିତ, ଅଭିନନ୍ଦିତ ତଥା ଅଗ୍ରପୂଜ୍ୟ ହେଉଛନ୍ତି ବାରିଷ୍ଟର ମଧୁସୂଦନ ଦାସ । ଇଂରେଜମାନଙ୍କ ଶାସନାଧିନ ଭାରତବର୍ଷରେ ଚାରିଗୋଟି ପ୍ରେସିଡେନ୍ସିରେ ଅନ୍ତର୍ଭୁକ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ହରାଇ ବସିଥିଲା ତାର ଭୌଗୋଳିକ ସୀମାରେଖାକୁ । ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ କଳିଙ୍ଗର ସୀମାରେଖା ହଜାଇଥିଲା ତାର ଅସ୍ତିତ୍ୱକୁ । 'ଓଡ଼ିଆ ଏକଟା ସ୍ୱତନ୍ତ୍ର ଭାଷା ନଏ' ବୋଲି ପ୍ରତିବେଶୀମାନଙ୍କ କଣ୍ଠରେ ସଦା କୁହା ହେଉଥିଲା । ଏ ଜାତିର ଭୁଗୋଳ, ସାଂସ୍କୃତିକ ବିଭବ ତଥା ସ୍ୱାଭିମାନ ଭୁଲୁଣ୍ଠିତ ହେଉଥିଲାବେଳେ ଓଡ଼ିଆ ଭାଷାର ଅସ୍ମିତା ଅଧୋପତନମୁଖୀ ହୋଇ ତାର ସତ୍ତା ହଜାଇବାକୁ ବସିଥିଲା କାଳଖଣ୍ଡର ବିସ୍ମୃତି ଗର୍ଭରେ । ଉତ୍କଳମାତାର ଏହିଭଳି ଏକ ଦୁର୍ଦ୍ଦିନରେ ତାର ତମସାଚ୍ଛନ୍ନ ନଭୋମଣ୍ଡଳରେ ଶତାବ୍ଦୀର ସୂର୍ଯ୍ୟରୂପେ ଉଦୟ ହୋଇଥିଲେ ବାରିଷ୍ଟର ମଧୁସୂଦନ ଦାସ ୧୮୪୮ ମସିହା ଅପ୍ରେଲ ମାସ ୨୮ ତାରିଖରେ କଟକ ଜିଲ୍ଲା ସାଲେପୁର ଥାନା ଅନ୍ତର୍ଗତ ସତ୍ୟଭାମାପୁରରେ । ତାଙ୍କ ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରିଥିଲେ । ପିତାମାତା ଜନ୍ମିତ ଶିଶୁଟିର ନାମ ରଖିଥିଲେ ଗୋବିନ୍ଦ ବଲ୍ଲଭ ଯେ କି ପରବର୍ତ୍ତୀ ସମୟରେ ମଧୁସୂଦନ ନାମରେ ହେଲେ ପରିଚିତ ।

ମଧୁସୂଦନଙ୍କ ବାଲ୍ୟଶିକ୍ଷା ଆରମ୍ଭ ହୋଇଥିଲା ମାଟିବଂଶ ଅବଧାନଙ୍କ ଚାଟଶାଳୀରୁ । ତୁଳସୀ ଦୁଇ ପତ୍ରରୁ ବସିଲାପରି ମଧୁସୂଦନଙ୍କ ପ୍ରତିଭାର ପରିଚୟ ମିଳିଥିଲା ପିଲାଦିନର ଏକ ଘଟଣାରୁ । ଚାଟଶାଳୀକୁ ଯିବାବେଳେ ଗ୍ରାମ ରାସ୍ତାରେ ଥରେ ପଡିଯିବାରୁ ଦଶହରା ଛୁଟିରେ ସାଥିମାନଙ୍କୁ ଏକଜୁଟକରି ମାଟି ଗୋଡି ପକାଇ ରାସ୍ତାକୁ ସମତୁଲ କରିଥିଲେ । ଫଳସ୍ୱରୂପ ସେ ମାଗୁଣି ଅବଧାନଙ୍କର ଆଶୀର୍ବାଦର ପାତ୍ର ହୋଇଥିଲେ । ଚାଟଶାଳୀ ଶିକ୍ଷା ସମାପ୍ତ କରି ମଧୁସୂଦନ ନାମ ଲେଖାଇଲେ କଟକରେ । ଅସାଧାରଣ ଧୀଶକ୍ତି ସମ୍ପନ୍ନ ମଧୁସୂଦନ ୧୮୬୪ ମସିହାରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ୧୮୭୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ସ୍ନାତକ ପରୀକ୍ଷାରେ କୃତକାର୍ଯ୍ୟ ହେଲେ । ପରେ ପରେ ଇଂରାଜୀ ସାହିତ୍ୟରେ ସ୍ନାତକକୋତ୍ତର ପରୀକ୍ଷାରେ ସୁନାମର ସହିତ ଉତ୍ତୀର୍ଣ୍ଣ ହୋଇ ପ୍ରଥମେ ଶିକ୍ଷକତା ଓ ପରେ ଶ୍ରୀରାମପୁର କଲେଜରେ ଅଧ୍ୟାପକ ଭାବେ ନିଯୁକ୍ତ ହୋଇଥିଲେ । ଆଇନରେ ସ୍ନାତକ ପଦବୀ ଲାଭକରି ସେ କଲିକତା ବିଚାରାଳୟରେ ଆରମ୍ଭକଲେ ଆଇନ ବ୍ୟବସାୟ । କଲିକତାରେ ଅବସ୍ଥାନ କାଳରେ ସେ ସୌଦାମିନୀଙ୍କ ସହିତ ବୈବାହିକ ସୂତ୍ରରେ ଆବଦ୍ଧ ହୋଇଥିଲେ । ବିଧିର ବିଡ଼ମ୍ବନା ଯେ ବିବାହର ମାତ୍ର ପାଞ୍ଚବର୍ଷ ପରେ ସୌଦାମିନୀ ହେଲେ ଅଫେରା ରାଇଜର ଯାତ୍ରୀ । ଜୀବନସାଥିକୁ ହରାଇ ଦୁଃଖରେ ଭାଙ୍ଗିନପଡ଼ି ମାଟି ମା'ର ନିରବ ଆହ୍ୱାନକୁ ହୃଦୟଙ୍ଗମ କରି ମଧୁସୂଦନ ୧୮୮୧ରେ ଫେରି ଆସିଲେ କର୍ମଭୂମି କଟକକୁ ।

କଟକରେ ଓକିଲାତି ଆରମ୍ଭରେ ଓକିଲମାନଙ୍କ ଦ୍ୱାରା ପରିହାସର ପାତ୍ର ହେଉଥିବା ମଧୁବାବୁ ନିଜର ଅସାଧାରଣ ଦକ୍ଷତା ପ୍ରଦର୍ଶନ ପୂର୍ବକ ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା ଓ କେନ୍ଦୁଝରର ରାଜାଙ୍କ ମୋକଦ୍ଦମାରେ ବିଜୟ ଲାଭ କରି ସମସ୍ତଙ୍କୁ ଚକିତ କରିଦେଇଥିଲେ । କେବଳ ସେତିକି ନୁହେଁ ଉତ୍କଳର ତତ୍କାଳୀନ ଗଜପତି ଦିବ୍ୟସିଂହଦେବ ନିର୍ବାସନ ଭୋଗୁଥିବା ସମୟରେ ଶ୍ରୀମନ୍ଦିର ପରିଚାଳନାର ଦାୟିତ୍ୱ ଇଂରେଜମାନଙ୍କ ହାତରୁ ଛଡାଇ ଆଣିଥିଲେ ମଧୁବାବୁ । ଓଡ଼ିଆମାନଙ୍କର ପ୍ରାଣର ପବନ ତଥା ହୃଦୟର ସ୍ପନ୍ଦନ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ସୁରକ୍ଷା ନିମନ୍ତେ ବିନା ପାରିଶ୍ରମିକରେ ସେ ମୋକଦ୍ଦମା ଲଢ଼ି ବିଜୟୀ ହୋଇଥିଲେ । ଯେଉଁଦିନ ରାୟ ପ୍ରକାଶିତ ହେଲା ସେଦିନ ପ୍ରତି ଓଡ଼ିଆଙ୍କ କଣ୍ଠରୁ ନିଃସୃତ ହେଉଥିଲା-ମଧୁ ବାରିଷ୍ଟର କି ଜୟ ଧ୍ୱନି ।

ବିଖଣ୍ଡିତ ଉତ୍କଳକୁ ଏକତ୍ର କରିବା ସହିତ ଭାଷା ଭିତ୍ତିରେ ରାଜ୍ୟ ଗଠନର ସ୍ୱପ୍ନକୁ ସାକାର କରିବା ନିମନ୍ତେ ମଧୁବାବୁ ୧୯୦୩ ମସିହା ଡିସେମ୍ବର ମାସରେ ଆରମ୍ଭ କରିଥିଲେ ଉତ୍କଳ ସମ୍ମିଳନୀ । ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କରିବା ସହିତ ସ୍ୱାର୍ଥକୁ ଆହୁତି ଦେବା ପାଇଁ ସେ ଆହ୍ୱାନ ଦେଇଥିଲେ । ସ୍ୱରଚିତ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ସୁପ୍ତ ଓଡ଼ିଆ ଜାତିକୁ ଜାଗ୍ରତ କରିଥିଲେ । ଉତ୍କଳ ସମ୍ମିଳନୀକୁ ଜାତି ପ୍ରାଣସିନ୍ଧୁ ଭାବେ ଅଭିହିତ କରି ସେହି ସିନ୍ଧୁନୀରରେ ପ୍ରତ୍ୟେକ ଓଡ଼ିଆ ତାର ପ୍ରାଣବିନ୍ଦୁକୁ ମିଶାଇବା ପାଇଁ ଉଦ୍‌ବୋଧନ ଦେଉଥିଲେ । ପୂର୍ବ ସାହସିକତା ତଥା ଗୌରବଗାଥାକୁ ସ୍ମରଣ ପୂର୍ବକ ସୁପ୍ତ ଓଡ଼ିଆ ଜାତିକୁ କରାଇଥିଲେ ଉଜୀବିତ । ତାଙ୍କର ସ୍ୱପ୍ନ ହୋଇଥିଲା ସାକାର, ସକଳ ଚେଷ୍ଟା ହୋଇଥିଲା ଫଳବତୀ କିନ୍ତୁ ନବ ଉତ୍କଳର ସୂର୍ଯ୍ୟୋଦୟ ଦେଖିବା ପୂର୍ବରୁ ସେ ଇହଧାମ ତ୍ୟାଗ କରିସାରିଥିଲେ ୧୯୩୪ ମସିହା ଫେବୃୟାରୀ ମାସ ୪ ତାରିଖରେ ।

ଅର୍ଥପ୍ରତି ଲୋଭାସକ୍ତ ନଥିଲେ ମଧୁବାବୁ । ୧୯୨୧ ମସିହାରେ ମନ୍ତ୍ରୀପଦରେ ନିଯୁକ୍ତ ହୋଇ ଇଂରେଜ ସରକାରଙ୍କଠାରୁ ଦରମା ଗ୍ରହଣ ନକରିବା ପାଇଁ ପ୍ରସ୍ତାବ ଦେଇଥିଲେ । ତାଙ୍କ ପ୍ରସ୍ତାବ କାର୍ଯ୍ୟକାରୀ ନହେବାରୁ, ଜନସାଧାରଣଙ୍କୁ ନିରପେକ୍ଷ ସେବାପ୍ରଦାନ କ୍ଷେତ୍ରରେ ଦରମା ବାଧକ ବୋଲି ଅନୁଭବ କରି ୧୯୨୩ ମସିହାରେ ମନ୍ତ୍ରୀପଦରୁ ଇସ୍ତଫା ଦେଇଥିଲେ । ସେ କ୍ଷୁଦ୍ରଶିଳ୍ପ ତଥା କୁଟୀର ଶିଳ୍ପକୁ ପ୍ରୋତ୍ସାହିତ କରିବାପାଇଁ ପ୍ରତିଷ୍ଠା କରିଥିଲେ ଉତ୍କଳ ଟ୍ୟାନେରୀ ଓ ଉତ୍କଳ ଆର୍ଟ ୱାର୍କସ । ଲାଭ ପ୍ରତି ଆସକ୍ତ ନହୋଇ ଉତ୍କୃଷ୍ଟ ଚମଡ଼ା ରପ୍ତାନୀ ସହିତ କଟକର ତାରକସି କାମକୁ ଭାରତ ତଥା ବିଦେଶର ପ୍ରତିଷ୍ଠିତ କରାଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ । ନିମ୍ନମାନର ଉତ୍ପାଦକୁ ନଷ୍ଟକରି ସେ ପ୍ରଭୁତ କ୍ଷତି ସହିଥିଲେ ।

ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ବାରିଷ୍ଟର, ପ୍ରଥମ ଓଡ଼ିଆ ସ୍ନାତକ ତଥା ସ୍ନାତକୋନ୍ତର ପଦବୀଧାରୀ, ପ୍ରଥମ ଓଡ଼ିଆ ବିଲାତଯାତ୍ରୀ, ପ୍ରଥମ ଆଇନ ବିଭାଗର ସ୍ନାତକ, ପ୍ରଥମ ବିହାର ଓଡ଼ିଶା ବିଧାନସଭା ସଦସ୍ୟ, ପ୍ରଥମ ମନ୍ତ୍ରୀ, ଭାଇସରାୟଙ୍କ ପରିଷଦର ପ୍ରଥମ ଓଡ଼ିଆ ସଦସ୍ୟ ଇତ୍ୟାଦି । ସଂକୀର୍ଣ୍ଣତାରୁ ବିଶାଳତାକୁ, ସ୍ୱାର୍ଥରୁ ପରାର୍ଥକୁ ଥିଲା ତାଙ୍କର ଯାତ୍ରା । ବ୍ୟକ୍ତି ଜୀବନକୁ ଜାତୀୟ ଜୀବନରେ ସାମିଲ କରିବାର ସମସ୍ତ କଳାକୌଶଳ ସେ ଆଚରଣରେ ପ୍ରଦର୍ଶନ କରି ଅନ୍ୟମାନଙ୍କୁ କରାଉଥିଲେ ଅନୁପ୍ରେରିତ । ସେହି ଶତାବ୍ଦୀର ମହାନାୟକ, ମାତୃଭୂମି ଓ ମାତୃଭାଷାର ଉପାସକ, ଓଡ଼ିଆ ସ୍ୱାଭିମାନର ପ୍ରତୀକ, କାଳଜୟୀ ପ୍ରଜ୍ଞାପୁରୁଷ, ଓଡ଼ିଆ ଜାତିର ମୁକୁଟ ବିହୀନ ସମ୍ରାଟ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ଜନ୍ମ ଜୟନ୍ତୀ ଅବସରରେ ତାଙ୍କ ପାଦତଳେ ଏ ଲେଖକର ଶତକୋଟି ପ୍ରଣାମ ।

**ସମ୍ପାଦକ**
**ବୈକୁଣ୍ଠନାଥ ସ୍ମୃତି ସଂସଦ,**
**ଜପକୁଦ, ସାଲେପୁର, କଟକ**
ମୋ-୯୮୬୧୪୭୦୧୯୮

# କବିତା

## ତାତି

### ଧ୍ରୁବ ଚରଣ ଘିବେଲା

ଉଇଁଲେ ଜଳୁଛି ସୂର୍ଯ୍ୟ
ଦିନବେଳେ
ଅହରହ ଡହଡହ
ନିଜେ ଜଳୁଛି
ଆନକୁ ଜଡ଼ ଜୀବନ
ସଭିଙ୍କୁ ଜଳାଉଛି
ସୂର୍ଯ୍ୟ ତ ଏମିତି ରହେ
ତା' ଜଳିବା ଧର୍ମରେ
ଏବେ ନିଦାଘ ଗ୍ରୀଷ୍ମରେ ରହିଛି
ଆନକୁ ଯେମିତି
ଜଳାଇବା ଧର୍ମରେ ।
ଏବେ ଭୟଙ୍କର ଭୟ
ସଭିଙ୍କର ସୂର୍ଯ୍ୟର ତାତିକୁ
ପାରଦର ପାରା ବି ବଢୁଛି
ଅଂଶୁଘାତର ଭୟ ବି ଘାରୁଛି
ଅସମ୍ଭାଳ ତାତିରେ
ସଭିଏଁ ଜଡ଼ସଡ଼
ସଭିଏଁ ଲଡ଼ବଡ଼
ପାଟିରୁ ଆପେ
ଉକୁଟି ଆସୁଛି
ଓଃ, କି ତାତି !
ଶୀତ ବାଘ କଥା
ଆମେ ପଢ଼ିଛେ ଜାଣିଛେ
ମାଳ ଅଞ୍ଚଳରେ କୁଆଡ଼େ
ମଣିଷ ବାଘ ପାଲଟେ
ମଣିଷ ବାଘ ପାଲଟିବା ଶୁଣାକଥା
ଏବେ ଅନୁଭବର କଥା
ଖରା ପୁଣି ପାଲଟୁଛି ବାଘ
ଛକି ରହୁଛି ବାଟେ ଘାଟେ
କେବେ କେବେ ଅବାଟେ ।
ତାତିର ଅଦୃଶ୍ୟ ରୂପରେ ବି ଛକି ରହୁଛି
ଘର ବାହାରେ,ଭିତରେ ବି
ଝାମ୍ପି ପଡୁଛି ସମସ୍ତଙ୍କ ଉପରକୁ
ସମୟ ସୁବିଧା ବେଳ କାଳ ଦେଖି
ଏକଦମ ଝୁଣି ପକାଉଛି
ଖିନଭିନ କରି ପକାଉଛି
ଦେହରୁ ନିଗିଡ଼ି ପଡୁଛି ରକ୍ତ
ଥପଥପ ଝର ଝର
ଝାଳ ଆକାରେ
ରୁଧିର ଧାର !

**ବଉଦରାଜ, ଜି. ବୌଦ୍ଧ**
**ମୋ-୯୪୩୭୪୭୮୪୬୬**

## ନମ୍ରତା...

### ରାମଚନ୍ଦ୍ର ବେହେରା

ନମ୍ରତା ଅଟଇ ଦିବ୍ୟ ଆଭୂଷଣ
ଜୀବନକୁ କରେ ଧନ୍ୟ
ହୁଏନା ସେ କେବେ ତିଳେ କଳଙ୍କିତ
ଚମକଇ ସ୍ୱର୍ଣ୍ଣ ସମ
ନୁହେଁ ସିଏ ଦୁର୍ବଳତା
ଯା' ପାଶେ ନଥାଏ ଏ ମହତ ଗୁଣ
କୁହେ ବଡ ବଡ କଥା
ନମ୍ରତା ଭରଇ କୋମଳ ଭାବନା
ହୃଦୟର କୋଣେ କୋଣେ
ଶୃଙ୍ଖଳିତ କରେ ମାନବ ସ୍ୱଭାବ
ଖୁସି ଭରେ ପ୍ରାଣେ ପ୍ରାଣେ
ନମ୍ରତା ବଢ଼ାଏ ମାନ
ଭାବ ବିନିମୟେ ହୃଦୟେ ଆମରି
ଭରିଦିଏ ଦିବ୍ୟ ଜ୍ଞାନ
ନମ୍ରତା ପରଶେ ସଂଯମ ଆସଇ
ସ୍ନେହ ପ୍ରେମ ଭାବ ନେଇ
ହିଂସା ରାଗ ଦୋଷ ଦୂର ଲୁଚିଯାଏ
ସୁଖ ଶାନ୍ତି ଆସେ ବହି
ନୀରବତା ଶ୍ରେଷ୍ଠ ଗୁଣ
ସଂସ୍କାର ସଂସ୍କୃତି ଚେତନା ପରଶେ
ନମ୍ରତା ନିଏ ଜନମ
ନମ୍ରତାକୁ ଯିଏ ହୃଦେ ଆପଣାଏ
ମିଳିଥାଏ ସ୍ୱର୍ଗ ସୁଖ
ଜୀବନର ପଥ କୁସୁମିତ ହୁଏ
ଲୀନ ହୁଏ ସାରା ଦୁଃଖ
ସଦା ଉଚ୍ଚାସନ ପାଏ
ନମ୍ରତା ଗୁଣକୁ ଯେ ଆଦରେ ପ୍ରାଣେ
ଅମରତ୍ୱ ଲଭିଥାଏ ।

**ତେନ୍ତୁଳିପଦା, ଜଗତସିଂହପୁର**
**ମୋ-୭୩୫୫୬୩୪୩୪୬**

## ଯଶସ୍ୱୀ ମଧୁସୂଦନ

### ନଳିନୀ ଦାଶ

ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ
ଯଶସ୍ୱୀ ମଧୁସୂଦନ
ପିତା ରଘୁନାଥ ମାତା ପାର୍ବତୀଙ୍କ
କୋଳ କରିଲ ମଣ୍ଡନ ।
କଟକଜିଲ୍ଲାର ସତ୍ୟଭାମାପୁରେ
ଜନମି ରଖିଲ ନାମ
ଉତ୍କଳ ଆକାଶେ ଝଟକି ଉଠିଲ
ତୁମେ ଧ୍ରୁବତାରା ସମ ।
ଓଡ଼ିଆମାନଙ୍କ ଟେକ ରଖିଥିଲ
କରି ଭାଷା ଆନ୍ଦୋଳନ
ଗରିବଙ୍କ ଦୁଃଖ ଦେଖି ନସହିଲ
ତୁମେହେ ମଧୁସୂଦନ ।
ପାଉଣା ପାଇବା ଲୋଭ ନରଖିଲ
ମାଗଣାରେ କାମ କରି
ଶ୍ରମିକ ମାନଙ୍କୁ ସାହାଯ୍ୟ କରିଲ
ଓକିଲାତି ବୃତ୍ତି ଧରି ।
ଧନ୍ୟ ତୁମ ପିତା ଧନ୍ୟ ତୁମ ମାତା
ଧନ୍ୟ ଏ ପୁଣ୍ୟ ଉତ୍କଳ
ଧନ୍ୟ ମଧୁବାବୁ ଉତ୍କଳଗୌରବ
ନାମକୁ ତୁମେ ବହିଲ ।
ବିଶ୍ୱ ଦରବାରେ ପରିଚିତ ହେଲ
ତାରକସି ଶିଳ୍ପ କରି
କୁଷ୍ଠାଶ୍ରମ କରି ଜନସେବା କଲ
ମନରେ ଆନନ୍ଦ ଭରି ।
ପ୍ରଥମ କଂଗ୍ରେସ ସଭ୍ୟ ମନ୍ତ୍ରୀ ହେଲ
ନୈଶ୍ୟ ବିଦ୍ୟାଳୟ ଖୋଲି
ମନ୍ତ୍ରୀପଦ ନିଜେ ଛାଡ଼ି ଜନସେବା
କରିବ ଆସିଲ ଚାଲି ।
ଉତ୍କଳ ଟ୍ୟାନେରୀ କାରଖାନା ଦେଶ
ବିଦେଶ ବଢ଼ିଲା ଟେକ
ଉତ୍କଳ ସନ୍ତାନ ଜାତି ଇତିହାସ
ଲେଖିଲ ଦେଶାତ୍ମବୋଧକ ।
ମହାବିଦ୍ୟାଳୟ ସ୍ୱତନ୍ତ୍ରପ୍ରଦେଶ
ଗଢ଼ିବ ଦେଖି ସପନ
ସନ୍ତାନର ଉକ୍ତି ଲେଖି ଓଡ଼ିଆଙ୍କ
ରଖିଲ ତୁମେ ସମ୍ମାନ ।
ନିଜ ଜୀବନକୁ ଉତ୍ସର୍ଗ କରିଲ
ଆମ ଓଡ଼ିଆମାନଙ୍କୁ
ମଧୁ ବାରିଷ୍ଟର ନାମେ ଖ୍ୟାତି ହେଲ
ତୁମେ ହେ ଯୁଗ ଯୁଗକୁ ।
ସୁଗୃହେ ରହିଛି ତୁମସ୍ମୃତି ଶିରୀ
ମଧୁସ୍ମୃତି କୋଠରୀ
ଜାତିବନ୍ଦନକୁ ଶିଖାଇଥିଲଟି
ମଧୁବାବୁ ଦେଶ ଶିରୀ ।

**ଭିକାରିପଡା, ଶରଣକୁଳ, ନୟାଗଡ**
ମୋ-୯୨୩୮୯୯୬୬୪୯

## ତୁମ ଖୁସି ପାଇଁ...

### ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ପୃଷ୍ଟି

ପ୍ରେମର ସମ୍ପତ୍ତି ରଖିଛି ସାଉଁଟି
ପଣତରେ ମୋର ପରା
କଣ୍ଟା ହେଉ ଅବା ନିଆଁରେ ଚାଲିଲେ
ପଥ ମୋର ଫୁଲଝରା ।
ନାନା ବାୟା ଗୀତ ନିତି ଶୁଣାଉଛି
ଟିକେ ତୁମ ଖୁସି ପାଇଁ
ଗାଳିଦିଅ ଅବା ଜାଳି ଦେଇପାର
ଶୋଚନା ମୋ ତିଳେ ନାହିଁ ।
ଅଦିନ ବଣିକ ଆସିଛି ମୁଁ ଏଠି
ଖୁସି ବାଣ୍ଟି ଦେଇଯିବି
ବଦଳରେ ମିଳୁ ବିଷ କି ପୀୟୂଷ
ହସି ହସି ପିଇଦେବି ।
ମନ ମୋ ମୁକୁତା ସରୁ ସୂତେ ଗୁନ୍ଥା
ଛିଡ଼ିବାର ଭୟ ଥାଏ
ତଥାପି ଟୁକୁଡା ନୁହେଁ ମୂଲ୍ୟହୀନ
ତୁମ ସ୍ମୃତି ମଖା ସିଏ ।
ସପନର ମୋତି ମାଣିକରେ ଗୁନ୍ଥା
ସୁନ୍ଦର ମାଳା ଟେ ଇଏ
ସେଥିପାଇଁ ପରା ଲହୁ ଲୁହ ପିଆ
ଜୀବନ ମୁଁ ଭଲପାଏ ।

**ଦଶରଥପୁର, ଯାଜପୁର,**
**ମୋ- ୭୩୭୭୩୧୮୭୮୯**



# ଦଣ୍ଡଯାତ୍ରାରେ ସାମାଜିକ ରୂପକଳ୍ପ-୨

## ଡ.ଇଂ.ସଞ୍ଜୟ କୁମାର ପଣ୍ଡା

ଓଡ଼ିଶା ମୁଖ୍ୟତଃ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏ ଅଞ୍ଚଳରେ ପର୍ବପର୍ବାଣୀ, ଯାନିଯାତ୍ରାରେ କୃଷିଭିତ୍ତିକ ଦେବାଦେବୀ ଓ ପୂଜାର୍ଚ୍ଚନା ପରିଲକ୍ଷିତ ହୋଇଥାଏ । ଲୋକଦେବତା ରୂପେ ଶିବଙ୍କୁ ମଧ କୃଷିକାରୀ ରୂପେ ବିବେଚନା କରାଯାଇ ପୂଜା ହୁଏ । ଓଡ଼ିଶାର ଗଡଜାତ ଅଞ୍ଚଳରେ ବ୍ରାହ୍ମଣେତର ସମ୍ପ୍ରଦାୟରେ ଏହି ଯାତ୍ରା ବିଶେଷ ଭାବେ ଆଦୃତ । ପୌରାଣିକ କିମ୍ବଦନ୍ତୀ ଅନୁସାରେ ଋଷିପୁତ୍ରମାନେ (୧୩ଜଣ) ଅଭିଶାପରୁ ମୁକ୍ତି ନିମନ୍ତେ ପୃଥିବୀପୃଷ୍ଠରେ ଜନ୍ମ ଗ୍ରହଣ କରି ଶିବ ପୂଜା ଗ୍ରାମ ଗ୍ରାମ ବୁଲି ଖୋଲାପ୍ରାଙ୍ଗଣରେ ମୁକ୍ତ ଆକାଶରେ ଅଗ୍ନି ବର୍ଷା ଖରାରେ କରିଥାନ୍ତି ।

ଓଡିଶାରେ ଅଷ୍ଟ୍ରିକ ବା ନିଷାଦ ସଂସ୍କୃତିର ପ୍ରଭାବ ଥିବାରୁ ଦଣ୍ଡନାଟକୁ ଆଦିବାସୀ ନାଟକର ମାନ୍ୟତା ମିଳେ । ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରାହ୍ମଣ୍ୟବାଦର ବିକାଶ ପରେ ଶୈବ ସଂସ୍କୃତିର ପ୍ରଭାବ ଦେଖିବାକୁ ମିଳିଛି । ଷୋହଳ ସୁଆଙ୍ଗରେ ଶିବ ପାର୍ବତୀ, ରାଧାକୃଷ୍ଣ ଉପାଖ୍ୟାନର ଉପସ୍ଥିତି ଏହା ସୂଚୀତ କରେ ଓ ଆର୍ଯ୍ୟ ସଂସ୍କୃତିର ଶାସ୍ତ୍ରୀୟ ମିଶ୍ରଣ ମଧ ଅନୁଭୂତ ହୁଏ । ଦଣ୍ଡନୃତ୍ୟରେ ଶିବଙ୍କୁ ଦଣ୍ଡ ରୂପରେ ଓ ପରଭାକୁ ଦକ୍ଷିଣକାଳୀ ରୂପେ ବିବେଚନା କରି ପୂଜାର୍ଚ୍ଚନା କରାଯାଉଥିବାରୁ 'ଶିବ ଶଙ୍କର ହେ' 'ଚନ୍ଦ୍ରଚୂଡ ବାବାଙ୍କୁ ଭଜେ' 'ଦକ୍ଷିଣକାଳିଙ୍କୁ ଭଜ ହେ' ଆଦି ମନ୍ତ୍ର ଉଚ୍ଚାରଣ ହେଉଥିବାରୁ ଶୈବ ଓ ଶାକ୍ତ ସଂସ୍କୃତିର ସମ୍ମିଳନ ଏଠାରେ ଦୃଶ୍ୟମାନ ।

ସେହିପରି ଦଣ୍ଡନୃତ୍ୟରେ ପ୍ରଦର୍ଶିତ ହେଉଥିବା ବୀଣାକାରିଆ ଓ ବୀଣା କାରିଆଣୀ, ଚଢ଼େୟା ଓ ଚଢ଼େୟାଣୀ, କନ୍ଧ ଓ କନ୍ଧୁଣୀ, (ଶବର ଓ ଶବରୁଣୀ), କେଳା ଓ କେଳୁଣୀ, ହାଡି ଓ ହାଡିଆଣୀ, ଧୋବା ଧୋବୁଣୀ ଆଦିର ପ୍ରଦର୍ଶନ ସାମାଜିକ ବିଧିବ୍ୟବସ୍ଥାରେ ସ୍ତ୍ରୀ ବିନା ସ୍ୱାମୀର ଭୂମିକା ନଗଣ୍ୟ ବାର୍ତ୍ତା ପ୍ରଦାନ କରିଥାଏ । ଯେକୌଣସି ଧର୍ମୀୟ କାର୍ଯ୍ୟରେ ଏକପାଖି ସ୍ତ୍ରୀ/ସ୍ୱାମୀ ବିହୀନ ପୂଜା ଫଳପ୍ରସୂ ହୋଇ ନ ଥାଏ । ପୁନଶ୍ଚ ଖ୍ରୀଷ୍ଟପୂର୍ବ ସମୟରୁ ଏବଂ ଆର୍ଯ୍ୟୋତ୍ତର ସମାଜରେ ମଧ ସ୍ତ୍ରୀ ପ୍ରଧାନ ସମାଜ ଥିଲା । ଏହା ନିଃସନ୍ଦେହ । ଏଣୁ ସପ୍ତଶତୀ ପାଠରେ ମଧ ଶିବ ପାର୍ବତୀଙ୍କ ପାଣିଗ୍ରହଣ କରି ବିବାହ କରିବାରୁ ମଙ୍ଗଳମୟ ଦେବତା ଭାବେ ପୂଜ୍ୟ ହେବା ବର୍ଣ୍ଣିତ । ଅତଏବ ଦଣ୍ଡନାଟ ସଭ୍ୟତାର ପ୍ରତ୍ୟେକ ଦିଗକୁ ପରିସ୍ଫୁଟନ କରିବାରେ ସମର୍ଥ । ସ୍ତ୍ରୀ ଙ୍କୁ ଏ ସମାଜରେ ଉତ୍କୃଷ୍ଟ ମର୍ଯ୍ୟାଦା ପ୍ରଦାନ କରାଯାଇଥିବାରୁ ଦଣ୍ଡ ବିଧାନରୁ ମୁକ୍ତି କରାଯାଇଛି । ଦଣ୍ଡନୃତ୍ୟରେ ସ୍ତ୍ରୀ ଚରିତ୍ରରେ ପୁରୁଷଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଅତଏବ ଶିବଙ୍କ ଆତ୍ମାରେ ପାର୍ବତୀ ଓ ପାର୍ବତୀଙ୍କ ଆତ୍ମାରେ ଶିବ, ଅର୍ଥାତ୍ ପୁରୁଷ ଓ ସ୍ତ୍ରୀ ସାମାଜିକ ରୂପକଳ୍ପରେ ଏକ ଓ ଅଭିନ୍ନ ଏହି ଦିବ୍ୟ ବାର୍ତ୍ତା ପ୍ରସାରିତ ହୁଏ । ହିନ୍ଦୁ ଧର୍ମରେ ଅଣାକାର ପୁରୁଷୋତ୍ତମ ଲିଙ୍ଗଭେଦରୁ ଯଥେଷ୍ଟ ଉର୍ଦ୍ଧ୍ୱରେ, ଏହା ପ୍ରତିପାଦିତ ।

ଦଣ୍ଡଯାତ୍ରାରେ ମୁଖ୍ୟବାଦ୍ୟ ହେଉଛି ଢୋଲ । ଏହାକୁ 'ପାଟଢୋଲ' ମଧ କୁହାଯାଏ ଓ ଏହାର ବିନମ୍ର ପୂଜା ମଧ କରାଯାଏ । ଅତଏବ ଦଣ୍ଡନାଟ୍ୟରେ ସଂସ୍କୃତିର ପ୍ରତ୍ୟେକ ଉପାଦାନ ଯେ ଉପାସ୍ୟ, ଏହି ମହନୀୟତାର ନିଦର୍ଶନ ସ୍ପଷ୍ଟ । ମୁଖ୍ୟତଃ ଷୋହଳଟି ସୁଆଙ୍ଗ ପାଇଁ ଷୋହଳ ପ୍ରକାର ବାଦ୍ୟ ତାଳ ବ୍ୟବହାର କରାଯାଏ । ଏହି ତାଳ ମୁଖ୍ୟତଃ ବୀର ତାଳରେ ବାଦନ ଓ ଏଥିରେ ଅସ୍ତ୍ର ଚାଳନା କରାଯାଉଥିବାରୁ, ଓଡିଆ ଜାତିର ବୀରତ୍ୱ ଓ ନିର୍ଭୀକ ମନୋବୃତ୍ତି ସ୍ପଷ୍ଟ ଅନୁମେୟ ।

ଦଣ୍ଡ ବରଣ ସମୟରେ ଓଡ଼ିଆଣୀ ନିଜର ଗୃହ ସମ୍ମୁଖରେ ଗୋବର ପ୍ରଲେପ କରି ଜଳ ଅର୍ପଣ କରିଥାଏ । ଗୁଆ, ଚାଉଳ ଓ ପୂର୍ଣ୍ଣ କୁମ୍ଭରେ ଶିବ, ପାର୍ବତୀଙ୍କୁ ବରଣ କରିବା ବିଧି ଓଡିଆ ସାମାଜିକ ସଂସ୍କୃତିର ଏକ ଉତ୍କୃଷ୍ଟ ନିଦର୍ଶନ । ମାତା ପାର୍ବତୀଙ୍କୁ ଅର୍ଦ୍ଧ ଗୋଲାକାର କଳାବର୍ଣ୍ଣ ଆବରଣରେ ସଜ୍ଜିତ କରାଯାଇଥିବା ବେଳେ ଶିବଙ୍କୁ ଏକ ଦଣ୍ଡରେ ଏକ କୁମ୍ଭ ପାତ୍ର ଉପରେ ମସ୍ତକରେ ମୁକୁଟ ବାନ୍ଧି କରି ଅରଖ, ଟଗର, ମଲ୍ଲୀ ଆଦି ପୁଷ୍ପରେ ସଜ୍ଜିତ କରାଯାଇଥାଏ । ମାଳି ବା ପାଟଭୁକ୍ତା ଠାକୁରଙ୍କୁ ପିଢା ଉପରେ ଏକ ଛତ୍ର ତଳେ ସ୍ଥାପିତ କରି ପୂଜା କରୁଥିବାବେଳେ ଅନ୍ୟ ଦଣ୍ଡୁଆମାନେ ଆଲଟଚାମର କରନ୍ତି । ଭକ୍ତର ଭକ୍ତି ଓ ସେବା ମନୋଭାବ ଦଣ୍ଡନାଟରେ ଷୋହଳ ଦଣ୍ଡ ଆଲୋଚନା ଯୋଗ୍ୟ । ନିଜର ପାପବିନାଶ, ଶାପମୁକ୍ତି ଓ ଭଗବାନ ପ୍ରାପ୍ତି ଉଦ୍ଦେଶ୍ୟରେ ଆପଣେଇ ନେଉଥିବା ଷୋହଳ ଦଣ୍ଡ ଯେ କେତେ କଠିନ ତାହା ବିଚାର୍ଯ୍ୟ । ଓଡିଆ ସଂସ୍କୃତିର ଜଗନ୍ନାଥ ମନ୍ଦିରରେ ବେତବାଡି ଖାଇ ଦକ୍ଷିଣା ଦେବା ପରମ୍ପରା ଯେମିତି ନିଆରା, ଦଣ୍ଡନୃତ୍ୟରେ ବିଭିନ୍ନ ଦଣ୍ଡ ଖାଇ ନିଜକୁ ସଂସ୍କାରିତ କରିବା ଓ ନିଜ ପରିବାର ଓ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଜଗତର ସୁମନାସ କରିବା ସେତେ ହୃଦୟସ୍ପର୍ଶୀ । ପୀଡାକୁ ପର୍ବ ହିସାବରେ ପାଳନ କରିବା ପରାକାଷ୍ଠା ଓଡିଆ ଜାତିର ଅସ୍ଥିମଜ୍ଜାଗତ । ଘାଟ ପୂଜା ପରେ ଲିଆ, ଗୁଡ ଭୋଜନ କରିବା ପରେ ଧୂଳିଦଣ୍ଡ ଆରମ୍ଭ ହୁଏ । ମଧ୍ୟାହ୍ନ ସମୟରେ ଦଣ୍ଡୁଆମାନେ ମାଙ୍କଡଚିତ୍ (ସଜନ୍) ମାରି ଉତ୍ତପ୍ତ ଭୂମିରେ ପେଟେଇ ଶୋଇ ରହନ୍ତି । ଏହା ପରେ ପାଟଭୁକ୍ତା ଏହି ଦଣ୍ଡୁଆକୁ ବାସୁକି ଦର୍ଶନ କଲ କି? ବୋଲି ପଚାରନ୍ତେ ହଁ ଶୁଣିଲେ 'ବାସୁକି ଦର୍ଶନ' ପର୍ବ ସରିଥାଏ । ଏହାପରେ ଦଣ୍ଡୁଆମାନେ ଚିତ୍‌ହୋଇ ଉର୍ଦ୍ଧ୍ୱମୁଖ ଶୋଇ ସୂର୍ଯ୍ୟଦର୍ଶନ ବା କଇଁଛ ଦର୍ଶନ କରିଥାନ୍ତି । ଏହି ପ୍ରକ୍ରିୟାରେ ବାସୁକି ଓ ସୂର୍ଯ୍ୟପୂଜା ହିନ୍ଦୁଶାସ୍ତ୍ର ମତକୁ ସମର୍ଥନ କରୁଛି । ଏ ହବିଷ ଅନ୍ନ ସାଧାରଣତଃ ପାଣିଦଣ୍ଡରେ ୧୩ ଥର ବୁଡ ପକାଇଲା ପରେ ପୂଜା ସାରି ରାତ୍ରିରେ ଗ୍ରହଣ କରାଯାଏ । ଶ୍ୱାନରଡି ପ୍ରବେଶ, ଅନ୍ୟ ପଶୁପକ୍ଷୀର ରାବ ଓ ଅତିକ୍ରମଣ, ଖାଦ୍ୟରେ ବାଳ ଆଦି ପଡିଥିଲେ ଖାଦ୍ୟ ଗ୍ରହଣ କରାଯାଇ ନ ଥାଏ । ଏହି ସମୟରେ ବାଦ୍ୟ ବାଜିଲେ ହିଁ ଖାଦ୍ୟ ଗ୍ରହଣ କରାଯାଏ । ଓଡିଆ ଧର୍ମରେ ସାତ୍ତ୍ୱିକ ଭୋଜନର ଅନନ୍ୟ ପରମ୍ପରା ସ୍ପଷ୍ଟ ଅନୁମିତ ।

ଦଣ୍ଡ ଆରମ୍ଭରେ ଦଣ୍ଡୁଆମାନେ ଷଣ୍ଢ (ବୃଷଭ) ରୂପେ ଅଭିନୟ କରି ଶିବ ପୂଜା କରାଯାଏ । ଏହାପରେ କ୍ରମଶଃ କୃଷିକର୍ମ ଯଥା - ହଳ ଲଙ୍ଗଳ, ଶସ୍ୟରୋପଣ , ଧାନକଟା, ଅମଳ, ଗୁଚ୍ଛାଟଣା ଆଦି ଅଭିନୟ ହୁଏ । କୃଷିଭିତ୍ତିକ ଓଡିଆ ସାମାଜିକ ଚଳଣିର ନିଚ୍ଛକ ଚିତ୍ର ଉପସ୍ଥିତ ଦର୍ଶକମାନଙ୍କୁ ଯଥେଷ୍ଟ ପ୍ରେରଣା ପ୍ରଦାନ କରିଥାଏ । ଧାନ ଏକ ପ୍ରମୁଖ ଅମଳକ୍ଷମ ଫସଲ ଓ ଗ୍ରୀଷ୍ମ ପ୍ରଧାନ ଓଡିଶାର ପଣାପାଣି ଜୀବନ ଧାରଣର ଏକମାତ୍ର ମାର୍ଗ, ଏହା ସ୍ୱତଃ ସ୍ଫୁଟିତ ।

ଦଣ୍ଡ ନାଟ୍ୟରେ ରାଧାକୃଷ୍ଣ ଉପାଖ୍ୟାନ, ବାଣ୍ଡିବୁତଲ ରୂପି ଫାର୍ସର ପ୍ରବେଶ ତତ୍‌କାଳୀନ ବୈଷ୍ଣବ ସଂସ୍କୃତିର ପ୍ରଭାବକୁ ସୂଚୀତ କରେ । ପୁନଶ୍ଚ ଫକୀର ଓ ଫକୀରୁଣୀ ସୁଆଙ୍ଗରେ ମୋଗଲ ସଂସ୍କୃତିର ପ୍ରଭାବକୁ ଅସ୍ୱୀକାର କରାଯାଇ ନ ପାରେ । ଦଣ୍ଡଯାତ୍ରାରେ ବାଇଧନ, ବୀଣାକାର ବିଭିନ୍ନ ପୌରାଣିକ ତଥ୍ୟ ଉପସ୍ଥାପନା କରୁଥିବାରୁ ଏହିଯାତ୍ରା ଲୋକ ଓ ବୈଦିକ ସଂସ୍କୃତିର ଅପୂର୍ବ ମିଳନ କହିଲେ ଅତ୍ୟୁକ୍ତି ହେବନାହିଁ ।

ବାଇଧନ ବା ଭାଇଧନ ଷୋହଳ ସୁଆଙ୍ଗରୁ ଅନ୍ୟତମ । ଏହି ସୁଆଙ୍ଗ ପଛରେ ଥିବା କିମ୍ବଦନ୍ତୀକୁ ଆଧାର କଲେ ଭାତୃପ୍ରେମର ନିଚ୍ଛକ ଅନୁଭୂତି ଏଥିରେ ସ୍ପଷ୍ଟ ଉପଲବ୍ଧ । ବୀଣାକାରର ବେଶ ଓ ବୀଣାରେ ଥିବା ତେରଟି ପାଉଁଝି (ଘଣ୍ଟି) ତେର ସଂଖ୍ୟାର ମହନୀୟତା ଦର୍ଶାଉଛି । ବୀଣାକାରର ରାଜକୀୟ ଢଙ୍ଗ, ମସ୍ତକରେ ପକ୍ଷୀଚୂଳ ଆଦି ଆଦିବାସୀ ରାଜାଙ୍କ ଭ୍ରମ ସୃଷ୍ଟି କରିଥାଏ । ସେହିପରି ମନୋରନ ଧର୍ମୀ ଦିଅର ଭାଉଜ, ବାଣ୍ଡିବୁତଲ, ଚଢ଼େୟା ଓ ଚଢ଼େୟାଣୀ ଦଣ୍ଡନୃତ୍ୟରେ ନୂତନ ଅହ୍ଲାଦ ସୃଷ୍ଟି କରେ । ଆଜିକାଲି ବ୍ରତଧାରୀ ଦଣ୍ଡୁଆଙ୍କ ବ୍ୟତୀତ ଭଡାଟିଆ ଅଭିନୟ ଗୋଷ୍ଠୀ ଦଣ୍ଡରେ ମିଶିଥିବାରୁ ଦଣ୍ଡନୃତ୍ୟର କଠିନ ପରମ୍ପରା ଲଘୁ ବିବେଚିତ ହୋଇଛି । ରସାତ୍ମକ ସାଂସାରିକ ସମ୍ପର୍କ ଦଣ୍ଡନୃତ୍ୟ ପରମ୍ପରାର ଅନନ୍ୟ ବିଭବ ଅଟେ ।

୯, ୧୩,୨୧ ଦିନ ଆଦି ଦଣ୍ଡଯାତ୍ରାର ଶେଷଦିନକୁ ମେରୁଯାତ୍ରା, ଝାମୁଯାତ୍ରା ବା ପଣାସଂକ୍ରାନ୍ତି ରୂପେ ପ୍ରସିଦ୍ଧ । ଏହିଦିନ ମେରୁରେ ଅର୍ଥାତ୍ ଏକ କାଷ୍ଠ ଦଣ୍ଡରେ ପାଟଦଣ୍ଡୁଆ ବା ପାଟଭୁକ୍ତାକୁ ଓଲଟାଇ ତେରଥର ଝୁଲାଉଥିବାରୁ ଏହା ମେରୁଦଣ୍ଡ ବା ମେରୁଯାତ୍ରା କୁହାଯାଏ । ଅଗ୍ନିକୁଣ୍ଡରେ ଚାଲି ଚାଲି ଯାଇ ବିନା କ୍ଷତରେ ଆସୁଥିବାରୁ ଏହାକୁ ଝାମୁଯାତ୍ରା କରାଯାଏ । ପଣା ଦାନ କରି ଶିବ ଓ ପାର୍ବତୀଙ୍କୁ ପ୍ରୀତ କରୁଥିବାରୁ ପଣାସଂକ୍ରାନ୍ତି କୁହାଯାଏ । ଏହି ପର୍ବରେ ଜଳ ଓ ଅଗ୍ନିର ଅପୂର୍ବ ସମ୍ମିଳନୀ ପ୍ରଣିଧାନଯୋଗ୍ୟ । ବିଭିନ୍ନ ପ୍ରକାର ଚର୍ମରୋଗରୁ ମୁକ୍ତି ନିମନ୍ତେ ଅଗ୍ନିଦଣ୍ଡ ଯଥେଷ୍ଟ ଉପକାରୀ । ସାମାଜିକ ଚଳଣି ଦଣ୍ଡନୃତ୍ୟରେ ପ୍ରତ୍ୟେକ ରୂପକଳ୍ପରେ ନିଚ୍ଛକ ଅବତରିତ ହେଉଥିବାରୁ ଦଣ୍ଡନୃତ୍ୟ ଯେ ଭକ୍ତି ଓ ମନୋରଞ୍ଜନ ଧର୍ମୀ ସାଂସ୍କୃତିକ ଯାତ୍ରା ଓ ଓଡ଼ିଆର ଏକ ସ୍ୱତନ୍ତ୍ର ପରିଚୟ, ଏହା ନିଶ୍ଚିତ ।

**ଶିକ୍ଷାବିତ, ପ୍ରାକ୍ତନ ଅର୍ଥକମିଟି**
**ସଦସ୍ୟ,ଓଡିଶା ସାହିତ୍ୟ ଏକାଡେମୀ, ବୌଦ୍ଧ**

ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟକମକ...

ଡିଗ୍ରୀ ରେକର୍ଡ କରାଯାଇଥିଲା । ୨୦୧୬ ଏପ୍ରିଲରେ ରାଜଧାନୀ ଖରା ସବୁ ରେକର୍ଡ ଭାଙ୍ଗିଥିଲା । ୨୦୧୬ ଏପ୍ରିଲ ୧୧ରେ ତାପମାତ୍ରା ୪୫.୮ ଡିଗ୍ରୀ ରହିଥିଲା । ସେହିପରି ଏପ୍ରିଲ ୨୮ରେ ତାପମାତ୍ରା ୪୫.୧ ଓ ୧୯୮୫ ଏପ୍ରିଲ ୨୩ରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଥିଲା । ବିଶ୍ୱର ପ୍ରଥମ ୧୫ ଉତ୍ତପ୍ତ ସହର ମଧ୍ୟରେ ଅନୁଗୁଳ ୪୪.୬ଡିଗ୍ରୀ ସହ ୧୧ତମ ସ୍ଥାନ ଓ ୪୪.୬ଡିଗ୍ରୀ ୧୩ତମ ସ୍ଥାନରେ ଭୁବନେଶ୍ୱର ରହିଛି । ଏହାସହ ୩୩ଟି ସହରରେ ତାପମାତ୍ରା ୪୦ଡ଼ିଗ୍ରୀ କିମ୍ବା ଅଧିକ ଥିବା ବେଳେ ସେଥିମଧ୍ୟରୁ ୧୪ସହରରେ ୪୩ଡ଼ିଗ୍ରୀ କିମ୍ବା ଅଧିକ ତାପମାତ୍ରା ରେକର୍ଡ ହୋଇଛି ।

ଏବେ ତାତିରୁ କୌଣସି ପ୍ରକାରର ତ୍ରାହି ମିଳିବ ନାହିଁ । ମେ' ପହିଲା ଯାଏ ପୂରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ । ଏଥିପାଇଁ ୧ ମେ' ଯାଏ ରାଜ୍ୟର ବିଭନ୍ନ ଜିଲ୍ଲାକୁ ହିଟୱେଭ୍ ଆଲର୍ଟ ଜାରି କରାଯାଇଛ । ୨୮ ତାରିଖରେ ମୟୂରଭଞ୍ଜ, ଯାଜପୁର, କେନ୍ଦୁଝର, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ସୁନ୍ଦରଗଡ଼, ଝାରସୁଗୁଡ଼ା, ଖୋର୍ଦ୍ଧା, କଟକ, ସମ୍ବଲପୁର ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାକୁ ମଧ୍ୟ ରେଡ୍ ଆଲର୍ଟ ଜାରି କରାଯାଇଛି ।

ଏବେ ଯେଉଁ ଖରା ହେଉଛି, ତାହା ହାର୍ଟ ରୋଗୀଙ୍କ ପାଇଁ ବେଶୀ ବିପଦ ସୃଷ୍ଟି କରିପାରେ । ସେହିପରି ମଧୁମେହ ରୋଗୀ ମଧ୍ୟ ସିଧାସଳଖ ପ୍ରଚଣ୍ଡ ଖରାରୁ ଦୂରେଇ ରହିବା ଦରକାର । ଦିନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କେହି ବି ଘରୁ ନବାହାରିବା ଭଲ । ସେହିପରି ମେ' ୩ରୁ ୯ ଯାଏ ପୂରା ରାଜ୍ୟରେ ଆହୁରି ଅଧିକ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ । ବିଗତ ୧୦ ଦିନ ହେବ ରାଜଧାନୀ ଭୁବନେଶ୍ୱର ତାପମାତ୍ରା ଲଗାତାର ୪୦ ଡିଗ୍ରୀ ଉପରେ ରହୁଛି । ୨୦୧୦ ପରେ ଏପରି ସ୍ଥିତି ଦେଖାଦେଇଛି ।

ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟର କିଛି କିଛି ସ୍ଥାନରେ ଦିନ ତାପମାତ୍ରା ଆହୁରି ୨ ଡିଗ୍ରୀ ଯାଏ ବୃଦ୍ଧି ପାଇପାରେ । ରାଜ୍ୟର କିଛି ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଓ ଆଉ କିଛି କିଛି ଜିଲ୍ଲାରେ ଭୀଷଣ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ । ବିଶେଷ କରି ଉତ୍ତର ଓ ପଶ୍ଚିମ-ଆଭ୍ୟନ୍ତର ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ସ୍ଥିତି ଅଧିକ ସାଂଘାତିକି କରିପାରେ ବୋଲି ଉମା ଶଙ୍କର ଦାଶ କହିଛନ୍ତି ।

## ବିଜେପିର...

ଗୀତାଞ୍ଜଳୀ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଥିଲେ । ସେ ନିକଟରେ ବିଜେପିରେ ଯୋଗ ଦେଇଥିଲେ । ଦଳ ତାଙ୍କ ଉପରେ ଭରସା କରିଛି । ସେହିଭଳି ତେଲକୋଇ ବିଧାନସଭା ଆସନରୁ ଡ.ଫକୀର ମୋହନ ନାୟକ ପ୍ରାର୍ଥୀ ହୋଇଥିଲାବେଳେ ଚମ୍ପୁଆରୁ ମୁରଲୀ ମନୋହର ଶର୍ମା, ବସ୍ତା ବିଧାନସଭା ଆସନରୁ ରବୀନ୍ଦ୍ର ଅଣ୍ଡିଆ, ବାସୁଦେବପୁରରୁ ବନିକଲ୍ୟାଣ ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି । ବିଜେପିର ଆଉ ୭ଟି ଆସନ ବାକି ରହିଛି । ବେଗୁନିଆ, ବରୀ, ବାରବାଟୀ-କଟକ, ଭଣ୍ଡାରୀପୋଖରୀ, ନୀଳଗିରି, ଭୋଗରାଇ, ଘସିପୁରା ଆସନ ଲାଗି ପ୍ରାର୍ଥୀ ଘୋଷଣା ବାକି ରହିଛି ।

## ଓଡ଼ିଶାରେ...

କରିଛନ୍ତି । ଆପଣଙ୍କ ଭାଷା, ସଂସ୍କୃତି, ପୂଜାସ୍ଥଳୀର ଉନ୍ନତି ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିଛନ୍ତି ।

ନୂଆପଡାରେ ବିକାଶର ହିସାବ ଦେଇ ସେ କହିଲେ ଯେ ନୂଆପଡା ପାଇଁ ୧୩୧ କୋଟି ଟଙ୍କାର କାମ ହେଉଛି । ନୂଆପଡାରେ ଯୋଗେଶ୍ୱର ମନ୍ଦିର ପାଇଁ ୪ କୋଟି, ସୁନାଦେଇ ମନ୍ଦିର ପାଇଁ ୨.୬୦ କୋଟି ଟଙ୍କା ମଞ୍ଜୁର ହୋଇଛି । କୋନାବିରା ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ପାଇଁ ୪୨ କୋଟି, ଆଉ ୫ଟି ମେଗା ଲିଫ୍ଟ ପାଇଁ ୧୩୨ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଘାଟିପଡାରୁ ସିନାପଲ୍ଲୀ ବିଜୁ ଏକସ୍ପ୍ରେସ୍ ୱେ ୨୦୮ କୋଟି ଟଙ୍କାରେ କରାଯାଇଛି । ୧୦ ହଜାର ପିଲାଙ୍କ ପାଇଁ ୯୩ଟି ଟ୍ରାଇବାଲ ହଷ୍ଟେଲ କରାଯାଇଛି । ନୂଆପଡାର ୩୧୦୦ ମିଶନ ଶକ୍ତି ଗ୍ରୁପକୁ ୧୩୦ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଜିଲ୍ଲାର ୮୪ ହଜାର ହିତାଧିକାରୀଙ୍କୁ ସାମିଲ କରାଯାଇଛି । ୧୨ କୋଟି ଟଙ୍କା ବିନିଯୋଗରେ ନୂଆପଡା ଓ ଖଡିଆଳ ଠାରେ ବହୁମୁଖୀ ଇଣ୍ଡୋର ହଲ୍ କରାଯାଇଛି । ଜିଲ୍ଲାର ୪୨,୫୦୦ କେନ୍ଦୁପତ୍ର ହିତାଧିକାରୀଙ୍କୁ ୬.୩ କୋଟି ଟଙ୍କାର ସହାୟତା ପ୍ରଦାନ କରାଯାଇଛି । ଏଥିସହିତ ଜିଲ୍ଲାରେ ୩୬ଟି ଆମ ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇଛି ବୋଲି ସେ କହିଥିଲେ ।

ଧର୍ମଗଡରେ ବିକାଶ କାମର ହିସାବ ଦେଇ ସେ କହିଲେ ଯେ ଧର୍ମଗଡ ନିର୍ବାଚନ ମଣ୍ଡଳୀ ପାଇଁ ୧୧୦ କୋଟି ଟଙ୍କାର କାମ ହେଉଛି । ମା ଭଣ୍ଡାରଘରଣୀ ମନ୍ଦିର ପାଇଁ ୧ କୋଟି ୧୦ ଲକ୍ଷ, ବୁଢାରାଜା ମନ୍ଦିର ପାଇଁ ୭୫ ଲକ୍ଷ, କରକ ଜଳପ୍ରପାତ ପାଇଁ ୧୫ ଲକ୍ଷ, କୋକସରା ବ୍ଲକ୍ରେ ମେଗା ପାଇପ ପାଣି ପ୍ରକଳ୍ପ ପାଇଁ ୧୫୦ କୋଟି ଓ କଲମପୁରରେ ମେଗା ପାଇପ ପାଣି ପ୍ରକଳ୍ପ ପାଇଁ ୫୩ କୋଟି, ଆପଣଙ୍କ ୩୨ଟି ପବିତ୍ର ପୀଠସ୍ଥଳୀର ଉନ୍ନତି ପାଇଁ ୧.୨୦ କୋଟି ଟଙ୍କା । ଧର୍ମଗଡର ୨୨୬୦ ମିଶନ ଶକ୍ତି ଗୋଷ୍ଠୀ ପାଇଁ ୫୮ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି । ଧର୍ମଗଡର ଇଗରଙ୍ଗରେ ୯୦,୫୦୦ ହିତାଧିକାରୀ ସାମିଲ ହୋଇଛନ୍ତି । ୬୩୫୦ ଜଣ ୩୦ କୋଟିରୁ ଅଧିକ ଟଙ୍କାର ସ୍ୱାସ୍ଥ୍ୟ ସୁବିଧା ପାଇଛନ୍ତି ।

ସେହିପରି ଜୁନାଗଡର ହିସାବ ଦେଇ ଶ୍ରୀ ପାଣ୍ଡିଆନ କହିଲେ ଯେ ଏଠାରେ ୨୨୫ କୋଟି ଟଙ୍କାର କାମ ଚାଲିଛି । ଗତ ବର୍ଷ ମଇ ମାସରେ ମୁଁ ଏଠାକୁ ଆସିଥିଲି । ଆପଣଙ୍କ ଦରଖାସ୍ତ ଉପରେ ବହୁତ କାମ ହୋଇଛି । ମା ଲଙ୍କେଶ୍ୱରୀ ମନ୍ଦିର ପାଇଁ ୨ କୋଟି ୫୦ ଲକ୍ଷ, ୧୦୯ଟି ମଠ ମନ୍ଦିର, ଚର୍ଚ୍ଚ, ମସଜିଦ, ଗୁରୁଦ୍ୱାର ଆଦି ପାଇଁ ୧୧.୫୦ କୋଟି, ଉପର ଇନ୍ଦ୍ରାବତୀ ଦକ୍ଷିଣପଟ ମେନ୍ କେନାଲ ପାଇଁ ୧୫୦ କୋଟି, ଜୁନାଗଡରେ ମେଗା ପାଇପ ପାଣି ପାଇଁ ୧୯୦ କୋଟି, ଗୋଲମୁଣ୍ଡାରେ ମେଗା ପାଇପ ପାଣି ପାଇଁ ୧୭୮ କୋଟି ଟଙ୍କାର କାମ ଚାଲିଛି । ଜୁନାଗଡର ୨୦୦୦ ମିଶନ ଶକ୍ତି ଗୋଷ୍ଠୀଙ୍କୁ ୪୮ କୋଟି ଟଙ୍କାର ବିନା ସୁଧରେ ଋଣ ଦିଆଯାଇଛି । ଏଠାରେ ୯୦ ହଜାର ହିତାଧିକାରୀ ବିଏସ୍‌କେୱାଇରେ ସାମିଲ ହୋଇଛନ୍ତି। ଚିଚେଇଗୁଡା ପଞ୍ଚାୟତର ମାଧବୀ ନାଏକ ନାମକ ଜଣେ ମହିଳାଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ସେହିପରି କୁହୁରା ପଞ୍ଚାୟତର ଦେବରାଜ ସାହୁଙ୍କୁ ସର୍ଜରୀ ପାଇଁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା ଦେଇଛନ୍ତି ବୋଲି ସେ କହିଥିଲେ । ଏହି ସବୁ ସଭାରେ କଳାହାଣ୍ଡି ସାଂସଦ ପ୍ରାର୍ଥୀ ଏବଂ ନୂଆପଡା ଜୁନାଗଡ଼ ଓ ଧର୍ମଗଡର ବିଧାୟକ ପ୍ରାର୍ଥୀ ମାନେ ମଧ୍ୟ ଉଦବୋଧନ ଦେଇଥିଲେ ।

## ତ୍ରିମୁଖୀ...

ଶେଷ ମୁହୂର୍ତ୍ତରେ ଟିକେଟ ପାଇବାରୁ ବଞ୍ଚିତ ହେବାପରେ ସ୍ୱାଧୀନ ଭାବେ ନାମାଙ୍କନ ଭରିଛନ୍ତି କେବଳ କୋରାପୁଟ ଜିଲ୍ଲାରେ ୧୪ ପ୍ରାର୍ଥୀ। ଏହି ସ୍ୱାଧୀନ ପ୍ରାର୍ଥୀଙ୍କ କିଭଳି ପ୍ରଭାବ ରହିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି। କୋରାପୁଟ, ଲକ୍ଷ୍ମୀପୁରରେ ବିଜେଡି ପ୍ରାର୍ଥୀ ରିପିଟ୍ କରିଛି। କୋରାପୁଟ ଆସନରୁ ରଘୁରାମ ପଡାଲ୍, ଲକ୍ଷ୍ମୀପୁର ଆସନରୁ ପ୍ରଭୁ ଜାନିଙ୍କୁ ଦଳ ଟିକେଟ ଦେଇଛିଛ କଂଗ୍ରେସ ମଧ୍ୟ ପୁଣିଥରେ କୃଷ୍ଣ କୁଲଦୀପକୁ ଟିକେଟ ଦେଇଛି । ୨୦୧୯ର ବିଜେପି ପ୍ରାର୍ଥୀ ତ୍ରିପୁରାରି ଗରଡ଼ା ବିଜେଡିକୁ ଘର ବାହୁଡ଼ା ହେବାପରେ ବିଜେପି ରଘୁରାମ ମାଛକୁ ପ୍ରାର୍ଥୀ କରିଛି । ତିନି ପ୍ରମୁଖ ଦଳକୁ ଛାଡ଼ିଲେ କୋରାପୁଟ ଆସନରୁ ସର୍ବାଧିକ ୬ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଯାହା ପ୍ରମୁଖ ଦଳର ନିର୍ବାଚନୀ ଅଙ୍କକୁ ଗୋଳିଆ କରିପାରେ। ଲକ୍ଷ୍ମୀପୁର ଆସନରେ କଂଗ୍ରେସ ନବାଗତ ପବିତ୍ର ସାଉଁନ୍ତା ଓ ବିଜେପି କୈଳାସ କୁଲେସିକାଙ୍କୁ ପ୍ରାର୍ଥୀ କରିଛି। ଏହି ଆସନରୁ ୨ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। କୋରାପୁଟ ଓ ଲକ୍ଷ୍ମୀପୁର ଆସନରେ ବିଜେପି ସହରୀ ଭୋଟ ସହ ମୋଦୀ ହାୱା ଉପରେ ଭରସା କରିଛି। ବିଜେଡି ଗାଁ ଭୋଟ ସହ ତୃଣମୂଳସ୍ତରରେ ବିକାଶକୁ ପ୍ରସଙ୍ଗ କରିଛି। କଂଗ୍ରେସ ପାରମ୍ପରିକ ଭୋଟ ବ୍ୟାଙ୍କ ସହ ନୂତନ ପ୍ରସଙ୍ଗକୁ ନେଇ ବିଜୟ ଲକ୍ଷ୍ୟରେ ରହିଛି।

ପଟାଙ୍ଗୀ ଆସନରେ କଂଗ୍ରେସ ପ୍ରାର୍ଥୀ ରିପିଟ୍ କରି ରାମଚନ୍ଦ୍ର କାଡାମଙ୍କୁ ଏବଂ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରି ପୂର୍ବତନ ବିଧାୟକ ପ୍ରଫୁଲ ପାଙ୍ଗୀଙ୍କୁ ଟିକେଟ ଦେଇଛି। ବିଜେପି ଚୈତନ୍ୟ ନନ୍ଦିବାଲିକୁ ଟିକେଟ ଦେଇଛି। ଏହି ଆସନରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ବିଜେଡି-କଂଗ୍ରେସ ମଧ୍ୟରେ ଫାଇଟ୍ ହୋଇ ଆସୁଥିଲା। ଚଳିତ ନିର୍ବାଚନରେ ବିଜେପି କିନ୍ତୁ ଟକ୍କର୍ ଦେବ। ପଟାଙ୍ଗି ଆସନରୁ ୩ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି। ଜୟପୁର ଆସନକୁ ଦଖଲ ପାଇଁ ବିଜେଡି ପ୍ରାର୍ଥୀ ପରିବର୍ତ୍ତନ କରି ମହିଳା କାର୍ଡ ଖେଳି ପୂର୍ବତନ ବିଧାୟକ ରବି ନାରାୟଣ ନନ୍ଦଙ୍କ ସ୍ତ୍ରୀ ଡ଼.ଇନ୍ଦିରା ନନ୍ଦଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସ, ବିଜେପି ଟିକେଟ୍ ରିପିଟ୍ କରିଛନ୍ତି। କଂଗ୍ରେସରୁ ତାରା ପ୍ରସାଦ ବାହିନୀପତି ଏବଂ ବିଜେପିରୁ ଗୌତମ ସାମନ୍ତରାୟ ନାମାଙ୍କନ ଭରିଛନ୍ତି। ତେବେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ନାତି ପ୍ରୀତିଶ୍ ପଟ୍ଟନାୟକଙ୍କ ସମେତ ଦୁଇ ଜଣ ସ୍ୱାଧୀନ ଭାବେ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ଆମ ଆଦମି ପାର୍ଟିରୁ ବୁଲୁ ଦେବଶର୍ମା ପ୍ରାର୍ଥୀ ହୋଇଥିବାରୁ ଜୟପୁର ରାଜନୀତି ଜଟିଳ ହେବା ଅନୁମାନ କରାଯାଉଛି। କୋଟପାଡ ଆସନରେ ତିନି ପ୍ରମୁଖ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛନ୍ତି। କଂଗ୍ରେସ ଅନାମ ଦିଆନ୍, ବିଜେପି ରୁପୁ ଭତ୍ରା ଓ ବିଜେଡି ଚନ୍ଦ୍ରଶେଖର ମାଝିଙ୍କୁ ପ୍ରାର୍ଥୀ କରିଛି। କଂଗ୍ରେସରୁ ଆସି ବିଜେଡି ଟିକେଟ ହାତେଇଥିବା ଚନ୍ଦ୍ରଶେଖର କଂଗ୍ରେସ ଭୋଟ ନିଜ ସପକ୍ଷରେ ଟାଣି ଜିତିବା ନେଇ ଆଶାବାଦୀ ଅଛନ୍ତି। କିନ୍ତୁ ଏଠାରୁ ମଧ୍ୟ ଜଣେ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ରାୟଗଡ଼ା ଜିଲ୍ଲାର ବିଷମକଟକ ବିଧାନସଭା ଆସନରେ ବିଜେଡ଼ି ପ୍ରାର୍ଥି ଜଗନ୍ନାତ ସାରକାଙ୍କୁ ବିଜେପି ପ୍ରାର୍ଥି ଜଗନ୍ନାଥ ନୁନ୍ଦୃକା କଟାମୁକାବିଲା କରୁଛନ୍ତି । ଏହି ବିଧାନସଭା କ୍ଷେତ୍ର ଅଧିକ ୪ ବ୍ଲକରେ ଭିନ୍ନ ଭିନ୍ନ ସ୍ଥିତି ରହିଛି ।

# ଆକଶ ଫାର୍ମାସୀ କଲେଜରେ ଜଳଛତ୍ର ଉଦ୍‌ଘାଟନ

କେନ୍ଦ୍ରାପଡ଼ା (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ନୂଆ ବସଷ୍ଟାଣ୍ଡ ଠାରେ ଥିବା ଆକଶ ଫାର୍ମାସୀ କଲେଜରେ ଜଳଛତ୍ର ଉଦ୍ଘାଟନ ହୋଇଯାଇଛି । ଅନୁଷ୍ଠାନର ଚେୟାରମ୍ୟାନ ଅକ୍ଷୟ କୁମାର ପତି, ସଭାପତି ସ୍ୱାଗତ କୁମାର ପତି, ଅଧ୍ୟକ୍ଷ ଡ଼ଃ ପ୍ରସନ୍ନ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ । ବସଷ୍ଟାଣ୍ଡରେ ଯାତାୟତ କରୁଥିବା ହଜାର ହଜାର ଯାତ୍ରୀ ମାନଙ୍କୁ ଦହି ପଣା ଲେମ୍ବୁପାଣି ଓ ଗ୍ଲୁକୋଚ ବଣ୍ଟନ କରିଥିଲେ । ଏହି ଅନୁଷ୍ଠାନ ପ୍ରତ୍ୟେକ ବର୍ଷ ଜନ ସାଧାରଣଙ୍କ ହିତପାଇଁ ଗରିବ ଓ ଅସହାୟଙ୍କୁ ସାହାଯ୍ୟ କରିବା ସହ ଅନେକ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବାରୁ ସ୍ଥାନୀୟ ଅଂଚଳରେ ବେଶ ପ୍ରଶଂସା କରାଯାଇଛି । କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

# ଲୁଣାନଦୀରେ ନବମ ଶ୍ରେଣୀ ଛାତ୍ରୀ ନିଖୋଜ : ଆଉଜଣେ ଉଦ୍ଧାର



ମହାକାଳପଡ଼ା (ସବ୍ୟୁ) : ଆଜି ମହାକାଳପଡ଼ା ଥାନା ଅଂଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି । ଯାହାକୁ ନେଇ ପରିବାର, ଗାଁ ଓ ସହପାଠିନୀଙ୍କ ମଧ୍ୟରେ ପୁରା ଶୋକର ଛାୟା ଖେଳିଯାଇଛି ।

ଘଟଣାରୁ ପ୍ରକାଶ ମହାକାଳପଡ଼ା ଥାନା ଅଧୀନ ମଙ୍ଗଳପୁର ପଂଚାୟତ ବନ୍ଧପଡ଼ା ଗ୍ରାମର ଅମର ବେହେରା ଝିଅ ଅଭିଲିପ୍ସା ବେହେରା (୧୫) ଓ ପବିତ୍ର ସେଠୀଙ୍କ ଝିଅ ରାଜଲକ୍ଷ୍ମୀ ସେଠୀ (୧୪) ସ୍ଥାନୀୟ ଲୁଣାନଦୀକୁ ଗାଧୋଇବାକୁ ଯାଇଥିଲେ । ସକାଳ ପ୍ରାୟ ୮ଟା ବେଳେ ଏମାନେ ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ଦୁଇ ନାବାଳିକା ଭାସିଯାଉଥିବା ବେଳେ କୌଶଳ କ୍ରମେ ରାଜଲକ୍ଷ୍ମୀକୁ ପାଖରେ ଗାଧୋଉଥିବା ମହିଳାମାନେ ଉଦ୍ଧାର କରିଥିଲେ । କିନ୍ତୁ ଅଭିଲିପ୍ସାଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ତୁରନ୍ତ ରାଜଲକ୍ଷ୍ମୀଙ୍କୁ ଚିକିତ୍ସା ପାଇଁ ମହାକାଳପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । କିନ୍ତୁ ଅଭିଲିପ୍ସାଙ୍କର ବର୍ତ୍ତମାନ ପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ସକାଳ ୮ଟା ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ଟିମ୍ ଲୁଣାନଦୀରେ ଖୋଜାଖୋଜି କରି ଚାଲିଛନ୍ତି । ସନ୍ଧ୍ୟା ପର୍ଯ୍ୟନ୍ତ ମଧ୍ୟ ଏହି ପ୍ରକ୍ରିୟା ଜାରି ରହିଛି ବୋଲି ପ୍ରଶାସନିକ ସୂତ୍ରରୁ ପ୍ରକାଶ ।ଚାରି ଭଉଣୀ ଭିତରୁ ଅଭିଲିପ୍ସା ହେଉଛି ବଡ଼ । ଅଭିଲିପ୍ସା ଗାନ୍ଧିଜୀ ବିଦ୍ୟାପୀଠ ଗୋଜାବନ୍ଧର ନବମ ଶ୍ରେଣୀ ଛାତ୍ରୀ । ଏହି ଖବର ପ୍ରଚାରିତ ହେବା ପରେ ଶହଶହ ସଂଖ୍ୟାରେ ଲୋକମାନେ ବନ୍ଧପଡ଼ା ଗ୍ରାମରେ ପହଂଚି ଓ ଲୁଣାନଦୀ କୂଳକୁ ମଧ୍ୟ ଯାଇଥିଲେ । ଗାଁରେ ପରିବେଶ ପୁରା ସ୍ତବ୍ଧ ହୋଇଯାଇଛି । ପରିବାରରେ ଡକାବୋବାଳି ପଡ଼ିଛି । ଘଟଣା ସ୍ଥଳରେ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ଓ ମହାକାଳପଡ଼ା ଆଇଆଇସି ବିମଳ ମଲିକ ଉପସ୍ଥିତ ରହି ପରିସ୍ଥିତି ଉପରେ ନଜର ରଖିଛନ୍ତି । ଏହି ଖବର ଶୁଣି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଓ ଶୋକସନ୍ତପ୍ତ ପରିବାରକୁ ମଧ୍ୟ ସମବେଦନା ଜଣାଇଛନ୍ତି । ସେହିଭଳି କଂଗ୍ରେସ ପ୍ରାର୍ଥୀ ଲୋକନାଥ ମହାରଥୀ ମଧ୍ୟ ପରିବାରକୁ ସମବେଦନା ଜଣାଇଛନ୍ତି ।

# ବଜ୍ରାଘାତରେ ମା'-ପୁଅଙ୍କ ମୃତ୍ୟୁ

କେନ୍ଦ୍ରପଡ଼ା , (ସବ୍ୟୁ) : ବଜ୍ରାଘାତରେ ମାଆପୁଅଙ୍କ ମୃତ୍ୟୁ ହୋଇଛି। ଶନିବାର ଅପରାହ୍ନରେ ଏପରି ହୃଦୟବିଦାରକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ଡେରାବିଶ ବ୍ଲକ୍ ଜହ୍ନିମୂଳ ଗାଁରେ ଘଟିଛି। ବିଲରେ ମୁଗ ଉପାଡୁ ଥିବାବେଳେ ବଜ୍ରାଘାତରେ ମାଆ ଓ ପୁଅଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଦିନ ସାରା ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା। ଗରମ ସତ୍ତ୍ୱେ ଚାଷ ଜମିକୁ ମୁଗ ଉପାଡ଼ିବାକୁ ଯାଇଥିଲେ ଡେରାବିଶ ବ୍ଲକ ଜହ୍ନିମୂଳ ଗାଁର ଶଶିରେଖା ବାରିକ ଓ ତାଙ୍କ ପୁଅ ରବୀନ୍ଦ୍ରା ମୁଗ ଉପାଡୁଥିବା ବେଳେ ଅପରାହ୍ନ ପ୍ରାୟ ୫ଟାରେ ହଠାତ ଆକାଶରେ ଘୋଟି ଆସିଥିଲା କଳାହାଣ୍ଡିଆ ମେଘ। ତା'ପରେ ବର୍ଷିବା ସହିତ ପ୍ରବଳ ଘଡ଼ଘଡ଼ି ମାରିଥିଲା। ଆଉ ସେହି ବଜ୍ରପାତରେ ମାଆ ଓ ପୁଅଙ୍କ ମୃତ୍ୟୁ ଘଟିଥିଲା।

# ପକ୍ଷୀମାନଙ୍କ ସୁରକ୍ଷା ନିମନ୍ତେ ପକ୍ଷୀପାଇଁ ଦିନଟିଏ କାର୍ଯ୍ୟକ୍ରମ

ବାଲେଶ୍ୱର (ସବ୍ୟୁ) : ବିଶ୍ୱ ତାପାୟାନ ସମସ୍ୟାଯୋଗୁଁ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ବ୍ୟାପକ ଗଛକଟା, ଜଙ୍ଗଲଧ୍ୱଂସ, ଚାରିଆଡ଼େ ବସାଯାଇଥିବା ମୋବାଇଲ ଟାୱାରର ବିକରଣ ଯୋଗୁଁ ବହୁ ପକ୍ଷୀ ମୃତ୍ୟୁ ମୁଖରେ ପଡୁଛନ୍ତି । ସହର ବଜାରରେ ଆଉ ଆଗଭଳି ପକ୍ଷୀମାନଙ୍କୁ ଅଧିକ ସଂଖ୍ୟାରେ ଦେଖିବାକୁ ମିଳୁନାହିଁ । ଫଳରେ ମଣିଷ ସମାଜ ସହିତ ପକ୍ଷୀକୁଳର ସମ୍ପର୍କ ଧିରେ ଧିରେ ଲୋପ ପାଇବାକୁ ବସିଥିବା ବେଳେ ବହୁ ପ୍ରଜାତିର ପକ୍ଷୀ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଯାଇଥିବା ଅନୁଭବ କରାଯାଉଛି । କଂକ୍ରିଟ ଜଙ୍ଗଲର ସ୍ଥାପନା ଓ ଦିନକୁ ଦିନ ତାପମାତ୍ରା ବୃଦ୍ଧି ହେବା ସାଙ୍ଗକୁ ଗଡ଼ିଆ ପୋଖରୀ ସବୁ କାଳକ୍ରମେ ପୋତିହୋଇ ପଡ଼ିବା ଘଟଣାରେ ପକ୍ଷୀମାନେ ପାଣି ଟୋପେ ଓ ଖାଦ୍ୟ ପାଇଁ ତହଳବିକଳ ହେଉଛନ୍ତି । ଏହାକୁ ଅନୁଭବ କରି ପକ୍ଷୀମାନଙ୍କ ସୁରକ୍ଷା ଉଦ୍ଦେଶରେ ଲୋକକଲ୍ୟାଣକାରୀ ସାମାଜିକ ସଂଗଠନ ଗଜେନ୍ଦ୍ର କୁମାର ପରିଡ଼ା ଫାଉଣ୍ଡେସନ ଓ ହିମାଂଶୁ ହରି ଫାଉଣ୍ଡେସନ ଆନୁକୂଲ୍ୟରେ ପକ୍ଷୀପାଇଁ ଦିନଟିଏ ନାମରେ ଏକ ଜନସଚେତନତା ମୂଳକ କାର୍ଯ୍ୟକ୍ରମ ବାଲେଶ୍ୱର ସହରର ଫକୀରମୋହନ ଗୋଲେଇ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଫାଉଣ୍ଡେସନର ସଂସ୍ଥାପିକା ବାସନ୍ତୀମଣି ଦାସ ଓ ହିମାଂଶୁ ହରି ଫାଉଣ୍ଡେସନର ମୁଖ୍ୟ ସଂଗ୍ରାମ ଦାସଙ୍କ ଆବାହକତ୍ୱରେ ଏବଂ କବି ତଥା ସମାଜସେବୀ ସୁଧାକର ସେଠୀଙ୍କ ସଂଯୋଜନାରେ ଶନିବାର ସକାଳେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସମାଜସେବୀ ଅଭୟ ଦାସ ଉଦ୍ଘାଟନ କରିଥିଲେ । ମୁଖ୍ୟଅତିଥିଭାବେ ପ୍ରତିଭା ଶ୍ରୀ ମୁଖ୍ୟ କବି ପ୍ରଶାନ୍ତ ଦାସ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଯଶୋଧାରା ଦାସ, ପ୍ରଭାକର ସାହୁ, ମୁରଲୀଧର ନାୟକ, ଜଳେନ୍ଦ୍ର ମହାଳିକ, ନୀଳାମ୍ବର ପଣ୍ଡା,

# କମୁଛି ମତଦାନ ହାର

## ଚିନ୍ତାରେ ବିଜେପିର କେନ୍ଦ୍ରୀୟ ନେତା
## ତ୍ରିପୁରାରେ ସର୍ବାଧିକ, ୟୁପିରେ ସର୍ବନିମ୍ନ
## ମଣିପୁରରେ ୭୭.୩୨% ଭୋଟ
## ୱେୟନାଡରେ ମତଦାନ ହାର ୭୨.୭୦%

ନୂଆଦିଲ୍ଲୀ, ୨୭।୪ : ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟ ଲୋକସଭା ଆସନରେ ଭୋଟ୍ ହାର କମିଛି । ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୬୩.୫୦% ମତଦାନ ହୋଇଛି । ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି । ତେବେ ମତଦାନ ହାର ବଢ଼ିବା ନେଇ ଆଶା କରାଯାଉଥିଲେ ବି ତାହା ହୋଇନାହିଁ । ତ୍ରିପୁରାରେ ସର୍ବାଧିକ ମତଦାନ ହୋଇଥିବାବେଳେ ଉତ୍ତରପ୍ରଦେଶରେ ସର୍ବନିମ୍ନ ହାର ରହିଛି । ତେବେ ବିଜେପି ଶାସିତ ରାଜ୍ୟଗୁଡିକରେ ମତଦାନ ହାର କମୁଥିବାରୁ ବିଜେପିର ଚିନ୍ତା ବଢ଼ିଛି । ମତଦାନ ହାର କମିବା ଦଳ ସପକ୍ଷରେ ଯାଉନାହିଁ ବୋଲି ବରିଷ୍ଠ ନେତାମାନେ ଆକଳନ କରିବା ଆରମ୍ଭ କରିଛନ୍ତି ।

ଉତ୍ତରପ୍ରଦେଶର ମଥୁରା, ରାଜସ୍ଥାନର ବନ୍‌ସୁରା, ମହାରାଷ୍ଟ୍ରର ପ୍ରଭାଣୀରେ ଭୋଟରମାନେ ନିର୍ବାଚନକୁ ବର୍ଜନ କରିଛନ୍ତି । ବର୍ତ୍ତମାନ ସୁଦ୍ଧା ୧୮୯ ଆସନରେ ଭୋଟ୍ ଗ୍ରହଣ ସରିଲାଣି । ଏପ୍ରିଲ ୧୯ରେ ୧୦୨ ଆସନରେ ଭୋଟ୍ ହୋଇଥିଲା । ସେତେବେଳେ ମତଦାନ ହାର ୬୩% ଥିଲା । ୨୦୧୯ରେ ପ୍ରଥମ ପର୍ଯ୍ୟାୟରେ ୬୫% ମତଦାନ ହୋଇଥିଲା । ନିର୍ବାଚନ କମିଶନଙ୍କ ତଥ୍ୟ ଅନୁଯାୟୀ ତ୍ରିପୁରାରେ ସର୍ବାଧିକ ୭୯.୪୬%, ମଣିପୁରରେ ୭୭.୩୨%, ଉତ୍ତରପ୍ରଦେଶରେ ୫୪.୮୫%, ବିହାରରେ ୫୫.୮% ମତଦାନ ହୋଇଛି । ତ୍ରିପୁରା-ପୂର୍ବ ନିର୍ବାଚନମଣ୍ଡଳୀର ଦୁଇ ବୁଥ୍‌ରେ ଶତ ପ୍ରତିଶତ ମତଦାନ ହୋଇଛି । ମଣିପୁରରେ ମଧ୍ୟ କଡା ସୁରକ୍ଷା ମଧ୍ୟରେ ମତଦାନ କରାଯାଇଥିଲା। ଓ ହାର ୭୭.୩୨% ରହିଥିଲା। । ଉତ୍ତରପ୍ରଦେଶରେ ୨୦୧୯ ତୁଳନାରେ ଏଥର ୭% କମ୍ ମତଦାନ ହୋଇଛି । କେରଳରେ ୭୦.୨୧% ମତଦାନ ହୋଇଛି । ରାହୁଲ ଗାନ୍ଧି ଲଢୁଥିବା ୱେନାଡ୍ ଆସନରେ ମତଦାନ ହାର ୭୨.୭୦% ରହିଛି । ମଧ୍ୟପ୍ରଦେଶରେ ମତଦାନ ହାର ୫୭.୮୮% ରହିଛି । ୫ ଲୋକସଭା ଆସନରେ ୭୧.୧୧% ମତଦାନ ଆସାମରେ ହୋଇଛି । ମହାରାଷ୍ଟ୍ରର ୮ ଲୋକସଭା ଆସନରେ ମତଦାନ ହାର ୫୭.୮୩% ଥିଲା। । ରାଜସ୍ଥାନରେ ୬୪.୭% ହାର ଥିବାବେଳେ ବିହାରରେ ୫୫.୦୮%, ଜମ୍ମୁକାଶ୍ମୀରରେ ୭୧.୯୧% ରହିଛି । ପଶ୍ଚିମବଙ୍ଗରେ ୭୧.୮୪% ମତଦାନ ହୋଇଛି ।

# ଲଙ୍କାପୋଡି ଏକାଦଶ ଦିବସ : ବାଳି ବଧ ଓ ସୁଗ୍ରୀବ ଅଭିଷେକ



ଦଶପଲ୍ଲା,(ସବ୍ୟୁ) : ଦଶପଲ୍ଲା ଲଙ୍କାପୋଡି ଯାତ୍ରା ର ଏକାଦଶ ଦିନ ମୁଖ୍ୟ ମଞ୍ଚରେ ବାଳି ବଦ୍ଧ ଓ ସୁଗ୍ରୀବ ଅଭିଷେକ ନାଟକ ମୁଖ୍ୟ ମଞ୍ଚ ରେ ଅନୁଷ୍ଠିତ ହୋଇ ଯାଇଛି ।ଛ ଶବରୀ ମୋକ୍ଷ ପରେ ପ୍ରଭୁ ଶ୍ରୀରାମ ସୀତାଙ୍କୁ ଖୋଜି ଖୋଜି କିଷ୍କିନ୍ଦା ଅଭିମୁଖେ ଗମନ କରୁଥିବା ବେଳେ ସୁଗ୍ରୀବ ବାଳି ଭୟରେ ନିଜର ଅଷ୍ଟ ସେନା ଙ୍କ ସହିତ ଋଶ୍ୟମୁଖ ପର୍ବତରେ ଲୁଚି ରହିଥାଏ। ସେମାନେ ରାମ ଲକ୍ଷ୍ମଣ ଙ୍କୁ ଦେଖି ବାଳିର ଗୁପ୍ତଚର ଭାବି ସନ୍ଦେହ କରନ୍ତି । ଏଣୁ ହନୁମାନ ଛଦ୍ମ ବେଶରେ ବ୍ରହ୍ମଣ ବେଶ ଧରି ରାମ ଓ ଲକ୍ଷ୍ମଣଙ୍କ ନିକଟକୁ ଯାଏ ଓ ରାମ ହାମୁମାନ ଙ୍କ ମିଳନ ହୁଏ । ତତ୍ପରେ ରାମ ଚନ୍ଦ୍ର ଓ ଲକ୍ଷ୍ମଣ ଋଶ୍ୟମୁଖ ପର୍ବତକୁ ଆସି ସୁଗ୍ରୀବ ଙ୍କ ସହ ମିତ୍ରତା କରନ୍ତି ଓ ସୁଗ୍ରୀବ ଙ୍କୁ କିଷ୍କିନ୍ଦା ରାଜ୍ୟର ରାଜା କରିବାକୁ ପ୍ରତିଜ୍ଞା କରନ୍ତି ।ବାଳି ଅତି କ୍ରୋଧର ସହ ସୁଗ୍ରୀବ କୁ ଆକ୍ରମଣ କରେ ମାତ୍ର ବାଳି ଓ ସୁଗ୍ରୀବ ଏକାଭଳି ଦେଖା ଯାଉଥିବାରୁ ରାମଚନ୍ଦ୍ର ଶର ନିକ୍ଷେପ କରିପାରନ୍ତି ନାହିଁ। ଏହି ଯୁଦ୍ଧ ରେ ସୁଗ୍ରୀବ ପରାସ୍ତ ହୋଇ ପ୍ରାଣ ବିକଳରେ ଚାଲି ଆସେ । ମାତ୍ର ରାମଚନ୍ଦ୍ର ସୁଗ୍ରୀବ ଙ୍କୁ ଆଲିଙ୍ଗନ କରିବା ସମୟ ରେ ତାଙ୍କୁ ଶକ୍ତି ଦିଅନ୍ତି ଓ ଗୋଟିଏ ବଣ ମଲିର ମାଳ ପିନ୍ଧାଇ ଦିଅନ୍ତି । ଦ୍ୱିତୀୟବାର ଯୁଦ୍ଧ ହୁଏ ଏବଂ ଶ୍ରୀରାମ ,ବାଳି କୁ ବଦ୍ଧ କରନ୍ତି । ପରେ ସୁଗ୍ରୀବ କିଷ୍କିନ୍ଦା ରାଜ୍ୟର ରାଜା ହୁଅନ୍ତି ଏବଂ ତାରା ଙ୍କୁ ମହାରାଣୀ କରି ରଖିବା ସହ ଅଙ୍ଗଦ ଙ୍କୁ ଯୁବରାଜ କରନ୍ତି ।ଏହି ସମୟ ରେ ବର୍ଷାଋତୁର ଆଗମନ ହୋଇଥିବାରୁ ଲଂକାଯିବା ସମ୍ଭବ ହୋଇ ନଥିଲା ।ଏଣୁ ରାମଚନ୍ଦ୍ର ଋଷିକୂଲ୍ୟା ପର୍ବତ ରେ ଚାରି ମାସ ରୁହନ୍ତି ଓ ସୁଗ୍ରୀବ ରାଜ୍ୟ ଶାସନ କରନ୍ତି । ଏହି ପରି ବାଳି ବଦ୍ଧ ଓ ସୁଗ୍ରୀବ ଅଭିଷେକ ନାଟକ ମଂଚସ୍ଥ ହୋଇଥିବାବେଳେ ଏହି ଦନ ବହୁ ଗଦା ଦେଖିବାକୁ ମିଳିଥାଏ । ଆସନ୍ତା ୩୦ ତାରଖ ଦିନ ଲଙ୍କାପୋଡି ଯାତ୍ରାର ମୁଖ୍ୟ ଆକର୍ଷଣ ରାବଣ ବଦ୍ଧ ଅନୁଷ୍ଠିତ ହେବ ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 06-KUR-TRD-OT-2024-25

କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ଖୋର୍ଦ୍ଧା ରୋଡ଼ ମଣ୍ଡଳ(KUR)ରେ 17 ସଂଖ୍ୟକ ଟାୱାର ୱାଗନ୍‌ଗୁଡ଼ିକର CUMMINS ଇଞ୍ଜିନ୍ (24 ସଂଖ୍ୟକ) ଗୁଡ଼ିକର ରକ୍ଷଣାବେକ୍ଷଣ (C ଚେକ୍ ଏବଂ D ଚେକ୍) ।

ବିଜ୍ଞାପିତ ମୂଲ୍ୟ : ₹ 3,18,65,290.35, EMD : ₹ 3,09,300/-, ଶେଷ ହେବା ଅବଧି: 1095 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.29.04.2024ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.05.2024ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-57/P/24-25



**AFFIDAVIT**

By vertue of an affidavit sworn before the Executive Magistrate Tangi, Khordha on dt. 24.04.2024. I Pratap Kumar Sahoo, C/o- Haluri Sahoo, Resident of village, Barapalli, Po. Patia Mala, PS- Chadpur, Dist- Nayagarh have changed the name of my Minor daughter from Ananya Priyadarshini to Jigyansa Jyotirmayee Priyadarshini. Hence forth, She will be known and Identified as : Jigyansa Jyotirmayee Priyadarshini" for all purposes.

**Pratap Kumar Sahoo**


## ପ୍ରେସ ଇସ୍ତାହାର

ଏହାଦ୍ୱାରା ଗଞ୍ଜାମ ଜିଲ୍ଲା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣଙ୍କ ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ପର୍ଯ୍ୟବେକ୍ଷକଗଣ ଗଞ୍ଜାମ ଜିଲ୍ଲାରେ ଉପସ୍ଥିତ ଅଛନ୍ତି । ନିର୍ବାଚନ ସମ୍ପର୍କିତ ଆପତ୍ତି ଅଭିଯୋଗ ନିମନ୍ତେ ତଳ ଲିଖିତ ମୋବାଇଲ ନମ୍ବର କିମ୍ବା ସେମାନଙ୍କ ମେଲ୍‌କୁ ଯୋଗାଯୋଗ କରିପାରିବେ ।

| Sl.No | Name of the Observer | Contact No | Mail ID |
|---|---|---|---|
| 01 | **Sri Swaroop P, IAS** 20-Berhampur P.C. General Observer | 9692194145 | |
| | **Room Alloted: Room No-8** Special Circuit House, Berhampur | | |
| 02 | **Sri Saurav Dubey, IRS** 20-Berhampur P.C. Expenditure Observer | 9692201530 | eopcberhampur@gmail.com |
| 03 | **Ms. Kanchi Gupta, IRS**(C&CE) 20-Berhampur P.C. Expenditure Observer | 9692194157 | expenditureobserverberhampur@gmail.com |
| 04 | **Ms. Chandrika Garg, IRAS** 134-Digapahandi A.C. Expenditure Observer | 8144214486 | observerdigapahandiac@gmail.com |
| 05 | **Sri Ajaya Linda, IPS** 20-Berhampur P.C. Police Observer | 9692185164 | |
| | Office Place is BeDA, Berhampur | | |

ଜିଲ୍ଲାପାଳ- ତଥା- ଜିଲ୍ଲା ନିର୍ବାଚନ ଅଧିକାରୀ
ଗଞ୍ଜାମ


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

### ବିଜେପି ନେତାଙ୍କ ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ
# ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି



ଭୁବନେଶ୍ୱର(ସବ୍ୟୁ) : ବାରମ୍ବାର ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେପି । ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛି ବିଜେପି । ବଲାଙ୍ଗୀର ବିଜେପି ବିଧାୟକ ପ୍ରାର୍ଥୀ ଗୋପାଳଜୀ ପାଣିଗ୍ରାହୀ ପ୍ରଚାରରେ ପିଲାଙ୍କୁ ବ୍ୟବହାର କରୁଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇଛି ବିଜେଡି । ପିଲାମାନଙ୍କୁ ବିଜେପି ପତାକା ଓ ଉତ୍ତରୀୟ ପକାଉଥିବା ଦେଖିବାକୁ ମିଳିଛି । ପୂର୍ବରୁ ଭୁବନେଶ୍ୱର ବିଜେପି ସାଂସଦ ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା, ଚିକିଟି ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ ମଧ୍ୟ ସମାନ କାମ କରୁଥିବା ନେଇ ସିଇଓଙ୍କୁ ଅବଗତ କରିଛି ବିଜେଡି ।
ସେହିପରି ଖଲିକୋଟ ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ପୂର୍ଣ୍ଣ ସେଠୀ ମଧ୍ୟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ବିଜେଡି ଅଭିଯୋଗ କରିଛି । ଗତ ୨୩ ତାରିଖରେ ଶ୍ରୀ ସେଠୀ ଅଟା ପ୍ୟାକେଟ, ଖାଇବା ତେଲ ଏବଂ ଲୁଣ ପ୍ୟାକେଟ ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ବାରଗାମ ଗ୍ରାମରେ ବାଣ୍ଟିଥିଲେ ବୋଲି ସିଇଓଙ୍କ ନିଟକରେ ଲିଖିତ ଅଭିଯୋଗ କରିଛନ୍ତି ବିଜେଡି ପ୍ରତିନିଧି ଦଳ । ଏହି ପ୍ରତିନିଧି ଦଳରେ ବିଜେଡି ସାଂସଦ ସସ୍ମିତ ପାତ୍ର ଓ ସୁଲତା ଦେଓଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ଥିଲେ ।

### ଶଙ୍ଖ ଧରିଲେ ପୂର୍ବତନ କର୍ପୋରେଟର ଅରୁଣ ସେଠୀ

କଟକ (ସବ୍ୟୁ) ବାରବାଟୀ କଟକରେ ଆଜି ବିଜୁ ଜନତା ଦଳର ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି ।୧୮ ନଂ ୱାର୍ଡର ଜଣାଶୁଣା କଂଗ୍ରେସର ପୂର୍ବତନ କର୍ପୋରେଟର ଅରୁଣ ସେଠୀ କଂଗ୍ରେସ ଦଳ ପରିତ୍ୟାଗ କରି ତାଙ୍କ ସମର୍ଥକ ମାନଙ୍କ ସହ ବିଜେଡିରେ ଯୋଗ ଦେଇଛନ୍ତି ।ତାଙ୍କ ମିଶ୍ରଣ ଆମ ଦଳକୁ ଆହୁରି ମଜବୁତ କରିବ ବୋଲି ସ୍ୱାଗତ କରିବା ଅବସରରେ ରାଜ୍ୟସଭା ସାଂସଦ ତଥା ଜିଲ୍ଲା ସଭାପତି ଦେବାଶିଷ ସାମନ୍ତରାୟ କହିଛନ୍ତି । କଂଗ୍ରେସ ଦଳର ବର୍ତ୍ତମାନ ବିଧାୟକ ଥିବା ମୋକିମଙ୍କ ଦୁର୍ନୀତିଗ୍ରସ୍ତ ହୋଇପଡିଥିବାରୁ ଅଦାଲତ ତାଙ୍କୁ ନିର୍ବାଚନରୁ ବାସନ୍ଦ କଲେ । ଏହା ଦଳ ପାଇଁ ଲଜ୍ଜାଜନକ ଘଟଣା ।ଏଭଳି ବ୍ୟକ୍ତିତ୍ୱ କଂଗ୍ରେସ ପାଇଁ ଶୁଭଙ୍କର ନୁହେଁ ।ତେଣୁ ନବୀନ ବାବୁଙ୍କ ସ୍ୱଚ୍ଛ ଶାସନ ଓ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ସାମିଲ ହେଲେ ବୋଲି କହିଛନ୍ତି । ତାଙ୍କ ସହ କଂଗ୍ରେସ ଶହ ଶହ କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ । ସମସ୍ତ କଂଗ୍ରେସ କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ବିଜୁ ଜନତା ଦଳ ଆଗାମୀ ନିର୍ବାଚନରେ ବିପୁଳ ଭୋଟରେ ବିଜୟ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କ ସହ ବହୁ ଦଳୀୟ କର୍ମକର୍ତ୍ତା ସାମିଲ ଥିଲେ ।

### ଲୋହିଆ ଏକାଡ଼େମୀରେ ୱାଙ୍ଗଚୁକଙ୍କୁ ନାଗରୀକ ସମ୍ବର୍ଦ୍ଧନା
# ପୃଥିବୀ ଲଦାଖ ଠାରୁ ଶିଖୁ : ସୋନମ ୱାଙ୍ଗଚୁକ

ଭୁବନେଶ୍ୱର (ସବ୍ୟୁ): ରମଣ ମ୍ୟାଗାସେସେ ସମ୍ମାନର ଅଧିକାରୀ ତଥା ଲଦାଖର ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସମସ୍ୟା ସମାଧାନ ପାଇଁ ସତ୍ୟାଗ୍ରହ କରି ଦେଶ ତଥା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିବା ସୋନମ ୱାଙ୍ଗଚୁକ ଦିନିକିଆ ଗସ୍ତରେ ଭୁବନେଶ୍ୱର ଆସି ଲୋହିଆ ଏକାଡେମୀ ପରିସରରେ ପରିବେଶ ପାଇଁ ସେଠାରେ ଦେଖାଦେଇଥିବା ବିପତ୍ତି ଓ ସରକାରଙ୍କ ଭୁଲ ନୀତି ବାବଦରେ ଅଭିଭାଷଣ ପ୍ରଦାନ କରିଥିଲେ । ଲୋହିଆ ଏକାଡ଼େମୀ, ଜନ ଆନ୍ଦୋଳନର ରାଷ୍ଟ୍ରୀୟ ସମନ୍ୱୟ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ଇନସାଫର ମିଳିତ ଆନୁକୁଲ୍ୟରେ ଲୋହିଆ ଏକାଡ଼େମୀର ସମ୍ପାଦକ ଦେବ ପ୍ରସାଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ୱାଙ୍ଗଚୁକ କହିଲେ ଯେ,ଆମ ସରକାର ଭାରତକୁ ବିଶ୍ୱଗୁରୁ କରିବାକୁ ଚାହାନ୍ତି । ଆମେ ବି ଚାହୁଁ ଯେ ଭାରତ ବିଶ୍ୱଗୁରୁ ହେଉ । ତେବେ ବସୁଧୈବ କୁଟୁମ୍ବକମ ନୀତିରେ ଏହା ହୋଇପାରିବ । ଅନ୍ଧାଧୁନ ପ୍ରାକୃତିକ ସମ୍ପଦର ଦୋହନରେ ଏହା ହୋଇପାରିବା ସମ୍ଭବ ନୁହେଁ । ଆମେ ଲଦାଖରେ ହିମାଳୟର ସୁରକ୍ଷା ନିମନ୍ତେ ସତ୍ୟାଗ୍ରହ ଚଳାଇଛୁ । ତେବେ ହିମାଳୟ ସୁରକ୍ଷିତ ରହିବା ଅର୍ଥ କେବଳ ଲଦାଖ ବା ଭାରତ ସୁରକ୍ଷିତ ରହିବ ନାହିଁ । ଏହା ସମଗ୍ର ବିଶ୍ୱ ପାଇଁ ଜରୁରୀ । ହିମାଳୟର ନଦୀ ଗୁଡିକ ଚିରସ୍ରୋତା । ହେଲେ ଏସବୁ ନଦୀ ଗ୍ଲାସିଅରମାନଙ୍କ ଉପରେ ନିର୍ଭରଶୀଳ । ଏବେ କିନ୍ତୁ ଗ୍ଲାସିଅର ସବୁ ତରଳିବା ଆରମ୍ଭ କଲେଣି । ଆମ ଅଞ୍ଚଳରେ ଅନିୟମିତ ବର୍ଷା ଓ ବନ୍ୟା ଦେଖାଦେଲାଣି । ଯାହା ଆମପାଇଁ ଏକଦମ ନୂଆ କଥା । ଯାହା ଏବେ ଘଟୁଛି, ସେପରି ସୁଦୂର ଅତୀତରେ କେବେବି ଘଟି ନଥିଲା । ବିକାଶର ପରିଭାଷା ବଦଳିବା ଦରକାର । ଲଦାଖରେ ଆମେ ଦୈନିକ ୫ ରୁ ୧୦ ଲିଟର ପାଣି ବ୍ୟବହାର କରୁ । ହେଲେ ୟୁରୋପ ଆମେରିକାର ଲୋକମାନେ ଶହେ ଦେଢଶହ ଲିଟର ପାଣି ପ୍ରତ୍ୟହ ବ୍ୟବହାର କରନ୍ତି । ଯଦି ଆମେ ସେମାନଙ୍କ ଭଳି ହେବା, ତେବେ ପୃଥିବୀରେ ପାଣି ରହିବ ତ ବୋଲି ସେ ପ୍ରଶ୍ନ କରିଥିଲେ ।




ଏହି ସଭାରେ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା ସ୍ୱାଗତ ଭାଷଣ ଦେଇଥିଲେ । ସର୍ବୋଦୟ ନେତା ଡା ବିଶ୍ୱଜିତ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଫେସର ସ୍ୱାଧୀନ ପଟ୍ଟନାୟକ ଶ୍ରୀ ୱାଙ୍ଗଚୁକଙ୍କୁ ଲୋହିଆ ଏକାଡେମି ପକ୍ଷରୁ ସମ୍ବର୍ଦ୍ଧନା ଜଣାଇଥିବା ବେଳେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ପକ୍ଷରୁ ଜଷ୍ଟିସ ମନୋରଞ୍ଜନ ମହାନ୍ତି,ହରିହର ସେନ, କବୀର ଜେନା ଓ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମିହିର ପ୍ରତାପ ଦାସ, ଅନିମା ରାୟ, ଜୟନ୍ତ ଦାସ, ମାନସ ପଟ୍ଟନାୟକ ପ୍ରମୁଖ ସମ୍ବର୍ଦ୍ଧନା ଦେଇଥିଲେ । ଇନସାଫ ପକ୍ଷରୁ ପ୍ରଦୀପ ସାହୁ, ସାମାଜିକ କର୍ମୀ ଅମୀୟ ପାଣ୍ଡବ, ସୂର୍ଯ୍ୟ ନାରାୟଣ ନାଥ ପ୍ରମୁଖ ମଧ୍ୟ ଶ୍ରୀ ୱାଙ୍ଗଚୁକଙ୍କୁ ନାଗରୀକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

### ଡିଏମ୍ ପବ୍ଲିକ୍ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର
# ଅଧ୍ୟକ୍ଷଙ୍କ ନାଁରେ ଥାନାରେ ମାମଲା

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥ ୩୧୬ ସାଇମନ୍ଦିର ସନ୍ନିକଟ ବାସୁଆଘାଇ ମୌଜା ଅଧିନରେ ଡିଏମ୍ ପବ୍ଲିକ୍ ସ୍କୁଲ । ସେହି ପବ୍ଲିକ୍ ସ୍କୁଲରେ ଶିକ୍ଷକ କମ୍ ଥିବାବେଳେ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ଅଧିକ । ଅଧ୍ୟକ୍ଷ ସରୋଜ କୁମାର ପାଢ଼ୀ ଜଣେ ଶିକ୍ଷୟିତ୍ରୀଙ୍କୁ ଦୁର୍ବ୍ୟବହାର କରିଥିବା ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ବଡ଼ଗଡ଼ ଥାନା ପୋଲିସ ୨୯୪ ଓ ୫୦୬ ଦଫାରେ ମାମଲା ରୁଜୁ କରି ତଦନ୍ତ କରୁଥିବା ସୂଚନା ମିଳିଛି ।
ଏତଲାକାରୀ ଶିକ୍ଷୟିତ୍ରୀଙ୍କ କହିବାନୁଯାୟୀ, ଅଭିଯୁକ୍ତ ୨୦୧୮ରୁ ଅଧ୍ୟକ୍ଷ ଭାବେ କାମ ଆରମ୍ଭ କରିଛନ୍ତି । ସେ ଶିକ୍ଷୟିତ୍ରୀଙ୍କୁ ବହୁ ସମୟରେ ଖରାପ ଭାଷାରେ ତାଗିଦ୍ କରନ୍ତି । ବିଭିନ୍ନ ସମସ୍ୟାକୁ ନେଇ ଶିକ୍ଷୟିତ୍ରୀମାନଙ୍କୁ ସିସି କ୍ୟାମେରା ନଥିବା ନିଜ ଅଫିସ୍‌କୁ ଡାକି ମନଇଚ୍ଛା ଗାଳି କରନ୍ତି । କଟୁ ଭାଷା ମଧ୍ୟ କୁହନ୍ତି ବୋଲି ପୀଡ଼ିତା ଶିକ୍ଷୟିତ୍ରୀ କହିଛନ୍ତି । ତାଙ୍କ ବ୍ୟବହାରରେ ଅତିଷ୍ଠ ହୋଇ ଶିକ୍ଷୟିତ୍ରୀ ଚାକିରି ଛାଡ଼ିବା ସହ ବଡ଼ଗଡ଼ ଥାନାରେ ଏତଲା ଦାୟର କରିଥିଲେ । ତାଙ୍କ ଏତଲା ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି ।

### ଜେଇଇ ମେନ ୨୦୨୪ରେ
# ଭୁବନେଶ୍ୱର ଫିଜିକ୍ସୱାଲା ବିଦ୍ୟାପୀଠର ୮୪ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ



ଭୁବନେଶ୍ୱର (ସବ୍ୟୁ): ପ୍ରମୁଖ ଏଡ-ଟେକ କମ୍ପାନୀ ଫିଜିକ୍ସୱାଲାର ଭୁବନେଶ୍ୱର ସ୍ଥିତ ବିଦ୍ୟାପୀଠ କେନ୍ଦ୍ରର ଛାତ୍ରଛାତ୍ରୀମାନେ ଜେଇଇ ମେନ ୨୦୨୪ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଛନ୍ତି । ଏହି କେନ୍ଦ୍ରର ୮୪ଜଣ ଛାତ୍ରଛାତ୍ରୀ ଜେଇଇ ଆଡଭାନ୍ସଡ ପାଇଁ ଉତୀର୍ଣ୍ଣ ହୋଇଛନ୍ତି ଯେବେକି ସମୁଦାୟ ୬ଜଣ ଛାତ୍ରଛାତ୍ରୀ ୯୯ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ସାରା ଭାରତରେ ୪୦୦୦ରୁ ଅଧିକ ବିଦ୍ୟାପୀଠ ଛାତ୍ରଛାତ୍ରୀ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି । ତନ୍ମଧ୍ୟରୁ ୩୯୯ଜଣ ଛାତ୍ରଛାତ୍ରୀ ୯୯ ପ୍ରତିଶତରୁ ଅଧିକ ନମ୍ବର ରଖିଥିବାବେଳେ, ୧୯୨ ଜଣ ଛାତ୍ରଛାତ୍ରୀ ୯୯.୫ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି । ଏହାଛଡ଼ା ୧୧୮ ଜଣ ବିଦ୍ୟାପୀଠ ଛାତ୍ରଛାତ୍ରୀ କମନ ର୍‍ୟାଙ୍କ ଲିଷ୍ଟ (ସିଆରଏଲ) ଏବଂ କ୍ୟାଟାଗୋରୀ ର୍‍ୟାଙ୍କ ଲିଷ୍ଟ ସମେତ ଅଲ ଇଣ୍ଡିଆ ର୍‍ୟାଙ୍କ(ଏଆଇଆର)ରେ ୧୦୦୦ରୁ କମ ତାଲିକାରେ ସ୍ଥାନ ପାଇଛନ୍ତି । ଭୁବନେଶ୍ୱରସ୍ଥିତ ପିଡବ୍ଲୁ ବିଦ୍ୟାପୀଠରେ ସଂକଳ୍ପ ସାହୁ(୯୯.୧୪) ଏବଂ ସ୍ମୃତି ରଞ୍ଜନ ପଣ୍ଡା (୯୯.୧୩) ଶୀର୍ଷ ପ୍ରଦର୍ଶନକାରୀ ରହିଥିଲେ ।

# ଡ୍ରିମ୍ସ ସ୍କୁଲ ଅଫ ନର୍ସିଂରେ ବିଦାୟ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ସ୍କୁଲ ଅଫ ନର୍ସିଂରେ ବିଏସ୍‌ସି (ନର୍ସିଂ) ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା ପର୍ବ ଯାଁଦେ ଶନିବାର ଜୟଶ୍ରୀ ଅଡିଟୋରିୟମରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୁରୋଧା ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇ ନର୍ସିଂ ଭଳି ଏକ ମହାନୀୟ ବୃତ୍ତିକୁ ଆପଣାଇଥିବା ଛାତ୍ରଛାତ୍ରୀ ଉତ୍ସର୍ଗୀକୃତ ମନୋଭାବ ନେଇ କର୍ତ୍ତବ୍ୟ ସମ୍ପାଦନ କରିବାକୁ ଦିଗ୍‌ଦର୍ଶନ ଦେବା ସହିତ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶିକ୍ଷାନୁଷ୍ଠାନର ଡିନ୍ ଡ. ଗୋପୀ ଡି.ଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ ଗୁରୁତ୍ୱାରୋପ କରି ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ପରାୟଣତା ସେମାନଙ୍କୁ ସମାଜରେ ପ୍ରତିଷ୍ଠା ଆଣିଦେବ ବୋଲି କହିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ନୃତ୍ୟଗୀତ



ଲୋକନାଥ ବେହେରା, ଉପାଧ୍ୟକ୍ଷା ଏନ୍. ପ୍ରେମଲତା ଦେବୀ ପ୍ରମୁଖ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନର୍ସମାନଙ୍କ ଭୂମିକା ଉପରେ ପରିବେଷଣ କରିଥିଲେ। ବିଭିନ୍ନ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୧୩ ହଜାର ଟଙ୍କା ଜବତ, ଲୁଟେରା ଗିରଫ

ଭୁବନେଶ୍ୱର, (ସବ୍ୟୁ) : କାର୍ କାଚ ଭାଙ୍ଗି ଟଙ୍କା ବ୍ୟାଗ୍ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ଲୁଟି ନେଇଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି କ୍ୟାପିଟାଲ ଥାନା ପୋଲିସ । ଲୁଟେରା କୁମାର (୫୦) ନିକଟରୁ ୧୩ ହଜାର ୫୦୦ ଟଙ୍କା ପୋଲିସ ଜବତ କରିବା ସହ ତାକୁ ଶନିବାର କୋର୍ଟଚାଲାଣ କରିଛି ।
ସୌମ୍ୟସୁଧାଂଶୁ ଜେନାଙ୍କ ଅଭିଯୋଗକୁ ଭିତ୍ତି କରି କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା । ୨୫ ତାରିଖ ସନ୍ଧ୍ୟାବେଳେ ଅଶୋକ ନଗର ସ୍ଥିତ ଖଦି ନିକେତନକୁ ଏତଲାକାରୀ ଆସିଥିଲେ । ସେ ତାଙ୍କ କାର୍‌କୁ ଖଦି ନିକେତନ ସାମ୍ନାରେ ରଖି ଭିତରକୁ ଯିବା ପରେ ଲୁଟେରା କୁମାର କାର୍ କାଚ ଭାଙ୍ଗି ଲୁଟ୍ କରିଥିଲା । ସେ ଖଦି ନିକେତନରୁ କାମ ସାରି କାର୍ ନିକଟକୁ ଆସି ଦେଖିଥିଲେ କାଚ ଭଙ୍ଗାହୋଇଛି । କେବଳ କାଚ ଭଙ୍ଗାଯାଇନାହିଁ ଭିତରେ ଥିବା ବ୍ୟାଗ ସହ ଟଙ୍କା ଓ ଗୁରୁତ୍ୱପୂର୍ଣ୍ଣ ଡକ୍ୟୁମେଣ୍ଟ ମଧ୍ୟ ଲୁଟ୍ ହୋଇଛି । କ୍ୟାପିଟାଲ ଥାନାରେ ଅଭିଯୋଗ କରିବା ପରେ ତାମିଲନାଡୁର କୁମାରକୁ ପୋଲିସ ଗିରଫ କରି ତା' ନିକଟରୁ ଟଙ୍କା ଜବତ କରିଛି । ଶନିବାର କୋର୍ଟଚାଲାଣ କରାଯିବା ପରେ ଅଭିଯୁକ୍ତକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

### ଜେଇଇ ମେନ ୨୦୨୪ରେ
# ଆକାଶ ଏଜୁକେସନାଲ ସର୍ଭିସେସ୍ ଛାତ୍ରଛାତ୍ରୀଙ୍କ କୃତିତ୍ୱ



ଭୁବନେଶ୍ୱର (ସବ୍ୟୁ): ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ରାଷ୍ଟ୍ରୀୟସ୍ତରରେ ଅଗ୍ରଣୀ ଆକାଶ ଏଜୁକେସନାଲ ସର୍ଭିସେସ ଲିମିଟେଡ ଭୁବନେଶ୍ୱର ଛାତ୍ର ଛାତ୍ରୀଙ୍କର ଜଏଣ୍ଟ ଏଣ୍ଟ୍ରାନ୍ସ ଏକଜାମିନେସନ (ଜେଇଇ) ମେନ ୨୦୨୪ ଦ୍ୱିତୀୟ ସେସନରେ ଅନନ୍ୟ ସଫଳତା ହାସଲ କରିଛନ୍ତି ।
ଆକାଶର ଛାତ୍ର ଛାତ୍ରୀଙ୍କର ଅନନ୍ୟ ପ୍ରଦର୍ଶନ କ୍ଲାସରୁମ ପାଠ୍ୟକ୍ରମରେ ଶ୍ରେଷ୍ଠ ସ୍କୋରଧାରୀଙ୍କ ଦ୍ୱାରା ବହୁଗୁଣିତ ହୋଇଛି ଯେଉଁଥିରେ ୮ ଛାତ୍ରଛାତ୍ରୀ ଶ୍ରେଷ୍ଠ ୧୦୦ ଏଆଇଆର ମଧ୍ୟରେ ଏବଂ ୫୦ ଛାତ୍ର ଛାତ୍ରୀ ଶ୍ରେଷ୍ଠ ୫୦୦ ଏଆଇଆରରେ ସ୍ଥାନ ପାଇଛନ୍ତି । ମୁରିକିନାଟି ସାଇ ଦିବ୍ୟା ତେଜା ରେଡ୍ଡି ଏବଂ ରିଶି ଶେଖର ଶୁକ୍ଲା ତ୍ରୁଟିଶୂନ୍ୟ ଭାବରେ ୧୦୦ ପର୍ସେଣ୍ଟାଇଲ ହାସଲ କରିଥିବାବେଳେ ରଚିତ ଅଗ୍ରୱାଲ ଏବଂ ସାନଭି ଜୈନ ମଧ୍ୟ ୧୦୦ ପର୍ସେଣ୍ଟାଇଲ ହାସଲ କରି ଆମକୁ ଟପ୍ପର ଭାବରେ ଗର୍ବିତ କରିଛନ୍ତି । ଜାତୀୟ ସ୍ତରରେ ଆକାଶ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଜେଇଇରେ ଏହା ସମ୍ଭବତଃ ଶ୍ରେଷ୍ଠ ଫଳାଫଳ ହୋଇଛି।

### ଉଷୁମା ପଞ୍ଚାୟତ ବିଜେଡିରେ ମିଶ୍ରଣ ପର୍ବ

କୁଆଁପାଳ(ସବ୍ୟୁ):ମାହାଙ୍ଗା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ନବାଗତ ବିଧାୟକ ପ୍ରାର୍ଥୀ ଅଙ୍କିତ ପ୍ରତାପ ଜେନାଙ୍କ ପ୍ରତି ଜନ ସମର୍ଥନ ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଆଜି ବିଧାୟକଙ୍କ ଅଳିଯୋଡା ସ୍ଥିତ ବାସଭବନରେ ବ୍ଲକ ଯୁବ ବଜେଡି ସଭାପତି ଶରତ ମହାପାତ୍ରଙ୍କ ନେତୃତ୍ୱରେ ଉଷୁମା ପଞ୍ଚାତର ସରପଞ୍ଚ ମମତାମୟୀ ସୁତାର ଓ ସମିତି ସଭ୍ୟ ଦୁର୍ଗାପ୍ରସାଦ ବାରିକଙ୍କ ତତ୍ତ୍ୱାବଧାନରେ ବିଜେପି ଓ କଂଗ୍ରେସର କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ଦୃଢ ସାଙ୍ଗଠନିକ ନେତୃତ୍ୱ ଓ ବିକାଶ ମୂଳକ କାର୍ଯ୍ୟ ପ୍ରତି ଆସ୍ଥା ପ୍ରକଟକରି ଆଜି ସନ୍ଧ୍ୟାରେ ବିଧାୟକ ଶ୍ରୀ ଜେନାଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେଡିରେ ଯୋଗ ଦେଇଥିବା ଦେଖାଯାଇଛି। ବିଧାୟକ ଶ୍ରୀ ଜେନା ଉଷୁମା ପଞ୍ଚାୟତ ସମେତ ମାହାଙ୍ଗା ନିର୍ବାଚନ ମଣ୍ଡଳିକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରାରେ ଶୀର୍ଷ ସ୍ଥାନରେ ପହଞ୍ଚାଇବା ପାଇଁ ସମସ୍ତେ ଏକାଠି ହୋଇ କାମକରିବା ପାଇଁ କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ।

# ରୁଚି କର୍ମଚାରୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଶିବିର




କଟକ, (ସ୍ୱପ୍ର): ରୁଚି ଉଦ୍ୟୋଗ ପକ୍ଷରୁ ଏହାର ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟସେବା ଶିବିର ଶୁକ୍ରବାର ପୂର୍ବାହ୍ନରେ ରୁଚି ପାସ୍ତା ଭିଲେଜ ଠାରେ ଆୟୋଜିତ ହୋଇଥିଲା । ରୁଚିର ପରିଚାଳନା ନିର୍ଦ୍ଦେଶକ ତଥା ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ଡ. ଶରତ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ । ରୁଚିର ମାନବସମ୍ବଳ ବିଭାଗ ଏବଂ ଭୁବନେଶ୍ୱରର କଳିଙ୍ଗ ହସପିଟାଲ ଲିମିଟେଡ୍ ସହଯୋଗରେ ଆୟୋଜିତ ସ୍ୱାସ୍ଥ୍ୟ ଶିବିରରେ ଡାକ୍ତର ପ୍ରଶାନ୍ତ କୁମାର ରାଉତ ଓ ଡାକ୍ତର ସୌମ୍ୟ ସୌରଭିତ ଚାନ୍ଦ ରୁଚି ଅନୁଷ୍ଠାନର କର୍ମଚାରୀମାନଙ୍କ ରକ୍ତଚାପ, ରକ୍ତ ଶର୍କରା, ଓଜନ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ । ହସପିଟାଲ ପକ୍ଷରୁ ସୁମିତ ଦାସ, ଜ୍ୟୋତି ବେହେରା, ଲିନା ପାଗ, ଦେବେନ୍ଦ୍ର ପୃଷ୍ଟି ଏବଂ ରୁଚିର ମାନବସମ୍ବଳ ବିଭାଗ ମୁଖ୍ୟ ଅମ୍ବରୀଶ ପଟ୍ଟନାୟକ, ମଧୁସ୍ମିତା ବାରିକ, ତପନ ଗିରି, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ବିଶ୍ୱଜିତ ଜେନା ଓ ଲୋକସଂପର୍କ ପ୍ରବନ୍ଧକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବିରୋଧରେ ୩୭୬ ଏବି ଆଇପିସି ଓ ପୋକ୍ସ ଧାରା ୧୨ ଅନୁଯାୟୀ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି ।
ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଜଣେ ମହିଳା ଘରେ ନଥିଲାବେଳେ ଅଭିଯୁକ୍ତ ରଙ୍କନିଧି ମଲ୍ଲିକ ଓରଫ ରିଙ୍କୁ (୨୮) ତାଙ୍କ ଘରକୁ ଆସି ତାଙ୍କ ନାବାଳିକା ଝିଅକୁ ଚକୋଲେଟ୍ ଖାଇବାକୁ ଦେଇଥିଲା । ସେ ଚକୋଲେଟ୍ ନେଇ ଖାଇବା ପରେ ତାଙ୍କ ପାଖରେ ବସିବା ସହ ବଳାତ୍କାର କରିଥିଲା । ନାବାଳିକାଙ୍କ ଚିତ୍କାର ଶୁଣି କିଛି ପଡ଼ୋଶୀ ସେଠାକୁ ଆସି ଅଭିଯୁକ୍ତଙ୍କୁ କାବୁ କରିନେବା ସହ ପିସିଆରକୁ ଡାକି ହସ୍ତାନ୍ତର କରିଥିଲେ । ପିସିଆର ଅଭିଯୁକ୍ତ ରିଙ୍କୁକୁ ଥାନାକୁ ନେଇଥିଲା । ପୀଡ଼ିତା ମା'ଙ୍କ ଏତଲାରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ରିଙ୍କୁକୁ ଶନିବାର କୋର୍ଟଚାଲାଣ କରାଯାଇଥିଲା । ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ରିଙ୍କୁ ଘର ଖୋର୍ଦ୍ଧା ଜିଲ୍ଲା ହଳଦିଆରେ ହୋଇଥିବାବେଳେ ସେ ନୟାପଲ୍ଲୀ ଥାନା ଅଧିନ ନୀଳକଣ୍ଠ ନଗର ସିଆର୍‌ପି ମୁଣ୍ଡାସାହିରେ ରୁହେ ।

# ସଦ୍‌ଗୁରୁ ହସ୍ପିଟାଲରେ ଜରାୟୁ ଗ୍ରୀବା କର୍କଟ ସଚେତନତା ଶିବିର

କଟକ(ସବ୍ୟୁ) : କର୍କଟ ଏକ ମାରାତ୍ମକ ରୋଗ । ଏହି ରୋଗ ହେବା ଜାଣିଲେ ମନ ଭିତରେ ଏକ ଅହେତୁକ ସଂଶୟ ଜାତ ହୁଏ । କିନ୍ତୁ ଏହି ରୋଗର ପ୍ରତିରୋଧ ପାଇଁ ସଚେତନତା ହିଁ ଅମୋଘ ଔଷଧ ବୋଲି ଜଗତପୁର ସ୍ଥିତ ସଦ୍‌ଗୁରୁ ହସ୍ପିଟାଲ୍ ପକ୍ଷରୁ ଏକ ଜରାୟୁ ଗ୍ରୀବା କର୍କଟ ସଂକ୍ରାନ୍ତୀୟ ସଚେତନତା ଶିବିରରେ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ମାନେ କହିଛନ୍ତି । କଟକ ରୋଟାରୀ କ୍ଲବ ଗୋଲଡେନ ଷ୍ଟାର ତରଫରୁ ସଦ୍‌ଗୁରୁ ହସ୍ପିଟାଲର ସମ୍ମିଳନୀ କକ୍ଷ ପରିସରରେ ଏହି ଜରାୟୁ ଗ୍ରୀବା କର୍କଟ (ସର୍ଭିକାଲ କ୍ୟାନ୍ସର)ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ନାରୀ ମାନଙ୍କ ଠାରେ ଦ୍ୱିତୀୟ ସର୍ବାଧିକ କର୍କଟ ରୋଗ ମଧ୍ୟରେ ଜରାୟୁ ଗ୍ରୀବା କର୍କଟ ଏକ ମୁଖ୍ୟ ରୋଗ ରୂପେ ଦେଖାଦେଇଛି । ଜରାୟୁ ଗ୍ରୀବା କର୍କଟ ର ନିରାକରଣ ନିମନ୍ତେ ନିବନ୍ଧନ (ସ୍କ୍ରିନିଙ୍ଗ) ଏବଂ ଟୀକାକରଣ ଅତ୍ୟନ୍ତ ଆବଶ୍ୟକ । ତେଣୁ ୨୦୩୦ ସୁଦ୍ଧା ୯୦ ପ୍ରତିଶତ ଜରାୟୁ କର୍କଟ ରେ ପୀଡିତ ମହିଳାଙ୍କର ଚିକିତ୍ସା କରାଇବା ସରକାରଙ୍କ ଲକ୍ଷ୍ୟ । ଯାହାଫଳରେ କି ଆମେ ଜରାୟୁ ଗ୍ରୀବା କର୍କଟ ରୋଗ ର ନିରାକରଣ କରିପାରିବା । ଏହି କାର୍ଯ୍ୟକ୍ରମ ରେ କଟକ ରୋଟାରି କ୍ଲବ ଗୋଲଡେନ ଷ୍ଟାର କାର୍ଯ୍ୟକର୍ତ୍ତା ମାନଙ୍କ ସହିତ ସମ୍ପାଦକ ବିରଜା ସ୍ୱାଇଁ ଓ ସଭାପତି ପ୍ରଫେସର ଡାକ୍ତର ଶଶୀଭୁଷଣ ରାଉତ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ହରିହର କର୍କଟ କେନ୍ଦ୍ରର ସ୍ତ୍ରୀ କର୍କଟ ରୋଗ ମୁଖ୍ୟ ପ୍ରଫେସର ଡାକ୍ତର ଭାଗ୍ୟଲକ୍ଷ୍ମୀ ନାୟକ ଏବଂ ଏସସିବି ମେଡିକାଲ କଲେଜ ର ସ୍ତ୍ରୀ ଓ ପ୍ରସୁତି ରୋଗ ବିଭାଗ ର ମୁଖ୍ୟ ପ୍ରଫେସର ଡାକ୍ତର ତୁଷାର କର ମହିଳା ମାନଙ୍କ ଠାରେ ଦେଖା ଯାଉଥିବା ବିଭିନ୍ନ ପ୍ରକାର କର୍କଟ ରୋଗ ଉପରେ ଆଲୋକପାତ କରିଥିଲେ । ହସ୍ପିଟାଲ ର ରେଡ଼ିଏସନ ବିଭାଗୀୟ ଡାକ୍ତର ସୌମ୍ୟ ରଞ୍ଜନ ମିଶ୍ର ଏବଂ ଡାକ୍ତର ସୁଲଗ୍ନା ମହାନ୍ତି , ୯ ରୁ ୨୬ ବର୍ଷ ବୟସର ସମସ୍ତ ଝିଅ ଓ ମହିଳା ମାନଙ୍କ ଟୀକାକାରଣ (ଭ୍ୟାକସିନେସନ) କରିବା ପାଇଁ ଓ ୩୫ ବର୍ଷ ରୁ ଉର୍ଦ୍ଧ ମହିଳା ମାନଙ୍କର ପାପସ୍ମିୟର ଏଚପିଭି ,ଡ଼ିଏନଏ ଟେଷ୍ଟିଙ୍ଗ କାରାଯିବା ଉଚିତ ବୋଲି ପରାମର୍ଶ ଦେଇଥିଲେ । ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ମହାନ୍ତି ଏବଂ ମେଡିକାଲ ଅଧିକ୍ଷକ ଡାକ୍ତର ସମିତା ମହାନ୍ତି କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।



### ଅନୁଗୋଳରେ ମହିଳା ସମାବେଶ, ଖମାର ମିଶ୍ରଣ ପର୍ବରେ କେନ୍ଦ୍ରମନ୍ତ୍ରୀ
# ମୋତେ ଯେତେ ଗାଳି ଦେଲେବି ମୁଁ ଜନତାଙ୍କ ସ୍ୱାର୍ଥ ପାଇଁ ସ୍ୱର ଉତ୍ତୋଳନ କରିବି

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ଓ ତାଙ୍କ ସରକାର ଉପରେ ପ୍ରଶ୍ନ କଲେ ଗୁମାସ୍ତା ଗାଳି ମନ୍ଦ କରୁଛନ୍ତି । ମୋତେ ସେମାନେ ଯେତେ ଗାଳିମନ୍ଦ କଲେ ବି ମୁଁ ପାଲଲହଡ଼ା ଓ ଅନୁଗୋଳ ସମେତ ଓଡ଼ିଶାବାସୀଙ୍କ ସ୍ୱାର୍ଥ ଓ ସମସ୍ୟା କଥା ଉଠାଇବି ଏବଂ ବାରମ୍ବାର ଉଠାଇବି ବୋଲି ଅନୁଗୋଳରେ ମହିଳା ସମାବେଶ ଓ ଢେଙ୍କାନାଳ ଖମାରରେ ଆୟୋଜିତ ମିଶ୍ରଣ ପର୍ବରେ ଯୋଗ ଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚଳିତ ଥର ନିର୍ବାଚନ ମୋଦୀ ସରକାରଙ୍କ କଲ୍ୟାଣକାରୀ ୧୦ ବର୍ଷର ଶାସନ ଏବଂ ନବୀନ ସରକାରଙ୍କ ଦୀର୍ଘ ୨୪ ବର୍ଷର ଅପାରଗ ଶାସନ ପାଇଁ ହେବ । ବିଜେଡି ସରକାର ଦୀର୍ଘ ୨୪ ବର୍ଷ ଶାସନରେ ସ୍ଥାନୀୟ ସମାକୋଇ, ଦୁର୍ଗାପୁର କେନାଲର ଅବସ୍ଥା କଣ ? ରେଙ୍ଗାଳି, ପାଲଲହଡା, ଖମାରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଅଛନ୍ତି କି ? ଜଳସେଚନର ସୁବିଧା ନାହିଁଛ ଅପରପକ୍ଷରେ ମୋଦୀ ୧୦ ବର୍ଷରେ ପ୍ରଧାନମନ୍ତ୍ରୀ ଆବାସରେ ଘର, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସ ସହ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ଏବଂ କରୋନା ମହାମାରୀ ସମୟରେ ଟୀକା ଉପଲବ୍ଧ କରାଇଛନ୍ତି । ପ୍ରଧାନମନ୍ତ୍ରୀ ଗରିବ ଲୋକଙ୍କ ମଧ୍ୟରେ ଆଶାର ନୂଆ ସଂଚାର ତିଆରି କରିପାରିଛନ୍ତି । ବିଜେଡି ସରକାର ବ୍ୟାଗ୍ ଖଣ୍ଡେ ଦେଇ ନିଜେ ଚାଉଳ ଦେବାର ଅପପ୍ରଚାର କରୁଛନ୍ତି । କିନ୍ତୁ ଏହା ଉପରେ ପ୍ରଶ୍ନ କଲେ ଗୁମାସ୍ତା ଓ ବିଜେଡି ନେତାମାନେ ଗାଳିମନ୍ଦ କରୁଛନ୍ତି । ମୋତେ ଗୁମାସ୍ତାମାନେ ଯେତେ ଗାଳିମନ୍ଦ କଲେ ବି ମୁଁ ପାଲଲହଡା ସମେତ ଓଡ଼ିଶାବାସୀ ଲୋକଙ୍କ ସ୍ୱାର୍ଥ କଥା ଉଠାଇବି । ମୁଁ ତାଳଚେର ପ୍ରଜାମଣ୍ଡଳ ଆନ୍ଦୋଳନର କର୍ଣ୍ଣଧାର ପବିତ୍ର ମୋହନ ପ୍ରଧାନଙ୍କ ବଂଶଜ । ଅନୁଗୋଳ ରାଜା ସୋମନାଥ ସିଂହ ଜଗଦେବଙ୍କ ତ୍ୟାଗ ଓ ବଳିଦାନର ଭୂମି । ଏହି ସଂଗ୍ରାମୀମାନେ ଇଂରେଜଙ୍କ ଆଗରେ ମୁଣ୍ଡ ନୁଆଇଁ ନଥିଲେ, ମୁଁ ମଧ୍ୟ ତାଙ୍କ ଆଗରେ ମୁଣ୍ଡ ନୁଆଇଁବି ନାହିଁ । ଓଡ଼ିଶାରେ ଦାସତ୍ୱ କିମ୍ବା କ୍ରୀତଦାସ ପାଇଁ ନୁହେଁ, ଏଥର ଲଢେଇ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନ ପାଇଁ ହେବ । ରିମୋର୍ଟରେ ଶାସନ ନୁହେଁ ବରଂ ଲୋକଙ୍କ ଶାସନ ଚଲାଇବା ପାଇଁ ହେବ । ଅନୁଗୋଳରେ ମହିଳା ସମାବେଶ ଓଡ଼ିଶାରେ ପରିବର୍ତ୍ତନକୁ ସୂଚାଉଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।



# ଆପର ନିର୍ବାଚନୀ ପ୍ରଚାର ମଙ୍ଗ ଧରିବେ ସୁନୀତା



**ନୂଆଦିଲ୍ଲୀ:** ରାଜନେତିକ ଲଢେଇରେ ଏଣ୍ଟ୍ରି କରିଥିଲେ ସୁନୀତା କେଜରିୱାଲ । ଏବେ ଦିଲ୍ଲୀ ତଥା ଅନ୍ୟାନ୍ୟ ରାଜ୍ୟରେ ଲୋକସଭା ନିର୍ବାଚନ ପାଇଁ ଆମ୍ ଆଦମୀ ପାର୍ଟିର ସେ ନେତୃତ୍ୱ ନେବେ । ଆପର ପୂର୍ବ ଦିଲ୍ଲୀ ପ୍ରାର୍ଥୀ କୂଲଦୀପ କୁମାରଙ୍କ ସମର୍ଥନରେ ସୁନୀତା କେଜରିୱାଲ ଆଜି ଦେଶର ରାଜଧାନୀରେ କରିବେ ମେଗା ରୋଡ୍ ଶୋ' । ଦଳର ସୂତ୍ରରୁ ପ୍ରକାଶ ଯେ, ଆପ୍ର ପ୍ରଚାର ଅଭିଯାନକୁ ବୃଦ୍ଧି କରିବା ପାଇଁ ସୁନୀତା କେଜରିୱାଲ ଧୀରେ ଧୀରେ ଦଳରେ ଏକ ବଡ଼ ଭୂମିକା ଗ୍ରହଣ କରୁଛନ୍ତି । ଏଭଳି ସ୍ଥିତିରେ ଦଳକୁ ଏକାଠି ରଖିବା ପାଇଁ କେଜରିୱାଲ ହେଉଛନ୍ତି ସର୍ବୋତ୍ତମ ବ୍ୟକ୍ତି । ଦଳର କର୍ମୀଙ୍କ ଉପରେ ତାଙ୍କର ଉପସ୍ଥିତି ଏକ ସକରାତ୍ମକ ପ୍ରଭାବ ପକାଇଛି ବୋଲି ଆପ୍ ମନ୍ତ୍ରୀ ସେରଭ ଭରଦ୍ୱାଜ କହିଛନ୍ତି । ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀକୁ ବିରୋଧ କରି ତାଙ୍କ ପନ୍ୀ ସୁନୀତା କେଜରିୱାଲ ଆଜି ପ୍ରଚାର ମୈଦାନକୁ ଓହ୍ଲାଇବେ । କେଜରିୱାଲଙ୍କ ପାଇଁ ଆଶୀର୍ବାଦ ଏବଂ ଆପ୍ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିବା ପାଇଁ ସେ ପ୍ରଚାର କରିବେ । ସେ ଦିଲ୍ଲୀ, ପଞ୍ଜାବ, ଗୁଜୁରାଟ ଏବଂ ହରିଆଣାର ଲୋକଙ୍କଠାରୁ ଆଶୀର୍ବାଦ ଲୋଡିବେ ବୋଲି ଗତକାଲି ଦିଲ୍ଲୀ ମନ୍ତ୍ରୀ ଅତିଶୀ ଘୋଷଣା କରିଥିଲେ । କହିରଖୁ ଯେ, ଗତ ମାସରେ ସୁନୀତା କେଜରିୱାଲ ଦିଲ୍ଲୀ ଓ ରାଞ୍ଚିରେ ଇଣ୍ଡିଆ ବ୍ଲକର ମେଗା ରାଲିରେ ସାମିଲ ହୋଇଥିଲେ । ଏଥିରେ ସେ ଭାଗ ନେଇ କେନ୍ଦ୍ର ସରକାରଙ୍କୁ କଡା ଟାର୍ଗେଟ କରିଥିଲେ । ବିରୋଧୀ ଶାସିତ ରାଜ୍ୟଗୁଡିକୁ ହଇରାଣ କରିବା ପାଇଁ ବିଜେପି କେନ୍ଦ୍ରୀୟ ଏଜେନ୍ସି ଗୁଡିକର ଦୁରୁପଯୋଗ କରୁଥିବା ସେ ଅଭିଯୋଗ କରିଥିଲେ ।

# ୟୁକ୍ରେନ୍‌କୁ ଆମେରିକା ଦେବ ପାଟ୍ରିଅଟ କ୍ଷେପଣାସ୍ତ୍ର

## ରୁଷିଆକୁ କଡ଼ା ଜବାବ ଦେବାକୁ ରଣନୀତି

**ୱାଶିଂଟନ:** ୟୁକ୍ରେନକୁ ସବୁଠାରୁ ବଡ ସାମରିକ ସହାୟତା ପ୍ରଦାନ କରିବାକୁ ଆମେରିକା ଘୋଷଣା କରିଛି । ଏହା ଅନ୍ତର୍ଗତ ଆମେରିକା ୟୁକ୍ରେନକୁ ୬ ବିଲିୟନ ଡଲାରର ସାମରିକ ସହାୟତା ପ୍ରଦାନ କରିବ । ଯାହା ମାଧ୍ୟମରେ ୟୁକ୍ରେନ ଅସ୍ତ୍ରଶସ୍ତ୍ର କ୍ରୟ କରିବ, ଯେଉଁଥିରେ ପ୍ୟାଟ୍ରିୟଟ୍ ଇଣ୍ଟରସେପ୍ଟର ଏବଂ ନାସାମ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଅନ୍ତର୍ଭୁକ୍ତ । ଏସବୁ ସାହାଯ୍ୟରେ ରୁଷିଆର ବାୟୁ ଆକ୍ରମଣକୁ ଏଡ଼ାଇବା ପାଇଁ ୟୁକ୍ରେନକୁ ଆବଶ୍ୟକ ସହାୟତା ମିଳିପାରିବ । ଦୀର୍ଘ ସମୟ ଧରି ପ୍ୟାଟ୍ରିୟଟ୍ କ୍ଷେପଣାସ୍ତ୍ର ଯୋଗାଇବା ପାଇଁ ୟୁକ୍ରେନ ପକ୍ଷରୁ ଏକ ଦାବି କରାଯାଉଥିଲା । ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ଓଲିଉଡ ଅଷ୍ଟିନ ଶନିବାର ୟୁକ୍ରେନକୁ ସାମରିକ ସହାୟତା ଘୋଷଣା କରିଛନ୍ତି । 'ୟୁକ୍ରେନ ସିକ୍ୟୁରିଟି ଆସିଷ୍ଟାଣ୍ଟ ଇନିସିଏଟିଭ୍' (ୟୁଏସଏଆଇ) ଅନ୍ତର୍ଗତ ଏହି ସହାୟତା ଦିଆଯାଇଛି, ଯାହା ସାହାଯ୍ୟରେ ୟୁକ୍ରେନ ଆମେରିକୀୟ କମ୍ପାନୀମାନଙ୍କଠାରୁ ନୂତନ ଅସ୍ତ୍ରଶସ୍ତ୍ର ହାସଲ କରିବ ବୋଲି ସେ କହିଛନ୍ତି । ପେଣ୍ଟାଗନ୍ କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଅଷ୍ଟିନ୍



କହିଛନ୍ତି ଏହା ହେଉଛି ସର୍ବବୃହତ ସାମରିକ ସହାୟତା ଏବଂ ଖୁବ ଶୀଘ୍ର ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ । ଏହି ସାମରିକ ସହାୟତା ମାଧ୍ୟମରେ ୟୁକ୍ରେନ ଆମେରିକାରୁ ଡ୍ରୋନ୍ ଆଣ୍ଟି ସିଷ୍ଟମ, ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ବାୟୁ-ସ୍ଥଳ ଅସ୍ତ୍ର ପାଇବ । ୟୁକ୍ରେନକୁ ୬୦ ବିଲିୟନ ଡଲାରର ସହାୟତା ପ୍ୟାକେଜ ଦେବାକୁ ଆମେରିକା ଘୋଷଣା କରିଥିଲା । ଏହି ୬ ବିଲିୟନ ଡଲାରର ସାମରିକ ସହାୟତା ସେହି ପ୍ୟାକେଜର ଏକ ଅଂଶ ବୋଲି ସେ କହିଛନ୍ତି । ଏହି ସହାୟତା ଦ୍ୱାରା ରୁଷିଆ ବିରୋଧରେ ଲଢେଇରେ ୟୁକ୍ରେନକୁ ବହୁତ ସାହାଯ୍ୟ ମିଳିପାରିବ । ବିଶେଷକରି ୟୁକ୍ରେନ ଆମେରିକାରୁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଅନ୍ତର୍ଗତ ପ୍ୟାଟ୍ରିୟଟ୍ କ୍ଷେପଣାସ୍ତ୍ର ଏବଂ ନାସାମ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ମଧ୍ୟ ପାଇବ । ଆମେରିକାର ସାମରିକ ସାହାଯ୍ୟକୁ ନେଇ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏନେଇ ଖୁସି ବ୍ୟକ୍ତ କରିଛନ୍ତି । ଜେଲେନସ୍କି କହିଛନ୍ତି ରୁଷିଆର ବାୟୁ ଆକ୍ରମଣର ମୁକାବିଲା ପାଇଁ ୟୁକ୍ରେନକୁ ଅଧିକ ବାୟୁ ପ୍ରତିରକ୍ଷା ପ୍ରଣାଳୀର ଆବଶ୍ୟକତା ରହିଛି । ଅଷ୍ଟିନ କହିଛନ୍ତି ଗତ ଦୁଇ ବର୍ଷ ମଧ୍ୟରେ ଆମେରିକା ଏବଂ ସହଯୋଗୀ ଦେଶ ୟୁକ୍ରେନକୁ ୭୦ ମଧ୍ୟମରୁ ଦୂର ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ, ହଜାରରୁ ଅଧିକ କ୍ଷେପଣାସ୍ତ୍ର, ୩୦୦୦ ଶକ୍ତିଶାଳୀ ଯାନ ସହିତ ୮୦୦ ଟ୍ୟାଙ୍କ ଏବଂ ୧୦ ହଜାର ଆଣ୍ଟି-ଟ୍ୟାଙ୍କ କ୍ଷେପଣାସ୍ତ୍ର ଦେଇଛନ୍ତି । ୟୁକ୍ରେନ ଖୁବ୍ ଶୀଘ୍ର ଏଫ-୧୬ ଯୁଦ୍ଧ ବିମାନ ପାଇବ । ୟୁକ୍ରେନକୁ ସାମରିକ ସହାୟତା ପ୍ରଦାନ କରିବାବେଳେ ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ ଯଦି ୟୁକ୍ରେନକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନିଜ ଦଖଲକୁ ନିଅନ୍ତି ତେବେ ପୁଟିନଙ୍କ ପ୍ରଭାବ ସମଗ୍ର ୟୁରୋପରେ ଦୃଶ୍ୟମାନ ହେବାର ଆଶଙ୍କା ରହିଛି ।

# ବିଜେପିର ୧୫ତମ ପ୍ରାର୍ଥୀ ତାଲିକା: କଟିଲା ପୁନମ୍‌ଙ୍କ ଟିକେଟ୍



**ନୂଆଦିଲ୍ଲୀ:** ବିଜେପି ପକ୍ଷରୁ ଲୋକସଭା ନିର୍ବାଚନ ପାଇଁ ୧୫ତମ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି । ତାଲିକାରେ ଦଳ ପକ୍ଷରୁ ପୁନମ୍ ମହାଜନଙ୍କ ଟିକେଟ୍ କଟାଯାଇଛି । କିନ୍ତୁ ତାଲିକାରେ ଆତଙ୍କବାଦୀ ଅଜମଲ କସାବ୍ ବିରୋଧରେ ଲଢ଼ିଥିବା ଓକିଲ ଉଜ୍ୱଲ ନିକମଙ୍କୁ ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଲୋକସଭା ଆସନରୁ ଦଳ ପକ୍ଷରୁ ଟିକେଟ ଦିଆଯାଇଛି । ଉଜ୍ୱଲ ନିକମ କସାବକୁ ଫାଶୀ ଦେବା ସହ ୧୯୯୩ ବୋମା ବିସ୍ଫୋରଣ, ଗୁଲସନ କୁମାର ହତ୍ୟାକାଣ୍ଡ ଏବଂ ପ୍ରମୋଦ ମହାଜନ ହତ୍ୟାକାଣ୍ଡ ଭଳି ହାଇ ପ୍ରୋଫାଇଲ ମାମଲାରେ ସରକାରୀ ଓକିଲ ଭାବେ ଲଢ଼ିଥିଲେ । ନିକାମ ଆତଙ୍କବାଦ ସମ୍ବନ୍ଧୀୟ ମାମଲାର ଗୁରୁ ବୋଲି କୁହାଯାଉଛି । ତାଙ୍କ ବିଷୟରେ କୁହାଯାଉଛି କୌଣସି ଅପରାଧୀ ସେ ଗ୍ରହଣ କରୁଥିବା ମାମଲାରେ କେବେ ରକ୍ଷା ପାଇପାରି ନାହାନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ସେ ୬୨୮ ଦୋଷୀଙ୍କୁ ଆଜୀବନ କାରାଦଣ୍ଡ ଏବଂ ୩୭ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି । ୨୬/୧୧ ମାମଲାରେ ଜୀବନ୍ତ ଧରାପଡିଥିବା ଆତଙ୍କବାଦୀ ଅଜମଲ କସାବ୍ ମାମଲା ଦାଏର ହେବାପରେ ନିକାମ ପ୍ରଥମ ଥର ପାଇଁ ଚର୍ଚ୍ଚାର ବିଷୟ ପାଲଟିଥିଲେ । ପୁନମ୍ ମହାଜନ ପିତା ପ୍ରମୋଦ ମହାଜନଙ୍କ ହତ୍ୟାପରେ ୨୦୦୬ରେ ବିଜେପିରେ ସାମିଲ ହୋଇଥିଲେ । ୨୦୦୯ରେ ସେ ପ୍ରଥମ ଥର ପାଇଁ ଘାଟକୋପର ୱେଷ୍ଟରୁ ସାଂସଦ ଭାବେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । ୨୦୧୪ରେ ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଲୋକସଭା ଆସନରୁ ଲଢ଼ି କଂଗ୍ରେସର ପ୍ରିୟା ଦତ୍ତଙ୍କୁ ପରାଜିତ କରିଥିଲେ । ପୁନମ୍ ଜଣେ ତାଲିମପ୍ରାପ୍ତ ପାଇଲଟ । ତାଙ୍କର ତାଲିମ୍ ଆମେରିକାର ଟେକ୍ସାସରେ ହୋଇଥିଲା । ତାଙ୍କର ୩୦୦ ଘଣ୍ଟାର ଫ୍ଲାଇଙ୍ଗ୍ ଅଭିଜ୍ଞତା ରହିଛି । ସେ ବାଇଟନ୍ ସ୍କୁଲ୍ ଅଫ୍ ବିଜନେସ୍ ଆଣ୍ଡ୍ ମ୍ୟାନେଜମେଣ୍ଟରୁ ବିଟେକ୍ ଡିଗ୍ରୀ ୨୦୧୨ରେ ହାସଲ କରିଥିଲେ ।

# କେଜରିୱାଲଙ୍କ ଜବାବୀ ସତ୍ୟପାଠ ଦାଖଲ

**ନୂଆଦିଲ୍ଲୀ:** ସୁପ୍ରିମ୍‌କୋର୍ଟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଆଜି ତାଙ୍କର ଜବାବୀ ସତ୍ୟପାଠ ଦାଖଲ କରିଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ତାଙ୍କୁ ଦିଲ୍ଲୀ ଅବକାରୀ ନୀତି ମାମଲାରେ ଲୋକସଭା ନିର୍ବାଚନ ପୂର୍ବରୁ ଗିରଫ କରାଯାଇଥିବା ନେଇ ଇଡି ଯେଉଁ ତଥ୍ୟ ରଖିଛି କେଜରିୱାଲ ତା'ର ଜବାବ ଦେଇଛନ୍ତ । ଜବାବୀ ସତ୍ୟପାଠରେ ସେ ଉଲ୍ଲେଖ କରିଛନ୍ତି ଯେ ତାଙ୍କୁ ଗିରଫ କରାଯାଇ



ଏକ ରାଜନୈତିକ ଖେଳ କରାଯାଇଛି । ଯାହା ମୁକ୍ତ ଓ ଅବାଧ ନିର୍ବାଚନକୁ ବାଧା ସୃଷ୍ଟି କରୁଛି । ଯେଉଁ ସମୟରେ ଓ ଯେଉଁ ତଥ୍ୟ ଆଧାରରେ ତାଙ୍କୁ ଗିରଫ କରାଗଲା ତାହା ହେଉଛି ଏକ ଉଦ୍ଦେଶ୍ୟମୂଳକ ଚିନ୍ତାଧାରା । ଗିରଫର କୌଣସି ଆବଶ୍ୟକତା ନଥିଲା । ମୁକ୍ତ ଓ ଅବାଧ ନିର୍ବାଚନକୁ ବାଧା ସୃଷ୍ଟି କରିବା ପାଇଁ ତାଙ୍କୁ ବେଆଇନ୍ ଗିରଫ କରାଯାଇଛି । କେନ୍ଦ୍ରୀୟ ସଂସ୍ଥା ଇଡି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ତା'ର କ୍ଷମତାର ଅପବ୍ୟବହାର କରୁଛି । ସମ୍ପୃକ୍ତି ନେଇ ତାଙ୍କ ପାଖରୁ କୌଣସି ତଥ୍ୟ ଜବତ ହୋଇନାହିଁ କିମ୍ବା ଟଙ୍କା ମଧ୍ୟ ମିଳିନାହିଁ । ଉଡି ଯେଉଁ ପଦକ୍ଷେପ ନେଇଛି ତାହା ସମ୍ବିଧାନର ଧାରା ୨୧ରେ ଉଲ୍ଲେଖ ଥିବା ମୌଳିକ ଅଧିକାରକୁ ଉଲ୍ଲଘଂନ କରୁଛି । ଇଡି ଭୁଲିଯାଇଛି ଯେ ତାଙ୍କୁ ଯେଉଁ ସମନ ଇସ୍ୟୁ କରାଯାଇଥିଲା ତାହାକୁ ସେ ପ୍ରମାଣିତ କରିପାରିନାହାନ୍ତି । ତାଙ୍କ ନାମରେ କ'ଣ ଅଭିଯୋଗ ରହିଛି ତାହା ମଧ୍ୟ ଜଣାଯାଇନାହିଁ । କେଜରିୱାଲ ଏବେ ତିହାର ଜେଲ୍‌ରେ ଅଛନ୍ତି । ତାଙ୍କୁ ଇଡି ଗିରଫ କରିଛି । ଇଡି ପକ୍ଷରୁ ତାଙ୍କ ନାମରେ ଅପରାଧିକ ଷଡଯନ୍ତ୍ରରେ ସମ୍ପୃକ୍ତ ଥିବା କୁହାଯାଇଛି ।

# କଂଗ୍ରେସକୁ ଭୋଟ ଦେବି: ଉଦ୍ଧବ

**ମୁମ୍ବାଇ:** ଏଥର ବୋଧେ ପ୍ରଥମ ଥର ପାଇଁ ମହାରାଷ୍ଟ୍ରର ଉଦ୍ଧବ ଠାକରେଙ୍କ ପରିବାରର ସଦସ୍ୟ କଂଗ୍ରେସକୁ ଭୋଟ୍ ଦେବେ । ବାସ୍ତବରେ, ମୁମ୍ବାଇ ଉତ୍ତର ମଧ୍ୟ ଲୋକସଭା ଆସନରୁ କଂଗ୍ରେସର ପ୍ରାର୍ଥୀ ହୋଇଥିବା ବର୍ଷା ଗାଏକୱାଡଙ୍କୁ ଭୋଟ ଦେବାକୁ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଠାକରେ ଘୋଷଣା କରିଛନ୍ତି । ଆଜି ଉଦ୍ଧବ କଂଗ୍ରେସ ପ୍ରାର୍ଥୀଙ୍କୁ ସମର୍ଥନ ଜଣାଇଛନ୍ତି ଏବଂ ସେ ତାଙ୍କୁ ଭୋଟ୍ ଦେବେ ବୋଲି କହିଛନ୍ତି । ବାସ୍ତବରେ ବର୍ଷା ଉଦ୍ଧବ ଠାକରେଙ୍କୁ ଭେଟିବା ପାଇଁ ମାତୋଶ୍ରୀରେ ପହଞ୍ଚିଥିଲେ ଯେଉଁଠାରେ ଉଦ୍ଧବ ଠାକରେ ମଧ୍ୟ ତାଙ୍କୁ ଆଶୀର୍ବାଦ ଦେଇଥିଲେ । ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ, ଉଦ୍ଧବ ଠାକରେଙ୍କ ଶିବସେନା ଏବଂ ଶରଦ ପାୱାରଙ୍କ ଏନସିପି ମଧ୍ୟରେ ଏକ ମିଳିତ ମେଣ୍ଟ ରହିଛି, ଯାହା ଅଧୀନରେ କଂଗ୍ରେସ ଏହି ଆସନରୁ ପ୍ରାର୍ଥୀ ଦେଇଛି । ବର୍ଷା ଗାଏକୱାଡଙ୍କୁ ଭେଟିବା ପରେ ଉଦ୍ଧବ ଠାକରେ କହିଛନ୍ତି, 'ମୁଁ ମୁମ୍ବାଇ ଉତ୍ତର ମଧ୍ୟ ଲୋକସଭା ଆସନରୁ ଜଣେ ଭୋଟର ଏବଂ ମୁଁ ବର୍ଷା ଗାଏକୱାଡଙ୍କୁ ଭୋଟ୍ ଦେବି । ଏହି ଲୋକସଭା ନିର୍ବାଚନରେ ଇଣ୍ଡିଆ ମେଣ୍ଟ ଜିତିବ । ସେ ମୋର ସାନ ଭଉଣୀ ପରି ଆମେ ତାଙ୍କୁ ସାଂସଦ ଭାବରେ ଦିଲ୍ଲୀ ପଠାଇବୁ । ଏକଛତ୍ରବାଦୀ ଶାସନକୁ ହଟାଇବା ପାଇଁ ଆମେ ଏକଜୁଟ ହୋଇଛୁ । ବର୍ଷା ଗାଏକୱାଡ ଗାଇକୱାଡ ମୁମ୍ବାଇ କଂଗ୍ରେସର ସଭାପତି । ଉଦ୍ଧବ ଠାକରେ ଏବଂ କଂଗ୍ରେସ ମୁମ୍ବାଇ ଦକ୍ଷିଣ ମଧ୍ୟ ଲୋକସଭା ଆସନ ପାଇଁ ମୁହାଁମୁହିଁ ହୋଇଥିଲେ । ତେବେ ପରେ କଂଗ୍ରେସ ବର୍ଷାଙ୍କ ଆସନ ବଦଳାଇ ତାଙ୍କୁ ମୁମ୍ବାଇ ଉତ୍ତର ମଧ୍ୟ ଆସନରୁ ଟିକେଟ ଦେଇଥିଲା ଏବେ ଏହି ଆସନରୁ ବିଜେପିର ପୁନମ ମହାଜନ ସାଂସଦ ଥିବାବେଳେ ସମ୍ପ୍ରତି ବିଜେପି ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନାହିଁ ।



# ହେଲିକପ୍ଟର ଚଢ଼ିଲା ବେଳେ ପଡ଼ିଗଲେ ମମତା

**କୋଲକାତା:** ନିର୍ବାଚନ ପ୍ରଚାର ବେଳେ ଆହତ ହେଲେ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଲୋକସଭା ନିର୍ବାଚନ ପାଇଁ ପ୍ରଚାର କରିବା ପାଇଁ ମମତା ପଶ୍ଚିମବଙ୍ଗର ଦୁର୍ଗାପୁରରେ ପହଞ୍ଚିଥିଲେ । ପ୍ରଚାର ଶେଷ କରି ଫେରିବା ସମୟରେ ହେଲିକପ୍ଟରରେ ଚିବା ବେଳେ ଏହି ଦୁର୍ଘଟଣା ଘଟିଥିଲା । ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀ ହେଲିକପ୍ଟର ଭିତରକୁ ଯାଇ ତଳେ ପଡ଼ିଯାଇଥିବାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି । କୁହାଯାଇଛି ଯେ ଏହି ଦୁର୍ଘଟଣାରେ ମମତା ସାମାନ୍ୟ ଆହତ ହୋଇଛନ୍ତି । ସୂଚନା ମୁତାବକ, ପ୍ରଚାର ଶେଷ ହେବା ପରେ ହେଲିକପ୍ଟରଟି ମମତାଙ୍କୁ ଦୁର୍ଗାପୁରରୁ ଆସାନସୋଲକୁ ନେବାକୁ ଅପେକ୍ଷା କରିଥିଲା । ଏହି ସମୟରେ ଦିଦି କାରରେ ଆସି ହେଲିକପ୍ଟର ପାଖରେ ପହଞ୍ଚିଥିଲେ । କାରରୁ ବାହାରି ସେ ସିଡି ସାହାଯ୍ୟରେ ହେଲିକପ୍ଟର ଭିତରକୁ ଯିବା ପରେ ତଳେ ପଡ଼ିଯାଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା କର୍ମୀମାନେ ତାଙ୍କୁ ତୁରନ୍ତ ଉଠାଇ ନେଇଥିଲେ । ଏହି ଦୁର୍ଘଟଣାରେ ମମତା ସାମାନ୍ୟ ଆହତ ହୋଇଥିବା କୁହାଯାଉଛି । ଆହତ ହେବା ପରେ ବି ସେ ଆସାନସୋଲ ଯାଇ ପ୍ରଚାର କରିଥିବା ଜଣାପଡ଼ିଛି ।

# ରୁଷରୁ ଭାରତ ଆସୁଥିବା ଜାହାଜ ଉପରେ କ୍ଷେପଣାସ୍ତ୍ର ମାଡ଼

**ଜେରୁଜେଲମ:** ଲୋହିତ ସାଗରରେ ଭାରତ ଅଭିମୁଖେ ଆସୁଥିବା ଏକ ତୈଳବାହୀ ଜାହାଜଉପରେ ପୁଣି ଆକ୍ରମଣ ହୋଇଛି । ହୁତି ବିଦ୍ରୋହୀଙ୍କ ଆକ୍ରମଣରେ ଏହି ଜାହାଜ କ୍ଷତିଗ୍ରସ୍ତ ହେବା ସହ ସେଥିରେ ନିଆଁ ଲାଗିଯାଇଛି । ଜାହାଜଟିରେ ପାନାମାର ପତାକା ଲାଗିଥିବାବେଳେ ତାହା ରୁଷରୁ ଆସୁଥିଲା । ଆକ୍ରମଣ ପରେ ତେଲ ଟ୍ୟାଙ୍କରରୁ ଧୂଆଁ ବାହାରୁଥିବା ମଧ୍ୟ ଦେଖିବାକୁ ମିଳିଛି । ତେବେ ଏପର୍ଯ୍ୟନ୍ତ କ୍ରୁ ମେମ୍ବରଙ୍କ କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି । ଅଧିକାରୀମାନେ କହିଛନ୍ତି ଯେ ଜାହାଜଟି ରୁଷିଆରୁ ଭାରତ ଅଭିମୁଖେ ଯାଉଥିଲା । ଏହି ସମୟରେ ୟେମେନର ହୁତିମାନେ ତାଙ୍କୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରେ ଆକ୍ରମଣ କରିଥିଲେ । ଫଳରେ ତୈଳ ଟ୍ୟାଙ୍କରରେ ନିଆଁ ଲାଗିଯାଇଥିଲା । ତେବେ ଠିକ୍ ସମୟରେ ନିଆଁକୁ ଆୟତ୍ତ କରାଯାଇ ବଡ଼ ଧରଣର କ୍ଷୟକ୍ଷତିକୁ ଏଡ଼ାଇ ଦିଆଯାଇଥିଲା । ଦୀର୍ଘ ଦିନ ପରେ ପୁଣି ଥରେ ଲୋହିତ ସାଗରରେ ୟେମେନର ହୁତିମାନେ ନିଜର ଆତଙ୍କ ଦେଖାଇବା ଆରମ୍ଭ କରିଛନ୍ତି ।

# ଆମେରିକାରେ ପ୍ରବାସୀ ଭାରତୀୟଙ୍କ ପ୍ରତିଭାକୁ ପ୍ରଶଂସା

## ବଡ଼ ବଡ଼ କମ୍ପାନୀରେ ସିଇଓ ପଦବୀ ଦେବାକୁ ସର୍ତ୍ତ

**ନୂଆଦିଲ୍ଲୀ:** ଭାରତୀୟମାନେ ସମଗ୍ର ବିଶ୍ୱରେ ବିଭିନ୍ନ କାର୍ଯ୍ୟାଳୟରେ ସର୍ବଶ୍ରେଷ୍ଠ ପଦବୀରେ ଅବସ୍ଥାପିତ ଅଛନ୍ତି ଏବଂ ସେମାନଙ୍କର ପ୍ରତିଭାକୁ ସର୍ବତ୍ର ପ୍ରଶଂସା କରାଯାଇଥାଏ । ୟୁଟ୍ୟୁବ୍, ଆଡୋବ୍, ଗୁଗୁଲ୍, ଷ୍ଟାରବକ୍ସ ଏବଂ ଆଇବିଏମ୍ ପରି ଅନେକ ବଡ କମ୍ପାନୀର ସିଇଓ ଭାରତୀୟ ଅଟନ୍ତି । ଏହା ବ୍ୟତୀତ ଭାରତୀୟ ଲୋକମାନେ ମଧ୍ୟ ଅନେକ ଆମେରିକୀୟ କମ୍ପାନୀର ସିଇଓ ପଦରେ ଅଛନ୍ତି । ଏହି ସମୟରେ, ଆମେରିକାରେ ଏକ ଧାରା ଆରମ୍ଭ ହୋଇଛି ଯେ ଯଦି ଆପଣ ଆମେରିକାର ଏକ କମ୍ପାନୀର ସିଇଓ ହେବାକୁ ଚାହୁଁଛନ୍ତି, ତେବେ ଜଣେ ଭାରତୀୟ ହେବା ହେଉଛି ପ୍ରଥମ ସର୍ତ୍ତ । ଭାରତରେ ଆମେରିକାର ରାଷ୍ଟ୍ରଦୂତ ଏରିକ୍ ଗାର୍ସେଟି ଏହି ଧାରା ବିଷୟରେ କହିଥିଲେ । ସେ ପ୍ରବାସୀ ଭାରତୀୟମାନଙ୍କୁ ପ୍ରଶଂସା କରି ଏଭଳି କହିଛନ୍ତି । ଆମେରିକାର ରାଷ୍ଟ୍ରଦୂତ ଏରିକ୍ ଗାର୍ସେଟି ନ୍ୟୁଜ୍ ଏଜେନ୍ସି ଏଏନଆଇ ସହିତ ଏକ ସାକ୍ଷାତକାର ସମୟରେ କହିଥିଲେ ପୂର୍ବରୁ ଏକ ଧାରା ଥିଲା ଯଦି ଆପଣ ଜଣେ ଭାରତୀୟ ତେବେ ଆପଣ ଆମେରିକାର ସିଇଓ ହୋଇପାରିବେ ନାହିଁ କିନ୍ତୁ ବର୍ତ୍ତମାନ ଧାରାରେ ପରିବର୍ତ୍ତନ ହୋଇଛି । ତାହା ହେଉଛି ଯଦି ଆପଣ ଜଣେ ଭାରତୀୟ ନୁହଁନ୍ତି ତେବେ ଆପଣ ଆମେରିକାର ସିଇଓ ହୋଇପାରିବେ ନାହିଁ । ସେ ସାକ୍ଷାତକାରରେ କହିଛନ୍ତି ଭାରତୀୟ ଲୋକମାନେ ଆସି ଆମେରିକାରେ ଏକ ବଡ ପରିବର୍ତ୍ତନ କରିଛନ୍ତି । ଏରିକ କହିଛନ୍ତି ଆମେରିକା ଏକ ସୁରକ୍ଷିତ ଦେଶ ଏବଂ ଭାରତୀୟ ଛାତ୍ରଛାତ୍ରୀମାନଙ୍କ କଲ୍ୟାଣ ପାଇଁ ବହୁତ ଯତ୍ନବାନ । ଏହା ସହିତ ସେ ଆମେରିକାରେ ପଢୁଥିବା ଭାରତୀୟ ପିଲାମାନଙ୍କର ପିତାମାତାଙ୍କୁ ମଧ୍ୟ ଆଶ୍ୱାସନା ଦେଇ କହିଛନ୍ତି ଯେ ଯେତେବେଳେ ସେମାନେ ଆମେରିକାରେ ଅଛନ୍ତି, ତୁମର ପିଲାମାନେ ଆମର ସନ୍ତାନ । ପିଟିଆଇ ସହ କଥାବାର୍ତ୍ତା କରି ସେ କହିଛନ୍ତି ଯେ ଆମେରିକାରେ ଅନେକ ଉତ୍ସ ଅଛି ଯାହା ମାନସିକ ସ୍ୱାସ୍ଥ୍ୟ ହେଉ ପିଲାମାନଙ୍କୁ ପ୍ରସ୍ତୁତ କରିବାରେ ସାହାଯ୍ୟ କରିପାରିବ । ସେ ଆହୁରି ମଧ୍ୟ କହିଛନ୍ତି ଆମେରିକାରେ ଭାରତୀୟ ଛାତ୍ରମାନଙ୍କୁ ସାହାଯ୍ୟ କରିବା ପାଇଁ ଅନେକ ଉତ୍ସ ଅଛି ।



# ଥରିଲା ବୋନେନ୍ ଦ୍ୱୀପପୁଞ୍ଜ: ସୁନାମୀ ଆଶଙ୍କା

**ଟୋକିଓ:** ଜାପାନର ଅନେକ ଅଞ୍ଚଳରେ ଭୂକମ୍ପରେ କମ୍ପନ ଅନୁଭୂତ ହୋଇଛି । ଆମେରିକୀୟ ସଂଗଠନ ଯୁକ୍ତରାଷ୍ଟ୍ରର ଭୂତତ୍ତ୍ୱ ସର୍ବେକ୍ଷଣ (ୟୁଏସଜିଏସ) କହିଛି ଜାପାନର ବୋନିନ୍ ଦ୍ୱୀପପୁଞ୍ଜରେ ଘଟିଥିବା ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୫ ମାପ କରାଯାଇଥିଲା । ୟୁଏସଜିଏସ ଅନୁଯାୟୀ, ଭୂକମ୍ପର କେନ୍ଦ୍ର ଭୂଗର୍ଭର ୫୦୩.୨ କିଲୋମିଟର (୩୧୨.୭ ମାଇଲ) ଗଭୀରରେ ଟୋକିଓର ପ୍ରାୟ ୮୭୫ କିଲୋମିଟର ଦକ୍ଷିଣରେ ଥିବା ଦ୍ୱୀପପୁଞ୍ଜର ପଶ୍ଚିମ ଉପକୂଳରେ ଏହି ଭୂକମ୍ପର କେନ୍ଦ୍ର ରହିଥିଲା ବୋଲି ଜିନହୁଆ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି । କେନ୍ଦ୍ରୀୟ ଟୋକିଓରେ ମଧ୍ୟ ହାଲୁକା କମ୍ପନ ଅନୁଭୂତ ହୋଇଥିଲା । ଖବର ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ଭୂକମ୍ପ ଗବେଷଣା କେନ୍ଦ୍ର ପକ୍ଷରୁ କୌଣସି ସୁନାମି ଚେତାବନୀ ଦିଆଯାଇ ନାହିଁ ।



# ମଣିପୁରରେ ସାମି ହିଂସା: ୨ ଯବାନ ଶହୀଦ

**ଇମ୍ଫାଲ:** ପୁଣି ଥରେ ଅଶାନ୍ତ ହୋଇ ଉଠିଛି ମଣିପୁର । ଫୁଟିଛି ଗୁଳି । କେନ୍ଦ୍ରୀୟ ରିଜର୍ଭ ଫୋର୍ସ ଉପରେ ଅତର୍କିତ ଆକ୍ରମଣ କରିଛନ୍ତି କୁକୀ ସମ୍ପ୍ରଦାୟ ଲୋକ । କେନ୍ଦ୍ରୀୟ ରିଜର୍ଭ ଫୋର୍ସର ଯବାନଙ୍କ ଉପରକୁ ହୋଇଛି ଅତର୍କିତ ଆକ୍ରମଣ । ଏଥିରେ ଦୁଇ ଯବାନ ଶହୀଦ ହୋଇଥିବା ଜଣାଯାଇଛି । ଏପରି ସାଂଘାତିକ ଘଟଣା ମଣିପୁରର ବିଷ୍ଣୁପୁର ଜିଲ୍ଲାର ନାରଣସେନାରେ ଘଟିଛି । ଗତକାଲି ବିଳମ୍ବିତ ରାତିରୁ ଆଜି ଭୋର ପର୍ଯ୍ୟନ୍ତ ଉଭୟ ପକ୍ଷ ମଧ୍ୟରେ ଗୁଳି ଚାଳନା ହୋଇଥିବା ଜଣାଯାଇଛି । ଗତ ରାତିରେ କୁକୀ ସମ୍ପ୍ରଦାୟର କିଛି ଲୋକ ଯବାନଙ୍କ ଉପରକୁ ଅତର୍କିତ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଜଣେ ସବ-ଇନ୍ସପେକ୍ଟର ଘଟଣାସ୍ଥଳରେ ଶହୀଦ ହୋଇଥିବା ବେଳେ ୩ ଜଣ ଗୁରୁତର ହୋଇଥିଲେ । ସେମାନଙ୍କୁ ତୁରନ୍ତ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ହେଡ କନଷ୍ଟେବଳଙ୍କ ମୃତ୍ୟୁ ଘଟିଛି । ଶହୀଦ ହୋଇଥିବା ଦୁଇ ଯବାନ ସିଆର୍‌ପିଏଫ୍ ୧୨୮ ବାଟାଲିୟନର ବୋଲି ଜଣାଯାଇଛି । ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାଯାଇଛି ।

# ଲଢ଼ିଲା ମୁମ୍ବାଇ, ଜିତିଲା ଦିଲ୍ଲୀ

## ଆଇପିଏଲ୍ ମହାସମର



ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ନୂଆଦିଲ୍ଲୀର ଫିରୋଜ ଶାହ କୋଟଲା (ଅରୁଣ ଜେଟଲୀ) ଅନ୍ତର୍ଜାତୀୟ ଷ୍ଟାଡିୟମ୍‌ରେ ଧମାକା ଦେଖାଇଛି ଦିଲ୍ଲୀ କ୍ୟାପିଟାଲ୍ସ। ହାଇସ୍କୋରିଂ ମ୍ୟାଚରେ ୫ଥର ବିଜେତା ମୁମ୍ବାଇ ଇଣ୍ଡିଆନ୍ସ ଜିତିବା ପାଇଁ ସଂଘର୍ଷ କରିଥିବା ବେଳେ ବାଜି ମାରିଛି ଦିଲ୍ଲୀ କ୍ୟାପିଟାଲ୍ସ। ମାତ୍ର ୧୦ ରନ୍ ବ୍ୟବଧାନରେ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ ପକେଟସ୍ଥ କରି ଚଳିତ ସଂସ୍କରଣର ପଞ୍ଚମ ବିଜୟ ହାସଲ କରିଛି। ଏହି ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୫୭ ରନ୍ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୯ ୱିକେଟ୍ ହରାଇ ୨୪୭ ରନ୍ କରିଥିଲା। ମାତ୍ର ୧୦ ରନ୍ ପାଇଁ ମୁମ୍ବାଇ ବିଜୟଲକ୍ଷ୍ୟଠୁ ପଛରେ ରହିଯାଇଛି। ଏଥିସହ ମୁମ୍ବାଇ ୯ ମ୍ୟାଚରୁ ୩ ବିଜୟ ଓ ୬ ପରାଜୟ ସହ ୬ ପଏଣ୍ଟ ହାସଲ କରି ନବମ ସ୍ଥାନରେ ରହିଛି। ତେଣୁ ମୁମ୍ବାଇର ପ୍ଲେଅଫ୍ ଆଶା କ୍ଷୀଣ ହେବାରେ ଲାଗିଛି। ଦିଲ୍ଲୀ ୧୦ ମ୍ୟାଚରୁ ୧୦ ପଏଣ୍ଟ ସହ ଟେବୁଲର ପଞ୍ଚମ ସ୍ଥାନକୁ ଉଠିଛି। ଲିଗ୍ ପର୍ଯ୍ୟାୟରେ ଆଉ ୪ଟି ମ୍ୟାଚ ଖେଳିବ ଦିଲ୍ଲୀ। ତେଣୁ ଦଳର ପ୍ଲେ ଅଫ୍ ଆଶା ଜୀବୀତ ରହିଛି।

ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଟସ୍ ଜିତି ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ଆମନ୍ତ୍ରଣ କରିଥିଲେ। କୋଟଲାରେ ବ୍ୟାଟରଙ୍କୁ ସୁହାଇବା ଭଳି ପିଚ ପ୍ରସ୍ତୁତ ହୋଇଥିଲା। ତେଣୁ ଆରମ୍ଭରୁ ଧୂଆଁଧାର ବ୍ୟାଟିଂ କରିଥିଲା ଦିଲ୍ଲୀ। ଜ୍ୟାକ ଫ୍ରାସର ବିଧ୍ୱଂସି ଇନିଂସ ଖେଳିଥିଲେ। ସେ ୨୭ ବଲରୁ ୧୧ଟି ଚୌକା ଓ ୬ଟି ଛକା ସହାୟତାରେ ୮୪ ରନ୍ କରିବାରୁ ପ୍ରଥମ ୱିକେଟ୍ ପାଇଁ ଅଭିଶେକ ପୋରେଲଙ୍କ ସହ ୧୧୪ ରନ୍‌ର ପାର୍ଟନରସିପ୍ ହୋଇଥିଲା। ପୋରେଲ ୨୭ ବଲ୍‌ରୁ ୩୬ ରନ୍ କରିଥିଲେ। ସେହିଭଳି ସାଇ ହୋପ୍ ୧୭ ବଲ୍‌ରୁ ୪୧, ରିଷଭ ପନ୍ତ ୧୯ ବଲ୍‌ରୁ ୨୯ ରନ୍ କରି ଆଉଟ୍ ହୋଇଥିଲେ। ମଧ୍ୟମକ୍ରମର ଦୁଇ ତାରକା ତ୍ରିଷ୍ଟାନ ଷ୍ଟବସ୍ ୨୫ ବଲ୍‌ରୁ ୪୮ ଓ ଅକ୍ଷର ପଟେଲ ୬ ବଲ୍‌ରୁ ୧୧ ରନ୍ କରିବାରୁ ଦିଲ୍ଲୀ ୨୦ ଓଭରରେ ୨୫୭/୪ ରନ୍‌ରେ ପହଞ୍ଚିଥିଲା। ବୋଲିଂରେ ମୁମ୍ବାଇର ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ ହାର୍ଦ୍ଦିକ ପାଣ୍ଡ୍ୟା। ସେ ୨ ଓଭରରେ ୪୧ ରନ୍ ଦେଇଥିଲେ। ସେହିଭଳି ଲୁକ୍ ଉଡ ୪ ଓଭରରେ ୬୮ ରନ୍ ଦେଇ ଗୋଟିଏ ୱିକେଟ୍, ଯଶପ୍ରୀତ ବୁମରା ୪ ଓଭରରେ ୩୫ ବ୍ୟୟ କରି ଗୋଟିଏ ୱିକେଟ୍ ତଥା ପିୟୂଷ ଚାୱଲା ଓ ମହମ୍ମଦ ନବୀ ଗୋଟିଏ କରି ୱିକେଟ୍ ହାସଲ କରିଥିଲେ।

୨୫୮ ରନ୍‌ର ବିଜୟଲକ୍ଷ୍ୟ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଚାଲେଞ୍ଜପୂର୍ଣ୍ଣ ଥିଲା। ଏହାର ପାଖାପାଖି ଦଳ ପହଞ୍ଚିପାରିବ ନାହିଁ ବୋଲି ଆରମ୍ଭରୁ ଲାଗୁଥିଲା। କାରଣ ଇଶାନ କିଷାନ ଓ ରୋହିତ ଶର୍ମା ଭଲ ଆରମ୍ଭ ଦେଇପାରିନଥିଲେ। ପ୍ରଥମ ୱିକେଟ୍ ପାଇଁ ଉଭୟଙ୍କ ମଧ୍ୟରେ ୩୫ ରନ୍‌ର ପାର୍ଟନରସିପ୍ ହୋଇଥିଲା। ରୋହିତ ୮ ଓ ଇଶାନ ୨୦ ରନ୍ କରି ପାଭିଲିୟନ୍ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକୁମାର ଯାଦବ ୧୩ ବଲ୍‌ରୁ ୨୬, ତିଲକ ବର୍ମା ୩୨ ବଲ୍‌ରୁ ୬୩ ଓ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ୨୪ ବଲ୍‌ରୁ ୪୬ ରନ୍ କରି ଦଳୀୟ ସ୍କୋରକୁ ସମ୍ମାନଜନକ ସ୍ଥିତିକୁ ନେଇଥିଲେ। ଏକଦା ଦଳ ବିଜୟଲକ୍ଷ୍ୟରେ ପହଞ୍ଚି ଯିବା ଭଳି ପ୍ରତୀୟମାନ ହୋଇଥିଲା। ତିଲକ ବର୍ମା ଭଲ ଫର୍ମରେ ଥିଲେ। ସେ ୩୨ ବଲ୍‌ରୁ ୬୩ ରନ୍ କରିଥିବା ବେଳେ ରନ୍ ଆଉଟ୍ ହେବାରୁ ମ୍ୟାଚର ମୋଡ ବଦଳିଯାଇଥିଲା। ତିଲକ ଆଉଟ୍ ହେବା ବେଳକୁ ଦଳୀୟ ସ୍କୋର ୧୯.୧ ଓଭରରେ ୨୪୩ ରନ୍ ଥିଲା। ତେଣୁ ମ୍ୟାଚ ଜିତିବା ପାଇଁ ୫ ବଲରୁ ୨୪ ରନ୍‌ର ଆବଶ୍ୟକତା ଥିଲା। ଟିମ୍ ଡେଭିଡ ୩୭, ପିୟୂଷ ଚାୱଲା ୧୦ ଓ ଲୁକ୍ ଉଡ୍ ୯ ରନ କରିବା ସତ୍ତ୍ୱେ ଦଳ ବିଜୟଠାରୁ ୧୦ ରନ୍ ପଛରେ ରହିଯାଇଥିଲା। ବୋଲିଂରେ ଦିଲ୍ଲୀର ରସିକ ସଲମ୍ ୩ଟି, ମୁକେଶ କୁମାର ୩ଟି, ଖଲିଲ ଅହମ୍ମଦ ୨ଟି ୱିକେଟ୍ ଅକ୍ତିଆର କରିଥିଲେ।

### ଆଜିର ମ୍ୟାଚ

| ଗୁଜରାଟ–ବେଙ୍ଗାଲୁରୁ | ଚେନ୍ନାଇ–ହାଇଦ୍ରାବାଦ |
|---|---|
| ସମୟ: ଅପରାହ୍ନ ୩.୩୦ | ସମୟ: ରାତି ୭.୩୦ |
| ସ୍ଥାନ: ଅହମ୍ମଦାବାଦ | ସ୍ଥାନ: ଚେନ୍ନାଇ |

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

## ଗୁଡି ଧରିବାକୁ ଦୌଡିଲେ ପନ୍ତ



ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବେଳେ ଏକ ମଜାଦାର ଘଟଣା ଦେଖିବାକୁ ମିଳିଥିଲା। ଏହି ମ୍ୟାଚରେ ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ୨୫୭ ରନ୍ ସଂଗ୍ରହ କରିଥିଲା। ତେବେ ମୁମ୍ବାଇ ଟିମ୍ ଯେତେବେଳେ ରନ୍‌କୁ ପିଛା କରିବା ପାଇଁ ପଡ଼ିଆକୁ ଓହ୍ଲାଇଥିଲା ସେତେବେଳେ କିଛି ସମୟ ପାଇଁ ମ୍ୟାଚକୁ ବନ୍ଦ ରଖାଯାଇଥିଲା। ପଡ଼ିଆ ଭିତରେ ଏକ ଗୁଡିକୁ ଧରିବା ପାଇଁ ଧାଇଁଥିଲେ ରିଷଭ ପନ୍ତ। ଛୋଟ ପିଲାଙ୍କ ଭଳି ଗୁଡି ପଛରେ ପନ୍ତଙ୍କ ଧାଇଁବା କୌତୁହଳ ସୃଷ୍ଟି କରିଥିଲା। ସେ ବହୁ କଷ୍ଟରେ ଗୁଡିକୁ ଧରିଥିଲେ। ଅମ୍ପାୟାର ତାଙ୍କଠାରୁ ଗୁଡି ନେଇ ଫେରାଇ ଦେଇଥିଲେ। କିଛି ସମୟ ବିରତି ପରେ ପୁଣି ମ୍ୟାଚ ସ୍ୱାଭାବିକ ହୋଇଥିଲା।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ରାଜସ୍ଥାନ | ୯ | ୮ | ୧ | ୧୬ |
| କୋଲକାତା | ୮ | ୫ | ୩ | ୧୦ |
| ସନ୍‌ରାଇଜର୍ସ | ୮ | ୫ | ୩ | ୧୦ |
| ଲକ୍ଷ୍ନୌ | ୯ | ୫ | ୪ | ୧୦ |
| ଦିଲ୍ଲୀ | ୧୦ | ୫ | ୫ | ୧୦ |
| ଚେନ୍ନାଇ | ୮ | ୪ | ୪ | ୮ |
| ଗୁଜରାଟ | ୯ | ୪ | ୫ | ୮ |
| ପଞ୍ଜାବ | ୯ | ୩ | ୬ | ୬ |
| ମୁମ୍ବାଇ | ୯ | ୩ | ୬ | ୬ |
| ବେଙ୍ଗାଲୁରୁ | ୯ | ୨ | ୭ | ୪ |

## ଅର୍ଜୁନ ପୁରସ୍କାରପ୍ରାପ୍ତ ଡିଆଇଜି ସସ୍‌ପେଣ୍ଡ

ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ଯୌନଶୋଷଣ ମାମଲାରେ ସିଆର୍‌ପିଏଫ୍ ଡିଆଇଜି ତଥା ୧୯୮୬ ସିଓଲ ଏସିଆନ୍ସ ଗେମ୍ସ ୨୦୦ ମିଟର ବଟରଫ୍ଲାଏ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିବା ଅର୍ଜୁନ ପୁରସ୍କାରପ୍ରାପ୍ତ ଖଜାନା ସିଂ ସସ୍‌ପେଣ୍ଡ ହୋଇଛନ୍ତି। ଖଜାନା ସିଂଙ୍କ ଉପରେ ସିଆର୍‌ପିଏଫ୍ ମହିଳା କର୍ମଚାରୀଙ୍କୁ ଯୌନଶୋଷଣ କରିବାର ଅଭିଯୋଗ ରହିଛି। ଲୋକସେବା ଆୟୋଗର ସୁପାରିଶ ଓ ଗୃହମନ୍ତ୍ରଣାଳୟର ମଞ୍ଜୁରୀ ପରେ ତାଙ୍କୁ ସସ୍‌ପେଣ୍ଡ କରାଯାଇଛି। ପୀଡ଼ିତା ମହିଳା ସିଆର୍‌ପିଏଫ୍‌ଙ୍କ କର୍ମଚାରୀ ଅଭିଯୋଗ ପରେ ଏହାର ସତ୍ୟାସତ୍ୟ ଯାଞ୍ଚ କରାଯାଇଥିଲା। ଯେଉଁଥିରେ ଅପରାଧ ସମ୍ପର୍କରେ ପ୍ରମାଣ ମିଳିଛି। ଏହାପରେ ସିଆର୍‌ପିଏଫ୍ ଲୋକସେବା ଆୟୋଗକୁ ରିପୋର୍ଟ ଦେଇଥିଲା। ପରେ ଗୃହମନ୍ତ୍ରଣାଳୟ ପରେ ବରଖାସ୍ତ କରିବା ପାଇଁ ସୁପାରିଶ କରିଥିଲା। ଖଜାନା ସିଂ ଏସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଅଧିକାରୀଙ୍କୁ ବରଖାସ୍ତ ନୋଟିସ୍ ଉପରେ ଜବାବ ଦେବାକୁ ୧୫ ଦିନ ସମୟ ଦିଆଯାଇଛି।

## ଜାତୀୟ କରାଟେ ପ୍ରତିଯୋଗିତା ନିମନ୍ତେ ପ୍ରଶିକ୍ଷଣ ଶିବିର



ଭୁବନେଶ୍ୱର,୨୭।୪(ସବ୍ୟୁ): ଆସନ୍ତା ମାସ ୮ରୁ ୧୨ ତାରିଖ ପର୍ଯ୍ୟନ୍ତ ଉତ୍ତରାଖଣ୍ଡର ଡେରାଡୁନଠାରେ ହେବାକୁଥିବା ଜାତୀୟ କ୍ୟାଡେଟ ଜୁନିୟର ୨୧ ବର୍ଷରୁ କମ୍ ବର୍ଗ ଓ ସିନିୟର କରାଟେ ଚାମ୍ପିଅନ୍‌ସିପ୍ ପାଇଁ ଓଡ଼ିଶା ରାଜ୍ୟ କରାଟେ ସଂଘ ଦ୍ୱାରା ମନୋନୀତ ହୋଇଥିବା ୬୨ ଜଣ ପ୍ରତିଯୋଗୀଙ୍କର ପ୍ରଶିକ୍ଷଣ ଶିବିର ସ୍ଥାନୀୟ ଉତ୍କଳ କରାଟେ ସ୍କୁଲଠାରେ ଆରମ୍ଭ ହୋଇଛି। ଏହି ଶିବିର ମେ' ୫ ତାରିଖରେ ଶେଷ ହେବ। ଏହି ଶିବିରକୁ ମୁଖ୍ୟ କୋଚ୍ ତଥା ସଭାପତି ହରିପ୍ରସାଦ ପଟ୍ଟନାୟକ ପରିଚାଳନା କରୁଛନ୍ତି। ସେନ ସାଇ ଖାରବେଳ ମଲ୍ଲିକ, ଅରବିନ୍ଦ ପଟ୍ଟନାୟକ, ଦିଲ୍ଲୀପ କୁମାର ଜେନା, ସନ୍ତୋଷ ମହାରଣା ପ୍ରମୁଖ ପ୍ରଶିକ୍ଷଣ ଶିବିର ପରିଚାଳନାରେ ସହଯୋଗ କରୁଛନ୍ତି।


SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606


## ହାଇଦ୍ରାବାଦ ମାଲିକାଣୀଙ୍କ କ୍ରିକେଟ୍ ସହ କାର୍ ସଉକ୍

ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ଚଳିତ ଆଇପିଏଲ୍ ସିଜନ୍‌ରେ ଦମ୍‌ଦାର ପ୍ରଦର୍ଶନ ଦେଖାଉଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ପଡ଼ିଆକୁ ଏଣ୍ଟ୍ରି ମାତ୍ରେ ହିଁ ବିରୋଧି ଘାଇଲା ହେଉଛନ୍ତି। ବିରୋଧି ଦଳର ବୋଲରଙ୍କୁ ଟାର୍ଗେଟ କରୁଛନ୍ତି ସନ୍‌ରାଇଜର୍ସ ବ୍ୟାଟର। ନିର୍ଘାତ ପିଟୁଛନ୍ତି ଚୌକା ଓ ଛକା କିନ୍ତୁ ଏହା ଭିତରେ ହାଇଦ୍ରାବାଦର ଜଣେ ଚର୍ଚ୍ଚିତ ଝିଅଙ୍କୁ ନେଇ ଚର୍ଚ୍ଚା। ସେ ହେଉଛନ୍ତି ସିନ୍‌ରାଇଜର୍ସ ମାଲିକାଣୀ କାବ୍ୟା ମାରନ୍। ନିଜର ଷ୍ଟାଇଲ ଏବଂ ଲଗଜୁରୀ ଲାଇଫ୍ ଷ୍ଟାଇଲ ପାଇଁ ଖୁବ୍ ଚର୍ଚ୍ଚିତ ଅଛନ୍ତି। କାବ୍ୟା ଚେନ୍ନାଇର ଏକ ବଡ଼ ବ୍ୟବସାୟୀ ପଡ଼ିଆରୁ ଆସିଛନ୍ତି। ତାଙ୍କ ବାପା କଳାନିଧି ମାରନ୍। ସେ ସନ୍‌ଗ୍ରୁପ୍‌ର ଚେୟାରମ୍ୟାନ୍ ତଥା ପ୍ରତିଷ୍ଠାତା। କାବ୍ୟା ୬ ଅଗଷ୍ଟ ୧୯୯୨ରେ ଚେନ୍ନାଇରେ ଜନ୍ମଗ୍ରହଣ କରିଥିଲେ। ଚେନ୍ନାଇ ସ୍କୁଲରୁ ପାଠ ପଢ଼ା ସରିବା ପରେ ଷ୍ଟିଲ୍ ଷ୍ଟେଲା ମାରିସ୍ କଲେଜ୍‌ରୁ କମର୍ସରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଏହାପରେ ଅଧିକ ପଢ଼ିବା ପାଇଁ ବ୍ରିଟେନ୍ ଚାଲିଯାଇଥିଲେ। ସେଠାରେ ସେ ଲିଓନାର୍ଡ ଏନ୍ ଷ୍ଟର୍ଣ୍ଣ ସ୍କୁଲ ଅଫ୍ ବିଜ୍‌ନେସ୍‌ରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଥିଲେ। ପଢ଼ା ସରିବା ପରେ ନିଜ ପାରିବାରିକ ବ୍ୟବସାୟୀ ସନନେଟୱର୍କରେ ସାମିଲ ହୋଇଥିଲେ। ୨୦୧୯ରେ ସନ୍‌ନେଟୱର୍କ ଡାଇରେକ୍ଟର ପ୍ୟାନେଲରେ ତାଙ୍କୁ ସ୍ଥାନ ମିଳିଥିଲା। କ୍ରିକେଟ୍ ପ୍ରତି ତାଙ୍କର ଖୁବ୍ ଆଗ୍ରହ ରହିଛି। ଟିମ୍‌ର ପ୍ଲେୟାର ଚୟନରେ ସେ ଗୁରୁତ୍ୱ ଭୂମିକା ନେଇଛନ୍ତି। ତେବେ କାବ୍ୟା କୋଟି କୋଟି ସମ୍ପତ୍ତିର ମାଲିକାଣୀ କାବ୍ୟାଙ୍କ ବାର୍ଷିକ ଦରମା ୧ କୋଟି ୯ ଲକ୍ଷ ତାଙ୍କ ସମ୍ପତ୍ତିର ମାଲିକ ୪୦୯ କୋଟି ସେ କ୍ରିକେଟ୍ ବ୍ୟତୀତ ବିଳାସପୂର୍ଣ୍ଣ କାରର ସଉକ୍ ରଖିଛନ୍ତି। ତାଙ୍କ ପକ୍ଷରେ ଅନେକ ଲଗଜୁରୀ କାର୍ କଲେକସନ୍ ରହିଛି। କାବ୍ୟାଙ୍କ ପକ୍ଷରେ ରୋଲ୍ସ ରଏଜ୍ ଫେଣ୍ଟମ୍ ଭିଆଇଆଇଆଇ ପିଡବ୍ଲ୍ୟୁବି ରହିଛି। ଯାହାର ଦାମ୍ ୧୨ କୋଟି ୨୦ ଲକ୍ଷ। ଏହା ବ୍ୟତୀତ ତାଙ୍କ ପକ୍ଷରେ ବେଣ୍ଟଲି ବେଣ୍ଟାଇଗା



ଏଲ୍‌ଡବ୍ଲ୍ୟୁବି ରହିଛି। ଯାହାର ମୂଲ୍ୟ ପ୍ରିୟା ୬ କୋଟି। ଏହି କାର୍‌ରେ ଶକ୍ତିଶାଳୀ ଟ୍ୱିନ୍ ଟର୍ବୋ ଭି–୧୨ ଇଞ୍ଜିନ୍ ରହିଛି। ଏହା ବ୍ୟତୀତ ବିଏମ୍‌ଡବ୍ଲ୍ୟୁ, ଇଲେକ୍ଟ୍ରିକାର୍, ଫେରାରୀ ରୋମା ରହିଛି। କାବ୍ୟା ନିଜର ସୁନ୍ଦରତା ଓ ଲଗ୍‌ଜୁରୀ ଲାଇଫ୍ ଷ୍ଟାଇଲ ପାଇଁ ଚର୍ଚ୍ଚାରେ ରହିଛନ୍ତି।



Meera's COURTYARD
AT KURANGA PHULNAKHARA

Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.

For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ସ୍ପାନିଶ୍ ପାରା ବ୍ୟାଡ଼ମିଣ୍ଟନ: ଡବଲ୍ସରେ ରୌପ୍ୟ ଜିତିଲେ ଦୀପରଞ୍ଜନ

ଭୁବନେଶ୍ୱର,୨୭।୪(ସବ୍ୟୁ): ସ୍ପାନିସ ପାରା ବ୍ୟାଡ଼ମିଣ୍ଟନ ଇଣ୍ଟର ନ୍ୟାସନାଲ ପ୍ରତିଯୋଗିତାରେ ଓଡ଼ିଆ ପୁଅ ଦୀପରଞ୍ଜନ ବିଶୋଇଙ୍କ ଦମଦାର ପ୍ରଦର୍ଶନ ଦେଖିବାକୁ ମିଳିଛି। ଦୀପ ରଞ୍ଜନ ପ୍ରତିଯୋଗିତାର ଡବଲ୍ସ ମୁକାବିଲାରେ ରୌପ୍ୟ ପଦକ ଜିତିଛନ୍ତି।

ଡବଲ୍ସ ସେମିଫାଇନାଲରେ ଦୀପରଞ୍ଜନ ବିଶୋଇ ଓ ମନୋଜ ସରକାରଙ୍କ ଯୋଡି ଜୋ ଡଙ୍ଗଯାଇ ଓ ସିଲ କ୍ୟୁଅଙ୍ଗ ୱାଙ୍ଗ'ଙ୍କୁ ୨୧–୧୮, ୨୫–୨୩ ଗେମ୍‌ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ଫାଇନାଲରେ ଦୀପ ରଞ୍ଜନ ବିଶୋଇ ଓ ମନୋଜ ସରକାରଙ୍କ ଯୋଡି ନିଜ ଦେଶର ନେହାଲ ଗୁପ୍ତା ଓ ନବୀନ ଶିବକୁମାରଙ୍କ ଠାରୁ ୨୦–୨୨, ୨୪–୨୨, ୧୯–୨୧ ଗେମ୍‌ରେ ପରାଜିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଆଗରୁ ଦୀପ ରଞ୍ଜନ ବିଶୋଇ ସ୍ପାନିସ ପାରାମିଣ୍ଟନ ପ୍ରତିଯୋଗିତାରେ ଲେବୁଲ ୨ ପ୍ରତିଯୋଗିତାରେ ମଧ୍ୟ ରୌପ୍ୟ ପଦକ ହାତେଇଥିଲେ। ଓଡ଼ିଶାରୁ ଦୀପ ରଞ୍ଜନ ବିଶୋଇ, ଶୁଭ୍ରଜିତ ମହାରଣା ଏବଂ ଦିଲେଶ୍ୱର ରାଓ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ଜାହିରଙ୍କ ବିଶ୍ୱକପ୍ ଦଳରେ କାହାକୁ ମିଳିଲା ସ୍ଥାନ



ନୂଆଦିଲ୍ଲୀ,୨୭।୪(ଏଜେନ୍ସି): ଆଉ ଦିନ କେଇଟା ପରେ ଟି–୨୦ ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷଣା ହେବ। ଏହା ପୂର୍ବରୁ ଅନେକ ବରିଷ୍ଠ କ୍ରିକେଟ୍‌ର ନିଜ ପସନ୍ଦର ୧୫ ଜଣିଆ ଭାରତୀୟ ଦଳ ଚୟନ କରୁଛନ୍ତି। ଇର୍ଫାନ ପଠାନ, ଅମ୍ବାତି ରାଇଡୁ ଓ ହରଭଜନ ସିଂଙ୍କ ପରେ ପୂର୍ବତନ କ୍ରିକେଟ୍‌ର ଜାହିର ଖାନ୍ ନିଜ ପସନ୍ଦର ୧୫ ଜଣିଆ ଟି–୨୦ ବିଶ୍ୱକପ୍ ଦଳ ଚୟନ କରିଛନ୍ତି। ଜାହିର ନିଜ ଦଳରେ କେବଳ ଜଣେ ୱିକେଟ୍ କିପର ବ୍ୟାଟରଙ୍କୁ ରଖିଛନ୍ତି। ଜାହିରଙ୍କ ମତରେ ପନ୍ତଙ୍କ ବ୍ୟତୀତ ଅନ୍ୟ ୱିକେଟ୍ କିପର ଚୟନ କରିବା ଉଚିତ ନୁହେଁ। ସେହି ସ୍ଥାନରେ ଜଣେ ବୋଲରଙ୍କୁ ରଖିବା ଉଚିତ। ଜିଓ ସିନେମାରେ ଆଲୋଚନା ବେଳେ ଜାହିର କହିଛନ୍ତି ପନ୍ତ ମୋ ଦଳରେ ଏକମାତ୍ର ୱିକେଟ୍‌କିପର। ମୁଁ ୪ ଜଣ ଦ୍ରୁତ ବୋଲରଙ୍କ ଉପରେ ଗୁରୁତ୍ୱ ଦେଉଛି। ରୋହିତ ଶର୍ମାଙ୍କ ସହ ଅନ୍ୟ ଜଣେ ଓପନର ଚୟନ କରିବା ଚୟନକର୍ତ୍ତାଙ୍କୁ ଅଡୁଆରେ ପକାଇପାରେ। ଶୁଭମନ ଗିଲ ଓ ଯଶସ୍ୱୀ ଜୟଶ୍ୱାଲଙ୍କ ମଧ୍ୟରୁ ଜଣକୁ ଦଳରେ ସ୍ଥାନ ମିଳିବ। କେବଳ ବ୍ୟାକ୍‌ଅପ୍ ଭାବେ ଅନ୍ୟ ଜଣଙ୍କୁ ଦଳରେ ସୀମିତ ରଖିବା ଉଚିତ ହେବ ନି। ଜାହିରଙ୍କ ଦଳରେ ରୋହିତ ଶର୍ମା, ଗିଲ/ଜୟଶ୍ୱାଲ, ବିରାଟ କୋହଲି, ସୂର୍ଯ୍ୟ କୁମାର ଯାଦବ ଓ ରିଙ୍କୁ ସିଂଙ୍କୁ ସାମିଲ କରିଛନ୍ତି। ଅଲ୍‌ରାଉଣ୍ଡର ଭାବେ ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା ଓ ରବିନ୍ଦ୍ର ଜାଡେଜାଙ୍କୁ ରଖିଛନ୍ତି। ବୋଲିଂ ବର୍ଗରେ ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ଅର୍ଶଦୀପ ସିଂ, ଯଶ ଦୟାଲ, କୁଲଦୀପ ଯାଦବ ଓ ୟୁଜବେନ୍ଦ୍ର ଚହଲଙ୍କୁ ରଖିଛନ୍ତି।


ସୂଚନା
ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ। ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ। ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।


Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, **Chief Editor:** Rakesh Chandra Mohanty: **ମୁଖ୍ୟ ସମ୍ପାଦକ:** ରାକେଶ ଚନ୍ଦ୍ର ମହାନ୍ତି। **Editor:** Papu Mohanty: **ସମ୍ପାଦକ:** ପପୁ ମହାନ୍ତି